ଛଅବର୍ଷ ପରେ ଏକାଠି
ସଞ୍ଜୟ-ରଣବୀର

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

DSPL-594

OSRTC | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

GATISHILA ODISHA - NABIN ODISHA
LAXMI

ଘରେ ଘରେ ଲକ୍ଷ୍ମୀ



ଲକ୍ଷ୍ମୀ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ

- ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁନିଶ୍ଚିତ ବସ୍ ସଂଯୋଗ
- ସୁଲଭ ଓ ନିର୍ଭରଯୋଗ୍ୟ ସେବା
- ମହିଳା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା
- ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ
- ଯାତ୍ରୀ ଏବଂ ସଡ଼କ ସୁରକ୍ଷାକୁ ଗୁରୁତ୍ୱ
- ସ୍ୱଚ୍ଛ ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ସାଧାରଣ ପରିବହନ

ମହିଳାମାନଙ୍କ ପାଇଁ ପଞ୍ଚାୟତରୁ ବ୍ଲକ୍ କୁ ଯିବା ଆସିବା
୫ ଟଙ୍କା ମାତ୍ର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା **ଶୁଭାରମ୍ଭ**

ଅନୁଗୁଳ | ଢେଙ୍କାନାଳ | ଦେଓଗଡ
୩୧ ଜାନୁଆରୀ ୨୦୨୪

OIPR-38002/13/0030/2324

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

୩୦ ଘଣ୍ଟାର ଲୁଚକାଳି ଖେଳ ଶେଷ; ଆଜି ଇଡିରେ ହାଜର ହେବେ ହେମନ୍ତ

କଳ୍ପନା ସୋରେନ୍ ଝାଡ଼ଖଣ୍ଡର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ !

ରାଞ୍ଚି,୩୦।୧(ଏଜେନ୍ସି)

- ରାଞ୍ଚିରେ ବିଧାୟକଙ୍କ ସହ ବୈଠକ କଲେ ସୋରେନ୍
- ହେମନ୍ତଙ୍କ ଗିରଫ ହେବା ବିଷୟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋରଦାର୍

ଦୀର୍ଘ ୩୦ ଘଣ୍ଟାର ଲୁଚକାଳି ଖେଳ ପରେ ମଙ୍ଗଳବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସାମ୍ନାକୁ ଆସିଛନ୍ତି। ଜମି ଦୁର୍ନୀତି ଏବଂ ଅର୍ଥ ହେରଫେର ମାମଲାରେ ଗତକାଲି ଇଡି ହେମନ୍ତଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚି ତାଙ୍କୁ ଖୋଜିଥିଲା। କିନ୍ତୁ ହେମନ୍ତଙ୍କ ଖୋଜଖବର ମିଳି ନଥିଲା। ହେମନ୍ତ ଏକ ଘରୋଇ ବିମାନରେ ରାଞ୍ଚିରୁ ଦିଲ୍ଲୀ ଯାଇଥିଲା ବେଳେ ସେହି ବିମାନରେ ରାଞ୍ଚି ପଳାଇ ଯିବାକୁ ଉଦ୍ୟମ କରିଥିବେ ଆକଳନ କରି ଇଡି ଅଧିକାରୀମାନେ ବିମାନ ବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ହେମନ୍ତଙ୍କ ବିମାନ ଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନଥିଲା। ଏହାପରେ ଇଡି ହେମନ୍ତଙ୍କ ବାସଭବନରେ ଚଢଉ କରି ନଗଦ ୩୦ ଲକ୍ଷ ଟଙ୍କା ସମେତ ଦୁଇଟି ଦାବୀ ଗାଡି ଜବତ କରିଥିଲା। ଏହାସତ୍ତ୍ୱେ ହେମନ୍ତଙ୍କ ସମ୍ପର୍କରେ କିଛି ସୂଚନା ମିଳି ନଥିଲା। କିନ୍ତୁ ହେମନ୍ତ ରାତାରାତି ସଡ଼କ ପଥରେ ରାଞ୍ଚି ପଳାଇ ଆସିଥିବା କୁହାଯାଇଥିଲା ବେଳେ ମଙ୍ଗଳବାର ଅପରାହ୍ନରେ ରାଞ୍ଚିସ୍ଥିତ ତାଙ୍କ ବାସଭବନରେ ବିଧାୟକ ଦଳ ବୈଠକ ଡାକି ରାଜ୍ୟର ସାଂପ୍ରତିକ ସ୍ଥିତି ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଜାଣିଶୁଣି ଝାଡ଼ଖଣ୍ଡରେ ଅସ୍ଥିରତା ସୃଷ୍ଟି କରି ଏଠାରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ମସୁଧା କରୁଛନ୍ତି ବୋଲି ହେମନ୍ତ ବିଧାୟକମାନଙ୍କୁ କହିଥିଲେ। ସେ ବୁଧବାର ଇଡି ନିକଟରେ ହାଜର ହେବେ ବୋଲି ଇ-ମେଲ ଜରିଆରେ ଜଣାଇଥିଲେ ମଧ୍ୟ ଇଡି ଅଧିକାରୀମାନେ କାହିଁକି ତାଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚିଥିଲେ ବୋଲି ପ୍ରଶ୍ନ କରିଥିଲେ। ତେବେ ଆସନ୍ତାକାଲି ସେ ରାଞ୍ଚିସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। କିନ୍ତୁ ଏହି ସମୟରେ ଇଡି ହେମନ୍ତଙ୍କୁ ଗିରଫ କରିବାର ସମ୍ଭାବନାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହାକୁ ମଧ୍ୟ ହେମନ୍ତ ନିଜେ ଅନୁଭବ କରିଥିବା କୁହାଯାଉଛି। ତେଣୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ସେ ସମ୍ପର୍କରେ ହେମନ୍ତ ନିଜ ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ବିଧାୟକଙ୍କ ସହ ହୋଇଥିବା ବୈଠକରେ ପ୍ରଥମଥର ପାଇଁ ତାଙ୍କ ପତ୍ନୀ କଳ୍ପନା ସୋରେନଙ୍କୁ ଦେଖାଯାଇଥିଲା ବେଳେ କଳ୍ପନା ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି କୁହାଯାଉଛି। ସେ ଜଣେ ଓଡ଼ିଆ ଝିଅ। କିନ୍ତୁ କଳ୍ପନାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ବିଷୟକୁ ଜେଏମ୍‌ଏମ୍ ଏବଂ କଂଗ୍ରେସର କିଛି ବିଧାୟକ ବିରୋଧ କରୁଥିବା କୁହାଯାଉଛି। ତେବେ ଆସନ୍ତାକାଲି ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ଆକଳନ କରାଯାଇଛି।

ତେଜସ୍ୱୀଙ୍କୁ ଇଡିର ୮ ଘଣ୍ଟା ଜେରା

ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଗତକାଲି ୧୦ ଘଣ୍ଟା ଜେରା କରାଯାଇଥିଲା। ଏହାର ଦିନକ ପରେ ଲାଲୁଙ୍କ ପୁଅ ତଥା ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଇଡି ୮ ଘଣ୍ଟା ଜେରା କରିଛି। ତେଜସ୍ୱୀଙ୍କୁ ହାଜର ହେବାକୁ ଗତ ୨୮ ତାରିଖରେ ସମନ କରାଯାଇଥିଲା। ସେହି ଅନୁସାରେ ସେ ମଙ୍ଗଳବାର ଦିନ ପ୍ରାୟ ୧୧ଟା ବେଳେ ପାଟନାସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ତାଙ୍କ ନାମରେ ଅନେକ ବେଆଇନ ସମ୍ପତ୍ତି ରହିଥିବା ଦର୍ଶାଇ ଇଡିର ଏକ ୧୨ ଜଣିଆ ଟିମ୍ ତେଜସ୍ୱୀଙ୍କୁ ଜେରା କରିଛି। ଏହି ଦୁର୍ନୀତି ମାମଲାରେ ଇଡି ତେଜସ୍ୱୀଙ୍କ ସମେତ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ବିରୋଧରେ ଦିଲ୍ଲୀ ରାଉଜ୍ ଆଭେନ୍ୟୁ କୋର୍ଟରେ ଚାର୍ଜସିଟ୍ ମଧ୍ୟ ଦାଖଲ କରିଛି। ଆସନ୍ତା ମାସ ୯ ତାରିଖରେ ଏହି ମାମଲାର ଶୁଣାଣି ହେବ।

- ଆଜି ଠାରୁ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ

୧୪୬ ସାଂସଦଙ୍କ ଉପରୁ ହଟିବ ନିଲମ୍ବନ ଆଦେଶ

ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ବୁଧବାର ଠାରୁ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ତେବେ ଏହାପୂର୍ବରୁ ଉଭୟ ଗୃହରୁ ନିଲମ୍ବିତ ହୋଇଥିବା ସମସ୍ତ ସାଂସଦଙ୍କ ଉପରୁ କଟକଣା ହଟାଇ ଦିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମଙ୍ଗଳବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଶୀତ ଅଧିବେଶନରେ ନିଲମ୍ବିତ ହୋଇଥିବା ବିରୋଧୀ ଦଳର ସବୁ ସାଂସଦଙ୍କ ନିଲମ୍ବନ ରଦ୍ଦ କରାଯିବ। ଇତିମଧ୍ୟରେ ରାଜ୍ୟସଭାରୁ ନିଲମ୍ବିତ ହୋଇଥିବା ସମସ୍ତ ୧୧ ଜଣ ସାଂସଦଙ୍କ ନିଲମ୍ବନ ବାତିଲ ହୋଇଛି। ଶୀତ ଅଧିବେଶନରେ ସ୍ୱାଧିକାର ଭଙ୍ଗ କାରଣରୁ ୧୧ ସାଂସଦଙ୍କ ନିଲମ୍ବନ ଆଦେଶକୁ ରାଜ୍ୟସଭା ଅଧ୍ୟକ୍ଷ ପ୍ରତ୍ୟାହାର କରିନେଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଶୀତ ଅଧିବେଶନରେ ବିରୋଧୀ ଦଳର ୧୪୬ ଜଣ ସାଂସଦଙ୍କୁ ନିଲମ୍ବନ କରାଯାଇଥିଲା। ସଂସଦ ସୁରକ୍ଷା ତ୍ରୁଟି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସାଂସଦମାନେ ଗୃହରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଜବାବ ଦାବି କରି ଗୃହ କାର୍ଯ୍ୟ ଅଚଳ କରିଦେଇଥିଲେ। ଯାହାକୁ ନେଇ ବିଭିନ୍ନ ଦଳର ୧୪୬ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା। ତେବେ ବଜେଟ୍ ଅଧିବେଶନରେ ସେମାନଙ୍କ ନିଲମ୍ବନ ଆଦେଶ ରଦ୍ଦ କରି ଦିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି।

- ନିର୍ବାଚନ ଲଢିବା ଆଶା ଧୂଳିସାତ୍

ଇମ୍ରାନଙ୍କ ସହ ମେହମୁଦ୍ କ୍ୟୁରେସିଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ

ଇସଲାମାବାଦ,୩୦।୧(ଏଜେନ୍ସି): ଆସନ୍ତା ମାସରେ ପାକିସ୍ତାନରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଏଠାକାର ସବୁ ରାଜନୀତିକ ଦଳଗୁଡିକୁ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କିନ୍ତୁ ଏଭଳି ସମୟରେ ପିଟିଆଇ ଦଳ ମୁଖିଆ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏବଂ ପୂର୍ବତନ ବୈଦେଶିକ ମନ୍ତ୍ରୀ ମେହମୁଦ୍ କ୍ୟୁରେସିଙ୍କୁ ଝଟକା ଲାଗିଛି। ସିଫର(ଜାତୀୟ ସୁରକ୍ଷା) ମାମଲାରେ ପାକିସ୍ତାନ କୋର୍ଟ ଏହି ଦୁଇ ଜଣଙ୍କୁ ୧୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ କରିଛନ୍ତି। ରାଓ୍ୱଲପିଣ୍ଡିର ସ୍ୱତନ୍ତ୍ର କୋର୍ଟ ଏହି ରାୟ ଦେଇଥିଲା ବେଳେ ଆସନ୍ତା ନିର୍ବାଚନରେ ଇମ୍ରାନ ପ୍ରତିଦ୍ୱନ୍ଦ୍ୱିତା କରିବା ଆଶା ମଉଳିଯାଇଛି। ତେବେ ସ୍ୱତନ୍ତ୍ର ଅଦାଲତଙ୍କ ଏହି ରାୟକୁ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିବାକୁ ଇମ୍ରାନଙ୍କ ଦଳ କହିଛି। ଉଲ୍ଲେଖଯୋଗ୍ୟ ଯେ ଜାତୀୟ ସୁରକ୍ଷା ସମ୍ପର୍କିତ ମାମଲା ' ସିଫର' ୨୭ ମାର୍ଚ୍ଚ ୨୦୨୨ରେ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଥିଲା। କ୍ଷମତାରୁ ବିଦା ହେବା ପରେ ଇମ୍ରାନ ଏକ ରାଲିରେ ତାଙ୍କୁ କ୍ଷମତାରୁ ହଟାଇବା ପାଇଁ ଅନ୍ତର୍ଜାତୀୟ ଶକ୍ତିଙ୍କ ଦ୍ୱାରା ଷଡ଼ଯନ୍ତ୍ର କରାଯାଇଥିବା କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କିଛି ଗୁପ୍ତ ସୂଚନାକୁ ଇମ୍ରାନ ତାଙ୍କ ବ୍ୟକ୍ତିଗତ ବ୍ୟବହାରରେ ଲଗାଇଥିବା ଅଭିଯୋଗ ହୋଇଥିଲା।

ଆମେରିକାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ୱାଶିଂଟନ, ୩୦।୧ (ଏଜେନ୍ସି): ଆମେରିକା ଜର୍ଜିଆରେ ଭାରତୀୟ ଛାତ୍ର ବିବେକ ସୈନି (୨୫)ଙ୍କୁ ହତ୍ୟା କରାଯାଇଛି। ଏକ ଫୁଡ୍ ମାର୍ଟ ଭିତରେ ଜଣେ ନିରାଶ୍ରୟ ବ୍ୟକ୍ତି ବିବେକଙ୍କ ମୁଣ୍ଡକୁ ହାତୁଡ଼ାରେ ୫୦ ଥର ପିଟି ହତ୍ୟା କରିଛି। ସୂଚନା ଅନୁଯାୟୀ ବିବେକ ଏକ ଫୁଡ୍ ମାର୍ଟରେ କାମ କରୁଥିଲେ। ଫୁଡ ମାର୍ଟ ବାହାରେ ଜଣେ ନିରାଶ୍ରୟ ବ୍ୟକ୍ତି ଜୁଲିୟାନ ଫକନର ବସୁଥିଲେ। ବିବେକ ଏବଂ ଅନ୍ୟ କର୍ମଚାରୀ ତାଙ୍କୁ ରହିବାକୁ ଜାଗା ଦେଇଥିଲେ। କିନ୍ତୁ ଗତ ୧୬ ତାରିଖରେ ବିବେକ ତାଙ୍କୁ ଘରୁ ବାହାରି ଯିବାକୁ କହିଥିଲେ। ଏଥିରେ ଫକନର ଉତ୍କ୍ଷିପ୍ତ ହୋଇ ତାଙ୍କୁ ହତ୍ୟା କରିଥିଲେ। ପୁଲିସ ଏହି ହତ୍ୟାକାରୀକୁ ଗିରଫ କରିଛି।

ଦୁର୍ଘଟଣାରେ କଂଗ୍ରେସ ନେତା ଆହତ, ପତ୍ନୀ ମୃତ

ଅଲୱର,୩୦।୧(ଏଜେନ୍ସି): ରାଜସ୍ଥାନର ଅଲୱାର ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶବନ୍ତ ସିଂଙ୍କ ପୁତ୍ର ମାନବେନ୍ଦ୍ର ସିଂ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ତାଙ୍କ ପତ୍ନୀ ଚିତ୍ରା ସିଂଙ୍କ ମୃତ୍ୟୁ ହୋଇଥିବା ବେଳେ ମାନବେନ୍ଦ୍ରଙ୍କ ପୁଅ ଏବଂ ଅନ୍ୟ ଦୁଇ ଜଣ ମଧ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଲୱାର ଜିଲ୍ଲାର ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେର ଖୁଶପୁରୀ ନିକଟରେ ଏହି ଦୁର୍ଘଟଣା ଘଟିଛି। ମାନବେନ୍ଦ୍ର ସିଂଙ୍କ କାର ଏକ ଡିଭାଇଡରରେ ପିଟି ହୋଇଯାଇ କ୍ଷତିଗ୍ରସ୍ତ ହୋଇଛି । ଏହି କାରଣରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।

ଚଣ୍ଡିଗଡ଼ ମେୟର ନିର୍ବାଚନରେ ବିଜେପିର ବାଜିମାତ୍

ଚଣ୍ଡିଗଡ଼,୩୦।୧(ଏଜେନ୍ସି)

- ୮ ଭୋଟ୍ ନାକଚ ହେବା ଘଟଣାକୁ ଆପ୍‌ର ବିରୋଧ
- ନିର୍ବାଚନ ହାରିବାରୁ କାନ୍ଦିଲେ ଆପ୍ ପ୍ରାର୍ଥୀ

ଚଣ୍ଡିଗଡ଼ ମେୟର ନିର୍ବାଚନରେ ବିଜେପି ଅପ୍ରତ୍ୟାଶିତ ଭାବେ ବିଜୟୀ ହୋଇଛି। ସଂଖ୍ୟା ଗରିଷ୍ଠତା ପାଇଁ ବିଜେପି ନିକଟରେ ସମ୍ବଳ ନଥିଲେ ମଧ୍ୟ ବିଜେପି ପ୍ରାର୍ଥୀ ମେୟର ନିର୍ବାଚନରେ ବିଜୟୀ ହୋଇଛନ୍ତି। ମେୟର ନିର୍ବାଚନରେ ୮ ଭୋଟ୍ ନାକଚ ହୋଇଯାଇଥିବାରୁ ବିଜେପି ଏହି ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି। କିନ୍ତୁ ଏହାକୁ ଆପ୍ ଏବଂ କଂଗ୍ରେସ ଜୋରଦାର ବିରୋଧ କରିଛନ୍ତି। ବିଜେପି ଦିନ ଦ୍ୱିପ୍ରହରରେ ବେଇମାନୀ କରିଛି। କିନ୍ତୁ ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଚିନ୍ତାଜନକ ବୋଲି ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଣ୍ଡିଗଡ଼ ପୌର ନିଗମର ମୋଟ ପାର୍ଷଦଙ୍କ ସଂଖ୍ୟା ୩୫ ରହିଥିଲା ବେଳେ ବିଜେପିର ୧୪ , ଆପ୍‌ର ୧୩, କଂଗ୍ରେସର ୭ ଏବଂ ଅକାଳୀ ଦଳର ଜଣେ ପାର୍ଷଦ ରହିଛନ୍ତି। କିନ୍ତୁ ମେୟର ନିର୍ବାଚନରେ ଆପ୍ ଓ କଂଗ୍ରେସ ମିଳିତ ଭାବେ ଲଢୁଥିଲା ବେଳେ ସେମାନଙ୍କ ନିକଟରେ ୨୦ ପ୍ରାର୍ଥୀ ଥିଲେ। କିନ୍ତୁ ଭୋଟ ବେଳେ ନିର୍ବାଚନ ଅଧିକାରୀ ଅଚାନକ ଭାବେ ୮ ଭୋଟ ନାକଚ କରିଦେବାରୁ ବିଜେପି ୧୬ଟି ଭୋଟ ପାଇ ନିର୍ବାଚନ ଜିତିଥିଲା। ବିଜୟକୁ ନେଇ ବିଜେପି ଖୁସି ମନାଇଥିଲା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଜେପିକୁ ଅସାଧୁ ଦଳ ବୋଲି କହିଛନ୍ତି। ସେ କହିଛନ୍ତି,ଯେତେବେଳେ କୌଣସି ଭୋଟ ନାକଚ ହୁଏ ସେତେବେଳେ ନିର୍ବାଚନ ଅଧିକାରୀ ଏହାକୁ ସବୁ ଦଳର ଏଜେଣ୍ଟମାନଙ୍କୁ ଦେଖାଇଥାଆନ୍ତି। କିନ୍ତୁ ସେମିତି କିଛି ବି ହୋଇନି।ନିର୍ବାଚନ ଏଜେଣ୍ଟ କିମ୍ବା ଡେପୁଟି କମିସନରଙ୍କୁ ବାଲଟ ପେପର ଦେଖିବାକୁ ଦିଆଯାଇନି। ଏକତରଫା ଭାବେ ଭୋଟ ନାକଚ କରାଯାଇଛି। ଭୋଟ ନାକଚ ହେବା ଘଟଣାକୁ ସେ ବିଜେପିର ଚାଲ ବୋଲି କହିବା ସହିତ ଦିନ ଦ୍ୱିପ୍ରହରରେ ଏହି ଦଳ ବେଇମାନୀ କରିଛି ବୋଲି କହିଛନ୍ତି। ଯଦି ମେୟର ନିର୍ବାଚନରେ ବିଜେପି ଏତେ ତଳକୁ ଖସିପାରୁଛି ତେବେ ସାଧାରଣ ନିର୍ବାଚନରେ ଏହି ଦଳ କ'ଣ ନ କରିବ ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି। ତେବେ ଫଳାଫଳକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ଲୋକସଭା ପୂର୍ବରୁ ପ୍ରଥମଥର ପାଇଁ ଆପ୍ ଓ କଂଗ୍ରେସ ମିଳିତ ଭାବେ ଇଣ୍ଡିଆ ମେଣ୍ଟ ଅଧୀନରେ ଚଣ୍ଡିଗଡ଼ ମେୟର ନିର୍ବାଚନ ଲଢ଼ିଥିଲେ। ଆପ୍ ମେୟର ପ୍ରାର୍ଥୀଙ୍କ ବିଜୟୀ ହେବା ଏକପ୍ରକାର ନିଶ୍ଚିତ ଥିଲା ବେଳେ ସେ ହିଁ କଂଗ୍ରେସ ଦଳରୁ ବରିଷ୍ଠ ଉପ ମେୟର ଏବଂ ଉପ ମେୟର ନିର୍ବାଚିତ କରିଥାଆନ୍ତେ। କିନ୍ତୁ ଆପ୍ ଓ କଂଗ୍ରେସକୁ ହାରିବାକୁ ପଡ଼ିଛି। ବିଜେପିର ମନୋଜ ସୋନକର ୧୬ ଖଣ୍ଡ ଭୋଟ ପାଇ ମେୟର ନିର୍ବାଚନରେ ବିଜୟୀ ହୋଇଛନ୍ତି।

କୈଳାସ-ମାନସରୋବର ଦର୍ଶନ ପାଇଁ ଉଡ଼ିଲା ବିମାନ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି)

୨୭ ହଜାର ଫୁଟ୍ ଉଚ୍ଚରୁ ଦର୍ଶନକଲେ ୩୮ ଭାରତୀୟ

ତିବ୍ବତ ସ୍ୱୟଂ ଶାସିତ ଅଞ୍ଚଳରେ ଏବଂ ହିମାଳୟ ପର୍ବତ ଶ୍ରେଣୀରେ ଅବସ୍ଥିତ ହିନ୍ଦୁମାନଙ୍କ ପବିତ୍ର ତୀର୍ଥସ୍ଥଳ କୈଳାସ-ମାନସରୋବର ଦର୍ଶନ ପାଇଁ ପ୍ରଥମ ବିମାନ ସେବା ଆରମ୍ଭ ହୋଇଛି। ନେପାଳଗଞ୍ଜରୁ ଏହି ବିମାନ ଉଡାଣ କରି କୈଳାଶ ମାନସରୋବର ପର୍ଯ୍ୟନ୍ତ ଯାତ୍ରା କରିବା ସହ ପ୍ରାୟ ୨୭ ହଜାର ଫୁଟ୍ ଉଚ୍ଚରୁ ଯାତ୍ରୀଙ୍କୁ ଏହି ପବିତ୍ର ସ୍ଥଳ ଦର୍ଶନ କରାଇଛି। ମିଳିଥିବା ସୂଚନା ଅନୁସାରେ ସିଦ୍ଧାର୍ଥ ବିଜନେସ୍ ଗ୍ରୁପ୍ ପକ୍ଷରୁ ଏହି ସେବା ଆରମ୍ଭ କରାଯାଇଥିଲା ବେଳେ ଶ୍ରୀ ଏୟାରଲାଇନ୍ସ ଘରୋଇ ବିମାନରେ ନେପାଳଗଞ୍ଜରୁ ୩୮ ଭାରତୀୟ ଯାତ୍ରୀ କୈଳାଶ ମାନସରୋବର ଦର୍ଶନ ପାଇଁ ଉଡାଣ ଭରିଥିଲା। ଯାହାକି ନିଜସ୍ୱ ଶୈଳୀର ପ୍ରଥମ ପାର୍ବତୀୟ ଉଡାଣ ଥିଲା। 'କୈଳାଶ ମାନସରୋବର ଦର୍ଶନ ଉଡାଣ' ନାମରେ ଏହି ତୀର୍ଥ ଯାତ୍ରାରେ ଯାତ୍ରୀମାନେ କୈଳାଶ ପର୍ବତ ଓ ମାନସରୋବର ହ୍ରଦର ନୈସର୍ଗିକ ଦୃଶ୍ୟକୁ ୨୭ ହଜାର ଫୁଟ ଉଚ୍ଚତାରୁ ଦେଖିଥିଲେ। ଏହି ପ୍ରଥମ ଉଡାଣରେ ଦିଲ୍ଲୀ, ମୁମ୍ବାଇ, ଗୁଜରାଟ ଓ ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟର ଯାତ୍ରୀ ସାମିଲ ଥିଲେ। ପୂର୍ବରୁ କୈଳାସ-ମାନସରୋବର ଦର୍ଶନ କଷ୍ଟସାଧ୍ୟ ହୋଇଥିଲା ବେଳେ ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ଏବଂ ସମୟ ବ୍ୟୟ କରିବାକୁ ପଡୁଥିଲା। ଚାଇନା ଭିସା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ମଧ୍ୟ ସମୟ ଓ ଅର୍ଥ ବ୍ୟୟ କରିବାକୁ ପଡୁଥିଲା। କିନ୍ତୁ ଏଭଳି ବିମାନ ସେବା ଦ୍ୱାରା ଯାତ୍ରୀମାନେ ସହଜରେ କୈଳାସ-ମାନସରୋବର ଦର୍ଶନ କରିପାରିବେ । ଏହିକ୍ରମରେ ସିଦ୍ଧାର୍ଥ ବିଜନେସ୍ ଗ୍ରୁପ୍‌ର ଆଞ୍ଚଳିକ ମୁଖ୍ୟ କେଶବ ନ୍ୟୁପାନେ କହିଛନ୍ତି ଯେ 'କୈଳାଶ ପର୍ବତ ଓ ମାନସରୋବର' ନିମନ୍ତେ ଏହି ଉଡାଣ ଶସ୍ତା ରହିବା ସହିତ ବିଶ୍ୱସନୀୟ ଏବଂ ସୁରକ୍ଷିତ। ଏହି ଶ୍ରେଣୀର ଆଗାମୀ ଉଡାଣ ଫେବୃଆରୀ ପ୍ରଥମ ସପ୍ତାହରେ ହେବ। ଉଲ୍ଲେଖଯୋଗ୍ୟ ଯେ , କୋଭିଡ୍ କାରଣକୁ ନେଇ ଚୀନ କୈଳାଶ ମାନସରୋବାର ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଛି। ତେବେ ନେପାଳର ଏହି ଉଡାଣ ସେବା ଭାରତୀୟ ଶ୍ରଦ୍ଧାଳୁଙ୍କ ପାଇଁ ନୂଆ ଆଶା ସଞ୍ଚାର କରିଛି। କୋଭିଡ ମହାମାରୀ ପୂର୍ବରୁ ପ୍ରତିବର୍ଷ ପାଖାପାଖି ୧୨ ହଜାର ଯାତ୍ରୀ ନେପାଳ ଦେଇ କୈଳାଶ ମାନସରୋବର ଯାତ୍ରା କରୁଥିଲେ।ନେପାଳ ରାସ୍ତାରେ କୈଳାଶ ମାନସରୋବର ଯିବା ପାଇଁ ଯାତ୍ରୀଙ୍କୁ ପ୍ରଥମେ ରାଜଧାନୀ କାଠମାଣ୍ଡୁ ଯିବାକୁ ପଡୁଥିଲା। କିନ୍ତୁ ଏବେ ଯାତ୍ରୀମାନେ କାଠମାଣ୍ଡୁ ନ ଯାଇ ଲକ୍ଷ୍ନୌ ଠାରୁ ମାତ୍ର ୨୦୦ କିମି ଦୂର ନେପାଳଗଞ୍ଜ ଯାଇ ସେଠାକରୁ ଏହି ଚାଟାର୍ଡ ବିମାନ ଯୋଗେ କୈଳାସ ପର୍ବତ ଦର୍ଶନ କରିପାରିବେ।

କେରଳ ବିଜେପି ନେତାଙ୍କ ହତ୍ୟା ଘଟଣା

୧୫ ପିଏଫ୍‌ଆଇ କର୍ମୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ୨୦୨୧ ଡିସେମ୍ବରରେ କେରଳରେ ମାତ୍ର କିଛି ସମୟ ବ୍ୟବଧାନରେ ଘଟିଥିବା ଦୁଇ ହତ୍ୟାକାଣ୍ଡ ଘଟଣାରେ ସ୍ଥାନୀୟ କୋର୍ଟ ବେଆଇନ ଘୋଷିତ ପପୁଲର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫଆଇ)ର ୧୫ କର୍ମୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଗତ ୨୦ ତାରିଖରେ ଏହି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲା ବେଳେ ମଙ୍ଗଳବାର ଏହି ଦଣ୍ଡବିଧାନ କରିଛନ୍ତି। ୨୦୨୧ ଡିସେମ୍ବରରେ କେରଳର ଆଲପୁଲାରେ ପ୍ରଥମେ ଏସଡିପିଆଇର ୩୮ ବର୍ଷୀୟ ନେତା କେ ଏସ ସାନଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ୧୨ ଘଣ୍ଟା ନ ପୁରୁଣୁ ୪୦ ବର୍ଷୀୟ ବିଜେପି ଓବିସି ମୋର୍ଚ୍ଚା ନେତା ରଞ୍ଜିତ ଶ୍ରୀନିବାସନଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ମାଭେଲିକ୍କାରାର ଅତିରିକ୍ତ ଜିଲ୍ଲାଜଜ୍ ଭି ଜି ଶ୍ରୀଦେବୀ ଏହି ମାମଲାର ବିଚାର କରି ଏହି ଦୁଇଟି ଘଟଣାରେ ପିଏ

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ପ୍ରଥମ ଦିନରେ ଓଏଚପିସି ଏବଂ ଓପିଜିସିର ଆବେଦନ ଉପରେ ଶୁଣାଣି

ଓଇଆରସିରେ ଶୁଣାଣି ଆରମ୍ଭ

ଭୁବନେଶ୍ୱର, ୩୦।୧(ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ସମ୍ପର୍କିତ ଜନଶୁଣାଣି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫ୍ ପାଇଁ ବିଦ୍ୟୁତ ଉତ୍ପାଦକ ଓ ବିତରକ କମ୍ପାନୀମାନେ ଆବେଦନ କରିଥିବା ବେଳେ ଆସନ୍ତା ମାର୍ଚ୍ଚ ୨୩ ରେ ଆୟୋଗ ନିର୍ଦ୍ଦେଶନାମା ଜାରି କରିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି । ଆଜି ପ୍ରଥମ ଦିନରେ ଓଏର୍‌ପିସି ଏବଂ ଓପିଜିସିର ଆବେଦନ ଉପରେ ଶୁଣାଣି ହୋଇଛି । ଶୁଣାଣି ବେଳେ ଓଏର୍‌ପିସିର ଆବେଦନ ବିରୋଧରେ ୩ଜଣ ନିଜର ଆପତ୍ତି କମିଶନଙ୍କ ନିକଟରେ ଦାଖଲ କରିଥିବା ବେଳେ ଓପିଜିସିର ଆବେଦନ ବିରୋଧରେ ୪ ଜଣ ଆପତ୍ତି ଦାଖଲ କରିଛନ୍ତି । ୩୧ ରେ ଗ୍ରୀଡ୍‌କୋର ଆବେଦନ ଉପରେ କମିଶନ ଶୁମାଣି କରିବେ । ଓଏଚପିସି ପକ୍ଷରୁ ଓଇଆରସିଙ୍କ ନିକଟରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫ୍(ଶୁଳ୍କସୂଚୀ) ସମ୍ପର୍କରେ ଆବେଦନ କରାଯାଇଥିଲା । ଆବେଦନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଓଏଚପିସି ନିଜର ମାଛକୁଣ୍ଡ ଉତ୍ପାଦନ କେନ୍ଦ୍ର ବ୍ୟତୀତ ଅନ୍ୟ ସମସ୍ତ ଉତ୍ପାଦନ କେନ୍ଦ୍ରରୁ ମୋଟ ୫୬୦୨.୬୦ ମିଲିୟନ ୟୁନିଟ ବିଦ୍ୟୁତ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି । ଏଥିପାଇଁ ଓଏଚପିସିକୁ ଚଳିତ ବର୍ଷ ୫୫୯.୫୭୧ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକତା ଥିବା ବେଳେ ୟୁନିଟ ପିଛା ୯୯.୮୮ ପଇସା ପଡ଼ିବ ବୋଲି ଅଟକଳ କରାଯାଇଛି ।

ଦିନକ ପରେ କେନ୍ଦ୍ର ବଜେଟ୍

ଟଙ୍କାକରେ ୩୪ ପଇସା ଋଣ

ସୁଧ ପୈଠରେ ଯାଏ ଟଙ୍କାଏରୁ ୨୦ ପଇସା

ସ୍ୱାଧୀନତାଠାରୁ ଆଗତ ହୋଇଛି ୧୪ ଅନ୍ତରୀଣ ବଜେଟ

■ **ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ ସଂସଦରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବେ । ଚଳିତବର୍ଷ ଦେଶରେ ଲୋକସଭା ନିର୍ବାଚନ ହେବାକୁ ଯାଉଛି, ତେଣୁ ସମ୍ପୂର୍ଣ୍ଣ ବଜେଟ୍ ବଦଳରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରାଯିବ । ନୂତନ ସରକାର ଆସିବା ପର୍ଯ୍ୟନ୍ତ ଏବଂ ଏକ ପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ନ ହେବା ପର୍ଯ୍ୟନ୍ତ ଅନ୍ତରୀଣ ବଜେଟ୍ ଅର୍ଥରୁ ସରକାର ଦେଶ ଚଳାଇଥାନ୍ତି । ସରକାର ଉଭୟ ଟିକସ ଏବଂ ଅଣ-ଟିକସ ଉତ୍ସରୁ ଅର୍ଥ ପାଇଥାନ୍ତି । ଏଥିସହିତ ସରକାର ସୁଧ, ସବ୍‌ସିଡି ଏବଂ ଯୋଜନା ସମେତ ଅନ୍ୟାନ୍ୟ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ କରିଥାନ୍ତି । ସବୁଠରୁ କୌତୂହଳର ବିଷୟ ହେଉଛି ଯେ, ଭାରତର ବଜେଟର ୩୪ ପ୍ରତିଶତ ଅର୍ଥ କରଜରୁ ଆସିଥାଏ । ତେବେ ଟଙ୍କାଏରୁ ୨୦ ପଇସା ସରକାରଙ୍କ ଦ୍ୱାରା ସୁଧ ପୈଠ କରାଯାଇଥାଏ । ଏହାର ଅର୍ଥ ହେଉଛି ▶ପୃଷ୍ଠା-୧୦

୧ ଟଙ୍କାର ବଜେଟ

ଆୟ	
ସୀମା ଶୁଳ୍କ	୪ ପଇସା
ଆୟକର	୧୫ ପଇସା
ଉତ୍ପାଦ ଶୁଳ୍କ	୭ ପଇସା
କମ୍ପାନୀ ଟିକସ	୧୫ ପଇସା
ଜିଏସ୍‌ଟି	୧୭ ପଇସା
ଋଣ	୩୪ ପଇସା
ଅଣ-ଟିକସ ରାଜସ୍ୱ ଆୟ	୬ ପଇସା
ପୁଞ୍ଜି ଆୟ	୨ ପଇସା
ଖର୍ଚ୍ଚ	
ସବ୍‌ସିଡି	୭ ପଇସା
ପେନ୍‌ସନ୍	୪ ପଇସା
କରଜ ଓ ସୁଧ ପୈଠ	୨୦ ପଇସା
ରାଜ୍ୟ ଟିକସ ଅଂଶ	୧୮ ପଇସା
କେନ୍ଦ୍ରୀୟ ଯୋଜନା ବ୍ୟୟ	୧୭ ପଇସା
କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା	୯ ପଇସା
ବିତ୍ତୀୟ ଆୟୋଗ ଓ ଅନ୍ୟ ସଂସ୍ଥାନ	୯ ପଇସା
ପ୍ରତିରକ୍ଷା	୮ ପଇସା
ଅନ୍ୟାନ୍ୟ ଖର୍ଚ୍ଚ	୮ ପଇସା

'ନୂଆ-ଓ' କାର୍ଯ୍ୟକ୍ରମରେ ଭବିଷ୍ୟ ପିଢ଼ିଙ୍କୁ ପାଣ୍ଡିଆନଙ୍କ ପରାମର୍ଶ

ପିତାମାତାଙ୍କ ସ୍ୱପ୍ନକୁ ସାକାର ପାଇଁ ପଣ କର

- ଗଞ୍ଜାମ ମାଟିରୁ ସୃଷ୍ଟି ହୋଇଛନ୍ତି ନାସା ବୈଜ୍ଞାନିକ
- ତେଜସ୍ ପ୍ରସ୍ତୁତକାରୀ ବୈଜ୍ଞାନିକ ଗଞ୍ଜାମ ମାଟିର ପୁଅ
- ଗଞ୍ଜାମର ସରକାରୀ ସ୍କୁଲର ସୃଷ୍ଟି ହୋଇଛନ୍ତି ଆଇଏଏସ୍
- ଫେବୃଆରୀରେ ଶେଷ ହେବ ୧୫୬ କଲେଜ ରୂପାନ୍ତରଣ

■ **ବ୍ରହ୍ମପୁର, ୩୦।୧ (ସମିସ):** ଆପଣଙ୍କ ସୁନ୍ଦର ଭବିଷ୍ୟତ କେବଳ ଆପଣମାନଙ୍କର ନୁହେଁ । ଏହା ପଛରେ ରହିଛି ଆପଣଙ୍କ ପିତାମାତାଙ୍କ ତ୍ୟାଗ । ତେଣୁ ସର୍ବଦା ପିତାମାତା, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଗୁରୁଜନଙ୍କ ସମ୍ମାନ କର । ସେମାନଙ୍କ ନିର୍ଦ୍ଦେଶର ଅନୁପାଳନ କରିବାରେ କଦାପି ଅବହେଳା କର ନାହିଁ । ତେବେ ଯାଇ ଜୀବନରେ ସଫଳତା ମିଳିବ । ଆଜି ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଇ ହଜାର ହଜାର ସଂଖ୍ୟାରେ ସମମେତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି 'ୟ-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ।

ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ପାଣ୍ଡିଆନ କହିଛନ୍ତି ଯେ ଏହି ଗଞ୍ଜାମ ମାଟିରୁ ବହୁ ସ୍ୱନାମଧନ୍ୟ ବ୍ୟକ୍ତି ସୃଷ୍ଟି ହୋଇଛନ୍ତି । ସେମାନେ ସରକାରୀ କଲେଜରେ ପାଠ ପଢ଼ି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିପାରିଛନ୍ତି । ଆମେରିକାର ନ୍ୟୁୟର୍କରେ କଗନିଜାଣ୍ଟ କମ୍ପାନୀର ସିଇଓ ରବି କୁମାର ଏସ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷାଗ୍ରହଣ କରିଥିଲେ । ନାସାରେ ବୈଜ୍ଞାନିକ ଥିବା ଡ଼ କୈଳାଶ ଚନ୍ଦ୍ର ସାହୁ ଓ ତେଜସ୍ ଏୟାରକ୍ରାଫ୍ଟ ଡିଜାଇନ୍ କରିଥିବା କୋଟା ହରିନାରାୟଣ ସମସ୍ତେ ଏହି ଗଞ୍ଜାମ ମାଟିର ସନ୍ତାନ । ସେମାନେ ଏଠିକାର କଲେଜରେ ପାଠ ପଢ଼ିଛନ୍ତି । ସେହିପରି ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରରେ ବରିଷ୍ଠ ବୈଜ୍ଞାନିକ ନାଗ ଭୂଷଣ ଆଚାର୍ଯ୍ୟ, କମନୱେଲଥ୍ ଗେମ୍‌ସ୍‌ରେ ସ୍ୱର୍ଣ୍ଣପଦକ ଜିତି ଥିବା କେ ରବି କୁମାରଙ୍କ ଭଳି ଅନନ୍ୟ ବ୍ୟକ୍ତିତ୍ୱ ଏହି ଠାରୁ ବାହାରିଛନ୍ତି । ସେମାନେ ମଧ୍ୟ ସ୍ଥାନୀୟ ସରକାରୀ ସ୍କୁଲରେ ପାଠ ପଢ଼ିଛନ୍ତି । ▶ପୃଷ୍ଠା-୧୦

◆ ବିଧାନସଭା ଅଧିବେଶନ ୫ରୁ

୪ ତାରିଖ ସନ୍ଧ୍ୟାରେ ସର୍ବଦଳୀୟ ବୈଠକ

■ **ଭୁବନେଶ୍ୱର, ୩୦।୧ (ସମିସ):** ଆସନ୍ତା ୫ ତାରିଖରୁ ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଅର୍ଥାତ୍ ବଜେଟ ଅଧିବେଶନ ଆରମ୍ଭ ହେବ । ମାତ୍ର ୭ଟି କାର୍ଯ୍ୟଦିବସ ଅବଧି ବିଶିଷ୍ଟ ଏହି ବଜେଟ ଅଧିବେଶନ କିପରି ସୁରୁଖୁରୁରେ ଚାଲିବ ସେଥିପାଇଁ ବାଚସ୍ପତି ପ୍ରମିଳା ମଲ୍ଲିକ ସର୍ବଦଳୀୟ ବୈଠକ ଡାକିଛନ୍ତି । ଆସନ୍ତା ୪ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ ସମୟରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବିଧାନସଭାରେ ଏହି ସର୍ବଦୀୟ ବୈଠକ ଅନୁଷ୍ଠିତ ହେବ ।

୪ରେ ବିଜେପି ଓ କଂଗ୍ରେସ, ୫ରେ ବିଜେଡି ବିଧାୟକ ପ୍ରସ୍ତୁତ କରିବେ ରଣନୀତି

ସେହିପରି ଶାସକ ବିଜେଡି ସମେତ ବିରୋଧୀ ବିଜେପି ଓ କଂଗ୍ରେସ ମଧ୍ୟ ନିଜ ନିଜର ବିଧାୟକ ଦଳ ବୈଠକ ନେଇ ସମୟ ଚୂଡ଼ାନ୍ତ କରିଛନ୍ତି । ବିଜେଡି ବିଧାୟକ ଦଳ ବୈଠକ ୫ ତାରିଖ ସକାଳ ୧୦ଟା ୧୫ ମିନିଟରେ ଅନୁଷ୍ଠିତ ▶ପୃଷ୍ଠା-୧୦

ପାଣି ପଞ୍ଚାୟତ ପକ୍ଷ ୨୦୨୪ ଉଦ୍‌ଯାପିତ

ଚାଷୀ ଓଡ଼ିଶାର ଶକ୍ତି: ମୁଖ୍ୟମନ୍ତ୍ରୀ

- ଜଳ ସଂରକ୍ଷଣ ଓ ପୁନଃବ୍ୟବହାର ପାଇଁ କୃଷକଙ୍କୁ ପରାମର୍ଶ
- ରାଜ୍ୟରେ ଗଠନ ହେଲାଣି ୪୦ ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତ
- କମାଣ୍ଡ ଏରିଆ ବିକାଶ ପାଇଁ ହେଉଛି ୬୦୦ କୋଟି ଟଙ୍କା ଖର୍ଚ୍ଚ
- ଶ୍ରେଷ୍ଠ ପାଣି ପଞ୍ଚାୟତ, ଶ୍ରେଷ୍ଠ କୃଷକ, ଛାତ୍ରଛାତ୍ରୀଙ୍କୁ ପୁରସ୍କାର

■ **ଭୁବନେଶ୍ୱର, ୩୦।୧(ସମିସ):** ପାଣି ପଞ୍ଚାୟତ ଆମ ଚାଷୀ ଭାଇଭଉଣୀମାନଙ୍କୁ ପାଣି ଉପରେ ଅଧିକାର ଦେଇଛି । ଏହାର ସୁବିନିଯୋଗ ପାଇଁ ଦାୟିତ୍ୱ ମଧ୍ୟ ଦେଇଛି । ପାଣି ପଞ୍ଚାୟତ ଦ୍ୱାରା ସେମାନେ ପାଣିର ସଠିକ୍ ଉପଯୋଗ କରିବା ସହିତ ଏକାଠି ହୋଇ କାମ କରିବାର ଇଚ୍ଛା ଶକ୍ତି ଓ ଦକ୍ଷତା ମଧ୍ୟ ବଢ଼ିଛି । ପାଣି ପଞ୍ଚାୟତର ସୁବିନିଯୋଗରେ ଆଜି ରାଜ୍ୟର ଚାଷୀମାନେ ଭଲ ଫସଲ କରିପାରୁଛନ୍ତି ଓଡ଼ିଶାରେ ପ୍ରାୟ ୪୦ ହଜାର ପାଣି ପଞ୍ଚାୟତ ଗଠନ ହେଲାଣି । ଏବେ ଏହା ଆଉ ଏକ କାର୍ଯ୍ୟକ୍ରମ ନୁହେଁ, ଆନ୍ଦୋଳନରେ ପରିଣତ ହୋଇପାରିଛି । ଏଥିରେ ମେଗା ଲିଫ୍ଟକୁ ସାମିଲ କରାଯାଇଛି ଓ ମା'ମାନେ ଯେପରି ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଯୋଗ ଦେଇପାରିବେ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ପାଣି ପଞ୍ଚାୟତରେ ମା'ମାନେ ବହୁତ ଭଲ କାମ କରୁଛନ୍ତି ବୋଲି ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନ ସମାରୋହରେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ▶ପୃଷ୍ଠା-୧୦

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୩ରୁ

ସମ୍ମାନିତ ହେବେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପାରଦର୍ଶୀ ମହିଳା

ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା

ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା ପାଇଁ ପଦକ୍ଷେପ: ସୁଜାତା

■ **ଭୁବନେଶ୍ୱର, ୩୦।୧ (ସମିସ):** ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ଐତିହ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭଳି ଐତିହାସିକ ପଦକ୍ଷେପ ନିଆଯାଇଛି । ଏହି ସମ୍ମିଳନୀରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନିଜର ପାରଦର୍ଶିତା ରଖିଥିବା ମହିଳାମାନଙ୍କୁ ସମ୍ମାନିତ କରାଯିବ । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଭାଷାବିତ ଓ ସାହିତ୍ୟିକମାନଙ୍କ ସହ ଲୋକସେବା ଭବନ କନଭେନସନ ସେଣ୍ଟର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ଏହି ସୂଚନା ଦେଇଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ । ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ସମସ୍ତ ଭାଷାବିତ ମାନଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ଉଲ୍ଲେଖ କରି ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସୁଜାତା କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି । ଓଡ଼ିଆ ଭାଷାର ପ୍ରାଚୀନତା, ପ୍ରାସଙ୍ଗିକତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଏହି ସମ୍ମିଳନୀରେ ବିଚାର ବିମର୍ଶ ହେବ ବୋଲି ଶ୍ରୀ ବାଲକ୍ରିଷ୍ଣନ ସୂଚନା ପ୍ରଦାନ କରିଛନ୍ତି । ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜନ ହେଉଥିବାରୁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଉକ୍ତ ବୈଠକରେ ସାହିତ୍ୟିକ, ଭାଷାବିତ, ନୃତ୍ୟବିତ ଏବଂ ଭାଷାନୁରାଗୀ ମାନେ ଯୋଗ ଦେଇ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ମତବ୍ୟକ୍ତ କରିଥିଲେ । ଏହି ସମ୍ମିଳନୀ ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଅକ୍ଷରକୁ ନେଇ ଝୋଟି ପକାଇବା, ପ୍ରାଚୀନ ▶ପୃଷ୍ଠା-୧୦

ହିନ୍ଦୋଳ ବ୍ଲକ ଧାନମଣ୍ଡିରେ ମହାଦୁର୍ନୀତି

ଯୋଗାଣ ଅଧିକାରୀ ଓ ମିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

କୁଇଣ୍ଟାଲ ପିଛା କଟାଯାଉଛି ୫ କିଲୋ ଧାନ

ହିନ୍ଦୋଳ, ୩୦।୧(ସମିସ):

ହିନ୍ଦୋଳ ଉପଖଣ୍ଡ ଏକ ଚାଷୀ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଏଠିକାର ଚାଷୀ ପ୍ରାୟ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଅମଳ ପରେ ନିଜ ପାଇଁ ଧାନ ସଞ୍ଚୟ କରିବା ପରେ ମଣ୍ଡିରେ ଧାନ ବିକ୍ରୟ କରନ୍ତି ଚାଷୀ। ହେଲେ ହିନ୍ଦୋଳ ଉପଖଣ୍ଡରେ ଧାନମଣ୍ଡି ନାମରେ ବିଭାଗୀୟ ଅଧିକାରୀ ଓ ମିଲରଙ୍କ ମଧୁଚନ୍ଦ୍ରିକାରେ ଚାଷୀଙ୍କୁ ଶୋଷଣ କରାଯାଇ କୁଇଣ୍ଟାଲ ପିଛା କଟାଯାଉଛି ୫ କିଲୋ ଧାନ। ଯାହାକି ବିଭାଗୀୟ ଯୋଗାଣ ଅଧିକାରୀଙ୍କ ଜ୍ଞାତସାରାରେ ଦୁର୍ନୀତି ହେଉଥିବା ନେଇ ଉପଖଣ୍ଡର ଚାଷୀ ମହଲରେ ଅଭିଯୋଗ ହେଉଛି। ଧାନମଣ୍ଡି ତାରିଖ ପୂର୍ବରୁ ସୋସାଇଟିର ସେକ୍ରେଟେରୀଙ୍କ ଇସାରାରେ ଚାଷୀଙ୍କୁ ମିଲର ପାଖରେ ଧାନ ଦେବା ପାଇଁ ବାଧ୍ୟ କରାଯାଉଛି। ସୋସାଇଟିରୁ ମିଲର ପାଖକୁ ଧାନ ଯିବା ପାଇଁ ଭଡ଼ା ବାବଦକୁ ସୋସାଇଟି ଦାୟିତ୍ୱରେ ଥିବା ଅଧିକାରୀ ଓ ମିଲର ମଧ୍ୟରେ ହେଉଛି ସାଲାସୁତୁରା। ଉପଖଣ୍ଡର ସବୁଠି ଧାନ କିଣାରେ ଶୋଷଣର ଶିକାର ହେଉଛନ୍ତି ଚାଷୀ। କେବଳ ଅଖାବସ୍ତା ବାବଦକୁ ଚାଷୀ କ୍ଷତି ସହୁନି, ଧାନର ଗୁଣାତ୍ମକ ମାନ ନାମରେ ଚାଷୀଙ୍କୁ ଲୁଟୁଛି ମିଲର। ମଣ୍ଡିରେ ଧାନ ବିକ୍ରି କରି ଶୋଷଣର ଶିକାର ହେଉଛନ୍ତି ଚାଷୀ। ଚାଷୀ ଯେପରି ତା'ର ପରିଶ୍ରମର ଉଚିତ ମୂଲ୍ୟ ପାଇବ, ସେଥିପାଇଁ ସରକାର ନୂଆ ନୂଆ ନିୟମ ଆଣୁଛନ୍ତି। ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ହିନ୍ଦୋଳ ଉପଖଣ୍ଡରେ ଚାଷୀଙ୍କ ଦୁର୍ଦ୍ଦଶା କମିବାର ନାଁ ଗନ୍ଧ ଧରୁନି। ମିଲର୍ସ

ମର୍ଜିରେ ଚାଲୁଛି ମଣ୍ଡି। ଅଭିଯୋଗ କରୁଥିବା ଚାଷୀଙ୍କ ଧାନକୁ ଗୁଣାତ୍ମକ ନାମରେ ମନଇଚ୍ଛା କାଟିଦେଉଛନ୍ତି ମିଲର୍ସ। ମିଲର୍ସ କଟନୀ ଛଟନି ନେଇ ନିର୍ଦ୍ଦିଷ୍ଟ କୌଣସି ମାନଦଣ୍ଡ ଗ୍ରହଣ କରୁନାହିଁ। ବର୍ଷ ବର୍ଷ ଧରି ମିଲର୍ସ ଚାଷୀଙ୍କୁ ଏମତି କଟନୀ ଛଟନି କରି ଲୁଟିଚାଲିଛି। ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ସରକାର ଧାନ କୁଇଣ୍ଟାଲକୁ ୨୧୮୩ ଟଙ୍କା ଧାର୍ଯ୍ୟ କରିଛନ୍ତି। ମାତ୍ର ମଣ୍ଡିରେ ଚାଷୀ ପକେଟରୁ ୧୦୦ ରୁ ଅଧିକ ଟଙ୍କା କାଢ଼ି ନେଉଛି ମିଲର୍ସ। ଏଭଳି ସ୍ଥିତିରେ ଚାଷୀ କୁଇଣ୍ଟାଲ ପିଛା ୨ ହଜାରରୁ କମ ଟଙ୍କା ପାଉଥିବା ବେଳେ ମଣ୍ଡିରେ ଧାନ ବିକ୍ରି କରି କି ଲାଭ ପାଉଛି ବୋଲି ପ୍ରଶ୍ନ କଲେଣି ଚାଷୀ। କାରଣ ଚଳିତବର୍ଷ ବେପାରୀ ଚାଷୀଙ୍କଠାରୁ ୧୯୦୦ ଟଙ୍କା ପର୍ଯ୍ୟନ୍ତ ଦେଇ ଧାନ କିଣିଥିଲେ। ଏହି ଧାନକୁ ବେପାରୀମାନେ ବାହାର ରାଜ୍ୟକୁ ନେଇ ବିକ୍ରି କରିଥିଲେ। ବେପାରୀ ଆସି ଘର ମୁହଁରେ ଧାନ ନେଉଥିବା ବେଳେ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଠାରୁ ଆରମ୍ଭ କରି ମଣ୍ଡିକୁ ଗାଡ଼ି ଭଡ଼ା କରି ଧାନ ଆଣିବା ଯାଏ ଅନେକ କ୍ଷତି ସହୁଛି ବୋଲି ଉପଖଣ୍ଡର ଚାଷୀ ଅଭିଯୋଗ କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଆଶିଷ କୁମାର ରାଉତ କହିଛନ୍ତି ଯେ, ଚାଷୀଙ୍କ ଠାରୁ ଧାନ କଟାଯିବା ବିଷୟରେ ସେ କିଛି କହିପାରିବେ ନାହିଁ। ଏଭଳି ସ୍ଥିତିରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବା ସ୍ୱାଭାବିକ।

ସଡ଼କ ଦୁର୍ଘଟଣାରେ ୨ ଗୁରୁତର

କାମାକ୍ଷାନଗର, ୩୦।୧(ସମିସ): କାମାକ୍ଷାନଗର ଅଞ୍ଚଳରେ ପୃଥକ ପୃଥକ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି। କାମାକ୍ଷାନଗର ବାଲିଗୋରଡ଼ ଉଭର ବ୍ରିଜ୍ ଉପରେ ଭୁବନ ଆଡୁ ଆସୁଥିବା ହାଇୱା ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇ ଚାଳକ ହେମନ୍ତ କୁମାର ମହାପାତ୍ର ଗୁରୁତର ହୋଇଥିବା ବେଳେ ତାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଛନ୍ତି। ସେହିପରି କମଗରା ବ୍ରାହ୍ମଣୀ ନଦୀ ବ୍ରିଜ୍ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ପଣ୍ଡୁଆ ଅଞ୍ଚଳରୁ ଢେଙ୍କାନାଳ ଆଡ଼କୁ ଯାଉଥିବା ବେଳେ ଗାଡ଼ି ଧକ୍କାରେ ଗୁରୁତର ହୋଇଛନ୍ତି।

ଆକ୍ରମଣ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଜରିମାନା

ଗଁଦିଆ, ୩୦।୧(ସମିସ): ଗଁଦିଆ ଥାନା ଅନ୍ତର୍ଗତ ବଣିଆପଡ଼ା ଗ୍ରାମରେ ୨୦୧୧ ମସିହାରେ ଘଟିଥିବା ଏକ ଆକ୍ରମଣ ମାମଲାର ଶୁଣାଣି କରି ଗଁଦିଆ ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ସାଗର ପ୍ରଧାନ ଦୁଇ ଅଭିଯୁକ୍ତଙ୍କୁ ୧ ହଜାର ଟଙ୍କା ଲେଖାଏଁ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଜରିମାନା ଅର୍ଥ ଅନାଦେୟ ହେଲେ ଅଧିକ ୧ମାସ କାରାଦଣ୍ଡ ଭୋଗିବାକୁ ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ମୁତାବକ ୨୦୧୧ ମସିହା ଡିସେମ୍ବର ୪ ତାରିଖ ଦିନ ଜନୈକ ବ୍ୟକ୍ତି ତାଙ୍କ ଘରର ବାରିପଟରେ ଥିବା ବେଳେ ଦୁଇ ଅଭିଯୁକ୍ତ ନର ପ୍ରଧାନ ଏବଂ ବାଘ ପ୍ରଧାନ ତାଙ୍କୁ ଏକ ଭଙ୍ଗା ଟାଇଲରେ ଆକ୍ରମଣ କରିଥିଲେ। ଏ ନେଇ ଉକ୍ତ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ସେଥି ନିମନ୍ତେ କୋର୍ଟରେ ଏକ ଅଭିଯୋଗ ଦାୟର ହୋଇଥିଲା ଏବଂ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଉକ୍ତ ମାମଲାଟି ପି. ଏସ. କେସ ନଂ ୭/୨୦୧୨ ରେ ରୁଜୁ ହୋଇଥିଲା। ଚାର୍ଜସିଟ ଦାଖଲ ପରେ ମାମଲାଟି ଗଁଦିଆ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ବିଚାରାଧୀନ ଥିଲା। ସମୁଦାୟ ୪ଜଣ ସାକ୍ଷୀ ଏବଂ ୪ଗୋଟି ଦସ୍ତାବିଜ ଆଧାରରେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜି ଏହି ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷା ପ୍ରସାଦ ରଣା ସହଯୋଗ କରିଥିଲେ।

ତମାଖୁ ମୁକ୍ତ ଭାରତ କର୍ମଶାଳାରେ ମହେଶ ସାହୁ

ଢେଙ୍କାନାଳ, ୩୦।୧ (ସମିସ) : ନୂଆଦିଲ୍ଲୀସ୍ଥିତ ସମ୍ବିଧାନ ଭବନ ଠାରେ ପିପୁଲ୍ସ କଲଚରାଲ ସେଣ୍ଟର ପକ୍ଷରୁ ଉପବାଚସ୍ପତିଙ୍କ ହଲରେ ଜାତୀୟ ସ୍ତରୀୟ ତମାଖୁ ମୁକ୍ତ ଭାରତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ନିରଞ୍ଜନ ବିଶି, ମୁନା ଖାଁ, ସୁଜିତ କୁମାର ପ୍ରମୁଖ ଯୋଗଦେଇଥିବା ବେଳେ ଢେଙ୍କାନାଳ ସାଂସଦଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଉ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ସଂଯୋଜନା କରିଥିବା ବେଳେ ରଞ୍ଜନ କୁମାର ସଭାପତିତ୍ୱ କରିଥିଲେ।

ଭୂଷଳ ପଞ୍ଚାୟତରେ ସଚେତନତା

ଭୁବନ, ୩୦।୧(ସମିସ): ଭୁବନ ବ୍ଲକ ତରଫରୁ ଭୂଷଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଟୁନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇଥିଲେ। ଆମ୍ବା ସଭାପତି ସୁଧାକର ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଡିଓ କଲ୍ୟାଣ ସୌରଭ ଦାସ, ସମିତି ସଭ୍ୟ ଉଗ୍ରେସନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କୃଷି, ଉଦ୍ୟାନ ଶିକ୍ଷା, ଶିଶୁ ବିକାଶ ସହ ଅନ୍ୟାନ୍ୟ ବିଭାଗ ପକ୍ଷରୁ ଷ୍ଟଲ୍ ହୋଇଥିଲା। ନୋଡାଲ ଅଧିକାରୀ ଏବିଇଓ ପୁଷ୍ପାଞ୍ଜଳି ବେହେରା, ନିର୍ବାହୀ ଅଧିକାରୀ ସରସ୍ୱତୀ ବେହେରା, ଗ୍ରାମ ରୋଜଗାର ସେବକ ଯଶୋଦା ମଲ୍ଲିକ ସରକାରୀ ଭାବେ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

ଏଏନ୍‌ଏମ୍ କେନ୍ଦ୍ର ଅନ୍ୟତ୍ର ନିର୍ମାଣକୁ ବିରୋଧ

ଜିଲ୍ଲାପାଳଙ୍କୁ କଂସରା ଗ୍ରାମବାସୀଙ୍କ ଅଭିଯୋଗ

ହିନ୍ଦୋଳ, ୩୦।୧(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ କଂସରା ପଞ୍ଚାୟତରେ ଏକ ଏଏନଏମ୍ କେନ୍ଦ୍ର ଅନ୍ୟତ୍ର ନିର୍ମାଣକୁ ନେଇ କଂସରାବାସୀ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। କଂସରା ପଞ୍ଚାୟତର କଂସରା ଗ୍ରାମରେ ସରକାରୀ ଜାଗା ଖାତା ନଂ-୨୦୬, ପ୍ଲଟ ନଂ-୨୬୮ ରେ ଏକ ଏଏନଏମ୍ କେନ୍ଦ୍ର ୧୯୭୦ ମସିହାରୁ କାର୍ଯ୍ୟ କରି ଆସୁଥିଲା। ରିମାର୍କ କଲମରେ ଏହା ଫାମିଲି ପ୍ଲାନିଂ ସେଣ୍ଟର ଉଲେଖ ରହିଛି। ମାତ୍ର ୨୦୧୫ ମସିହା ଠାରୁ ଉକ୍ତ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଏଏନଏମ୍ କର୍ମଚାରୀ ନ ଆସିବାରୁ ଏହା ପରିତ୍ୟକ୍ତ ହୋଇ ଭଗ୍ନ ଅବସ୍ଥାରେ ରହିଛି। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ଏହି କେନ୍ଦ୍ରଟି ଚାଲୁ କରିବାକୁ ନିଷ୍ପତ୍ତି ନେଇ ଏହାର ନିର୍ମାଣ

ପାଇଁ ସରକାରୀ ଅନୁଦାନ ମଞ୍ଜୁର କରିବା ସହ ବାଉଁଶପୋଖରୀ ରାଜସ୍ୱ ନିରୀକ୍ଷକ ମଧ୍ୟ ଘର ରିପୋର୍ଟ ଦେଇସାରିଛନ୍ତି। ମାତ୍ର ସ୍ଥାନୀୟ ସରପଞ୍ଚ ଓ ଆରଏନଏଚଏମ୍ କନିଷ୍ଠ ଯନ୍ତ୍ରୀ ସେହି ସ୍ଥାନରେ ଗୃହଟିକୁ ନିର୍ମାଣ ନ କରାଇ ଅନ୍ୟତ୍ର ଏକ ସ୍ଥାନରେ ଏଏନଏମ୍ କେନ୍ଦ୍ର ନିର୍ମାଣ କରାଇବାକୁ ସ୍ଥିର କରିଛନ୍ତି। ଯାହା ଫଳରେ ସ୍ଥାନୀୟ ସରପଞ୍ଚ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ଲାଭାନ୍ୱିତ ହୋଇପାରିବେ ଏବଂ ସରକାରୀ ଅର୍ଥ ଆତ୍ମସାତ୍ କରିପାରିବେ ବୋଲି କଂସରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ସେମାନେ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିବା ଜଣାପଡ଼ିଛି। ପୂର୍ବରୁ ଥିବା ସେହି ସ୍ଥାନରେ ଏଏନଏମ୍ କେନ୍ଦ୍ର ଗୃହଟି ନିର୍ମାଣ କରାଯିବା ନିମନ୍ତେ ପ୍ରଶାସନ ଉଚିତ ପଦକ୍ଷେପ ନ ନେଲେ କଂସରା ଗ୍ରାମବାସୀ ପଞ୍ଚାୟତ ଅଫିସ ସାମ୍ନାରେ ସାମୂହିକ ଅନଶନ କରି ଜୋରଦାର ବିରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କଂସରା ଗ୍ରାମର ରଙ୍ଗ ଦେହୁରୀ, ଗୋବିନ୍ଦ ଭୋଇ, ଗୁମାନି ବେହେରା, ଗୟା ବେହେରା, ରୋହିତ ବେହେରା, ଭଗବାନ ବେହେରା, ବିଦ୍ୟାଧର ବେହେରା, ଅତୁଲ ବେହେରା, ଅର୍ଚିତା ବେହେରା, ସଙ୍ଗୀତା ବେହେରା, ଟୁନୁ ବେହେରା, ମଣ୍ଟୁ ବେହେରା, ଲକ୍ଷ୍ମୀଧର, ସୁବୁଦ୍ଧି ଭୋଇ, ପ୍ରକାଶ ନାଏକ, ଶ୍ରୀବତ୍ସ ଭୋଇ, କବିତା ନାୟକ, ଖଗେଶ୍ୱର ଭୋଇ, ସୀମା ବେହେରା, କାଞ୍ଚନ ଭୋଇ, ବିଳାସ ଜେନା, ସୁଶୀଲ ଜେନା, ସୁଲୋଚନା ଭୋଇ ପ୍ରମୁଖ ଶତାଧିକ ଗ୍ରାମବାସୀ ଆଜି ଢେଙ୍କାନାଳ ଜିଲ୍ଲାପାଳ, ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

ଦ୍ୱିତୀୟ କାମାକ୍ଷାନଗର ମହୋତ୍ସବର ତୃତୀୟ ସନ୍ଧ୍ୟା

ସମ୍ବଲପୁରୀ ନୃତ୍ୟ ଓ ସନ୍ତୁଙ୍କ କମେଡିରେ ଦର୍ଶକ ମସ୍‌ଗୁଲ୍

କାମାକ୍ଷାନଗର, ୩୦।୧(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ପରିସରରେ ସୋମବାର କାମାକ୍ଷାନଗର ମହୋତ୍ସବର ୩ୟ ସନ୍ଧ୍ୟାରେ ଭରପୂର ଦର୍ଶକଙ୍କଦ୍ୱାରା ପଡ଼ିଆ ଉତ୍ସବ ମୁଖରିତ ହୋଇ ଉଠିଥିଲା। ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୩ୟ ସନ୍ଧ୍ୟାରେ ବାଚସ୍ପତି ପ୍ରମିଳା ମଲିକ ମୁଖ୍ୟ ଅତିଥି ଭାବେ , ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହାକୁ ପ୍ରଶଂସା କରିଥିଲେ। କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସହୁ, ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ସିପ୍ରା ବରାଳ, କଙ୍କଡ଼ାହାଡ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ପର୍ଜଙ୍ଗ ବ୍ଲକ ଅଧ୍ୟକ୍ଷା ସର୍ମିଷ୍ଠା ଦଳବେହେରା ପ୍ରମୁଖ ସମ୍ମାନିତ ଅଥିତି ଭାବେ ଯୋଗଦେଇଥିଲେ। ଶେଷରେ ବିଡିଓ ଅବିନାଶ ପାଣ୍ଡିଆ ଧନ୍ୟବାଦ ଦେଇଥିଲେ। ମହୋତ୍ସବର ୩ୟ ସଂଧ୍ୟାରେ ପୁରୀର ମାଲଖମ୍ବ ନୃତ୍ୟ, କୋଲକତାର ଲୋକନୃତ୍ୟ, ସମ୍ବଲପୁର ନୃତ୍ୟ, ବଲିଉଡ ସିଙ୍ଗର ଅବଦୁଲ ଶେଖ ଓ ସୋନମ ଦାସଙ୍କ ମନଛୁଆଁ ଗୀତ, ସନ୍ତୁଙ୍କ କମେଡିରେ ଝୁମିଥିଲେ ଦର୍ଶକ। ଏହା ସହିତ ସ୍ଥାନିୟ କଳାକାରଙ୍କ ନୃତ୍ୟ ଥିଲା ବେଶ ଚିତାକର୍ଷକ। କାର୍ଯ୍ୟକ୍ରମରେ କାମାକ୍ଷାନଗର ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଡେପୁଟି କଲେକ୍ଟର ତୃପ୍ତିମୟୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ମଦନ ମୋହନ ଜେନା, ଦୀପକ ମିଶ୍ର, ଅର୍ଚନା ଗୌଡ଼ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

କୋତମ ପଞ୍ଚାୟତରେ କିଶୋରୀ ମେଳା

ଢେଙ୍କାନାଳ ସଦର, ୩୦।୧ (ସମିସ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା କୋତମ ଗ୍ରାମପଞ୍ଚାୟତରେ ଓଡ଼ାପଡ଼ା ଆଇସିଡିଏସ୍ ତରଫରୁ କିଶୋରୀ ମେଳା ଆୟୋଜନ କରାଯାଇଥିଲା। ଏହି ମେଳାରେ ଆଇସିଡିଏସର ସୁପରଭାଇଜର ସଞ୍ଜୀବନୀ ସୁଧା ପଣ୍ଡା, କୋତମ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ ଆଭାମୟୀ ଦତ୍ତ, କୋତ୍ତମ ଗ୍ରାମପଞ୍ଚାୟତର ସରପଞ୍ଚ ରୋହିତ ସାମଲ, ଅଙ୍ଗନବାଡ଼ି କର୍ମୀ, ସାହାଯ୍ୟକାରିଣୀ ଓ କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ଅଙ୍ଗନବାଡ଼ି କର୍ମୀ ରୀତା ବେହେରା, ନନ୍ଦିନୀ ନାୟକ, ପୂର୍ଣ୍ଣିମା ସାମଲ, ଅନସୂୟା ସାହୁ, ଲିଲି ଘଡ଼େଇ, ଗାୟତ୍ରୀ ବିଶ୍ୱାଳ, ସରସ୍ୱତୀ ଆଲୁକ, କାଞ୍ଚନ ନଏକଙ୍କ ସମେତ ଏସଏଚଜି ମହିଳାମାନେ ଉପସ୍ଥିତ ଥିଲେ।

ଖାଦ୍ୟ ଆୟୋଗ ସଦସ୍ୟଙ୍କ ମାନ ଯାଞ୍ଚ୍

କାମାକ୍ଷାନଗର, ୩୦।୧(ସମିସ): ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଏବଂ କଙ୍କଡ଼ାହାଡ଼ ବ୍ଲକର ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଆଦିବାସୀ ସେବାଶ୍ରମ ଅଚାନକ ପରିଦର୍ଶନ କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା। କାର୍ଯ୍ୟକ୍ରମ ଅନୁସାରେ ଟମ୍ପେଇ, ଝିଲ୍ଲି, ଝିଲ୍ଲି ନୂଆସାହି, ତୋରଡ଼ାନାଳି ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଟମ୍ପେଇ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଝିଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତୋରଡ଼ାନାଳି ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାପୁଜୀ ଉଚ୍ଚ ବିଦ୍ୟାଳୟ ଏବଂ ଜରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାମ ହାଇ ସ୍କୁଲ, ଏବଂ ଗଡ଼ପଲାସୁଣି ସେବାଶ୍ରମ, ବାମ ସେବାଶ୍ରମ, କଣ୍ଟାପାଳ ସେବାଶ୍ରମ ଏବଂ ବାଟଗାଁ ସେବାଶ୍ରମ ସ୍କୁଲ ପରିଦର୍ଶନ କରି ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କରି ହଷ୍ଟେଲ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ କିଛି ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟ ଗୁଡିକରେ ନିମ୍ନମାନର ତେଲ ବ୍ୟବହାର କରୁଥିବାର ପାଇଥିଲେ। ଖାଦ୍ୟର ମାନ ଯାଚ୍ଞ କରିବା ସମୟରେ କେତେକ ସ୍ଥାନରେ ରୋଷେଇ ଘରର ଅପରିଚ୍ଛନ୍ନତା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟର ସମସ୍ତ ଉପରିସ୍ଥ ଅଧିକାରୀଙ୍କୁ ଏସବୁ ବିଷୟରେ ଧ୍ୟାନଦେବାକୁ ପରାମର୍ଶ ଦେବା ସହ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ।

ଆମ୍ବେଦକର ସେବା ସଂଗଠନ ତରଫରୁ ଅଧିକାର ସମାବେଶ

ଓଡାପଡ଼ା, ୩୦।୧(ସମିସ): ଆମ୍ବେଦକର ସେବା ସଂଗଠନ ଢେଙ୍କାନାଳ ଆନୁକୂଲ୍ୟରେ ଓଡାପଡ଼ା ବ୍ଲକ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଛି। ସଂଗଠନର ସଭାପତି ତଥା ଆଇନୀଜୀବୀ ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ଆହ୍ୱାନ କ୍ରମେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନ ତରଫରୁ ବିଭିନ୍ନ ଦାବି ନେଇ ଧାରଣା ଦେବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମାଜସେବୀ ଜତି ନାଏକ ଓ କୈଳାସ ଚନ୍ଦ୍ର ନାଏକ, ପ୍ରଶାନ୍ତ ନାଏକ, ଅନନ୍ତ ନାଏକ, ନରୋତ୍ତମ ନାଏକ, କଳାବତୀ ନାଏକ, ଦେବେନ୍ଦ୍ର ନାଏକ, ଅରବିନ୍

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

◆VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00

ସୁଲଭ ମୂଲ୍ୟରେ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା

ପ୍ରଥମ ଥର ପିପିପି ମୋଡ୍‌ରେ ହେବ ୫ ଡାକ୍ତରଖାନା

■ **ଭୁବନେଶ୍ୱର, ୩୦।୧ (ସମିସ):** ପ୍ରତିଟି ଜୀବନ ମୂଲ୍ୟବାନ୍ ନୀତି ଆଧାରରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପକ୍ଷରୁ ପ୍ରଥମ ଥର ପାଇଁ ପିପିପି ମୋଡ୍‌ରେ ଅତ୍ୟାଧୁନିକ ଡାକ୍ତରଖାନା ପ୍ରତିଷ୍ଠା କରାଯିବ। ବଡ଼ବିଲ, ଅନୁଗୁଳ, ଭଦ୍ରକ, ଝାରସୁଗୁଡ଼ା ଓ ଗୋପାଳପୁରରେ ସରକାରୀ ଘରୋଇ ଭାଗିଦାରୀ (ପିପିପି)ରେ ଏହି ଡାକ୍ତରଖାନାଗୁଡ଼ିକ ଆଗାମୀ ଦୁଇବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏଠାରେ ସବୁ ପ୍ରକାର ସେବା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ଆଉ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ସମ୍ପୃକ୍ତ ଘରୋଇ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

■ ରୋଗୀ ଓ ସହାୟକଙ୍କ ପାଇଁ ମାଗଣାରେ ଖାଦ୍ୟ ବ୍ୟବସ୍ଥା
■ ବିଏସ୍‌କେୱାଇ ହିତାଧିକାରୀଙ୍କୁ ମିଳିବ ମାଗଣା ସ୍ୱାସ୍ଥ୍ୟସେବା

ସୂଚନା ଅନୁସାରେ ଭଦ୍ରକ ଓ ଝାରସୁଗୁଡ଼ାରେ ଡାକ୍ତରଖାନା ପ୍ରତିଷ୍ଠା ଓ ପରିଚାଳନା ପାଇଁ ଆରୋଗ୍ୟ କେୟାର ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଗୋପାଳପୁରରେ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ। ସେହିପରି ବଡ଼ବିଲ୍ ଓ ଅନୁଗୁଳରେ ସିଲିକନ୍ ବିଶ୍ୱବିଦ୍ୟାଳୟ ପିପିପି ମୋଡ୍‌ରେ ଡାକ୍ତରଖାନା ପ୍ରତିଷ୍ଠା କରିବ। ସେଠାରେ ରୋଗୀ ଏବଂ ସହାୟକଙ୍କୁ ବିନା ମୂଲ୍ୟରେ ଖାଦ୍ୟ ମିଳିବ। ବଡ଼ କଥା ହେଉଛି ସରକାରୀ ଓ ଘରୋଇ ସଂସ୍ଥା ଉଦ୍ୟମରେ ପ୍ରତିଷ୍ଠା ହେବାକୁ ଥିବା ଏହି ଡାକ୍ତରଖାନାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିବା ସହ ରୋଗୀଙ୍କ ୱାର୍ଡ ଗୁଡ଼ିକ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବ। ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧାରଣ ୱାର୍ଡରେ ଥିବା ଶଯ୍ୟାକୁ ଆଇସିୟୁ ଶଯ୍ୟାରେ ପରିଣତ କରାଯିବା ନେଇ ମଧ୍ୟ ବ୍ୟବସ୍ଥା କରାଯିବ।

ଅପରପକ୍ଷେ ସମ୍ପୃକ୍ତ ଡାକ୍ତରଖାନାଗୁଡିକ କଟକ ଓ ଭୁବନେଶ୍ୱରରେ ଏବଂ ରାଜ୍ୟ ବାହାରେ ଥିବା କିଛି ସୁପରସ୍ପେଶାଲିଟି ହସ୍ପିଟାଲ ସହିତ ଅନୁବନ୍ଧିତ ହେବେ। ଯଦ୍ୱାରା ଜରୁରୀ ପରିସ୍ଥିତିରେ ଅନୁବନ୍ଧିତ ଡାକ୍ତରଖାନାରେ ସୁପରସ୍ପେଶାଲିଟି ଡାକ୍ତର ଅନ୍‌ଲାଇନ୍‌ରେ ଡାକ୍ତରମାନଙ୍କୁ ଚିକିତ୍ସାରେ ସହାୟତା କରିପାରିବେ। ଆବଶ୍ୟକ ହେଲେ ରୋଗୀଙ୍କୁ ସମ୍ପୃକ୍ତ ଅନୁବନ୍ଧିତ ସୁପରସ୍ପେଶାଲିଟି ହସ୍ପିଟାଲକୁ ରେଫର କରାଯିବ। ଏହି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ସହିତ ଶିକ୍ଷାଦାନ ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମଧ୍ୟ ହେବ। ସେଠାରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପାଇଁ ପାଠ୍ୟକ୍ରମ ପ୍ରଚଳନ କରାଯିବ।

ଏହି ଡାକ୍ତରଖାନାଗୁଡ଼ିକ ୨୦୦ ଶଯ୍ୟା ବିଶିଷ୍ଟ ରହିବ। ଏଥିସହ ୨୪ ଘଣ୍ଟିଆ ଟ୍ରମା କେୟାର ଚିକିତ୍ସା, ମଲ୍ଟି ସ୍ପେଶାଲିଟି, ସୁପରସ୍ପେଶାଲିଟି, ଓପିଡି, ଆଇପିଡି ସେବା ଉପଲବ୍ଧ ହେବ। ଅପରପକ୍ଷେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା ସହିତ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ କ୍ୟାସଲେସ୍ ସୁବିଧା ଉପଲବ୍ଧ ହେବ। ଆବଶ୍ୟକସ୍ଥଳେ ସରକାରୀ ମେଡିକାଲ କଲେଜରୁ ଶିକ୍ଷା ସମାପ୍ତ କରୁଥିବା ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ସେଠାରେ ନିଯୁକ୍ତି ଦେବା ବ୍ୟବସ୍ଥା ହେବ। ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଜିଲ୍ଲାସ୍ତରରେ ମେଡିକାଲ କଲେଜ ପ୍ରତିଷ୍ଠା କରୁଥିବା ବେଳେ ଆମ ହସ୍ପିଟାଲ କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ଏବଂ ଅନ୍ୟ ବର୍ଗର ଡାକ୍ତରଖାନାର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ତଥାପି ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଆହ୍ୱାନ ସୃଷ୍ଟି କରୁଛି। ଏହି ଅଭାବ ଦୂର ପାଇଁ ଘରୋଇ ସଂସ୍ଥା ସହାୟତାରେ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନର ସ୍ଥିତିରେ ପୂର୍ବାପେକ୍ଷା ଉଲ୍ଲେଖନୀୟ ଉନ୍ନତି ଆସିଥିଲେ ସୁଦ୍ଧା ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରର ବଡ଼ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି 'ଓଡ଼ିଶା ଆଫୋର୍ଡେବଲ୍ ହେଲଥ୍ କେୟାର ପ୍ରୋଜେକ୍ଟ' ଅଧିନରେ ଘରୋଇ ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାର ସୁଯୋଗ ସୃଷ୍ଟି କରିଛନ୍ତି।

ଲିଙ୍ଗରାଜ କୁଷ୍ଠ କଲୋନୀ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୩୦।୧ (ସମିସ):** ପଳାଶପଲ୍ଲୀଠାରେ ନବନିର୍ମିତ ଲିଙ୍ଗରାଜ କୁଷ୍ଠ କଲୋନୀ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏଥିରେ ୩୧ଟି ବାସଗୃହ ଥିବାବେଳେ ୯୪ଜଣ ହିତାଧିକାରୀ ଉପକୃତ ହେବେ। ଏମାନଙ୍କ ରହିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିବାବେଳେ ଏମାନେ ସମସ୍ତେ ମଧୁବାବୁ ପେନସନ୍ ଯୋଜନାରେ ସାମିଲ ହୋଇଛନ୍ତି। ଏହାସହ ଏକ ମେଡ଼ିକାଲ ଟିମ୍ ପ୍ରତି ସପ୍ତାହରେ ସେମାନଙ୍କ ପାଖକୁ ଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛି। ସେମାନଙ୍କ ସୁବିଧା ପାଇଁ ସେମାନଙ୍କୁ ଡ୍ରେସିଂ କିଟ୍, ଜୋତା ଓ ଟ୍ରାଇ ସାଇକଲ ପ୍ରଭୃତି ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି। ଫଳରେ ସେମାନେ ସୁଖ ଓ ସୁସ୍ଥ ଜୀବନ ନିର୍ବାହ କରିପାରୁଛନ୍ତି।

ଉପକୃତ ହେଲେ ୯୪ ହିତାଧିକାରୀ

ଲୋକକଥା

ନ'ରୁ ନବେକୁ ଛୁଇଁବା ପାଇଁ କି
ଗଣିତ କଷୁଛି 'ହାତ',
'ଫୁଲ' କହୁଅଛି ଗାଦିରେ ବସିବ
ଶାସକକୁ ଦେଇ ମାତ।
ଜନତା ତ ଦେବେ ମତ,
ସ୍ୱର୍ଗକୁ ନିଶୁଣି ବାନ୍ଧିଲେ କି ହେବ
ସବୁ ଦେଖେ ଜଗନ୍ନାଥ !!

ଆଜି 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

■ **ଭୁବନେଶ୍ୱର,୩୦।୧(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି (ବୁଧବାର) ପ୍ରାୟ ୬ ହଜାର ପ୍ରତିଭାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଜିଲ୍ଲା ଓ ବ୍ଲକସ୍ତରୀୟ ପୁରସ୍କାରକୁ ମିଶାଇ ସମୁଦାୟ ୫୪ ହଜାରରୁ ଅଧିକ ପୁରସ୍କାର ପ୍ରଦାନ କରାଯିବ। ଏଥିପାଇଁ ପ୍ରାୟ ୧୩୮କୋଟି ଟଙ୍କା ଖର୍ଚ୍ଚ ହେଉଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ଶିକ୍ଷା ସହ ଜଡ଼ିତ ସମସ୍ତଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମଥର ଆୟୋଜିତ ହେଉଥିବା ଏପରି କାର୍ଯ୍ୟକ୍ରମ ଦେଶରେ ପ୍ରଥମ। ବ୍ୟକ୍ତିଗତ ଯୋଗଦାନଠାରୁ ଆରମ୍ଭ କରି ସାଂଗଠନିକ ଉଦ୍ୟମରେ ଶିକ୍ଷା କ୍ଷେତ୍ରକୁ ଅନନ୍ୟ ସୋପାନକୁ ନେଇଥିବା ଶ୍ରେଷ୍ଠମାନଙ୍କୁ ପୁରସ୍କୃତ କରିବା ପାଇଁ ବଛାଯାଇଛି। ବିଦ୍ୟାର୍ଥୀ, ପ୍ରଧାନଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି, ଆଲୁମିନି କମିଟି, ପଞ୍ଚାୟତ, ବ୍ଲକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିଥିବା ଜିଲ୍ଲା ମଧ୍ୟ ପୁରସ୍କୃତ ହେବାକୁ ମନୋନୀତ ହୋଇଛନ୍ତି। 'ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ' ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

■ ସମ୍ମାନିତ ହେବେ ୬ହଜାର ପ୍ରତିଭା

ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ ଯନ୍ତ୍ରୀ

■ **ମାଲକାନଗିରି/ଜଳେଶ୍ୱର, ୩୦।୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ମହାନ୍ତି। ଭିଜିଲାନ୍ସ ପକ୍ଷରୁ ଆଜି ତାଙ୍କର ମାଲକାନଗିରିସ୍ଥିତ ଭଡ଼ାଘର ସମେତ ଭୁବନେଶ୍ୱର ଓ ଜଳେଶ୍ୱର ସମେତ ମୋଟ ୭ଟି ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଶ୍ରୀ ମହାନ୍ତିଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଭିଜିଲାନ୍ସ ଚକିତ ହୋଇଛି। ଶ୍ରୀ ମହାନ୍ତିଙ୍କ ଜଳେଶ୍ୱର ଦେଉଳି ପଞ୍ଚାୟତରେ ଗୋଟିଏ ତିନି ମହଲା କୋଠା, ଭୁବନେଶ୍ୱର ରଘୁନାଥପୁରରେ '୨-ବିଏଚ୍‌କେ' ଫ୍ଲାଟ୍, ଜଳେଶ୍ୱର ଟାଉନ୍‌ରେ ୧୪ଟି ଫ୍ଲାଟ୍ ସମେତ ଘରୁ ନଗଦ ୧ଲକ୍ଷ ୪୩ ହଜାର ୨୨୦ ଟଙ୍କା, ୧୨.୭୦ ଲକ୍ଷର ଗୋଟିଏ ୪ ଚକିଆ ଏବଂ ଗୋଟିଏ ଦୁଇ ଚକିଆ ଯାନ ଠାବ କରାଯାଇଛି। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସୁରାନ୍ସରେ ୮ଲକ୍ଷ ଟଙ୍କା ଥିବା ବେଳେ ଘରର ଆସବାବପତ୍ର ମିଶି ୧୪.୧୮ ଲକ୍ଷ ଟଙ୍କା ହେବ। ଏସବୁର ଟିକିନିଖି ହିସାବ କରୁଛି ଭିଜିଲାନ୍ସ। ତାଙ୍କ ନାମରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଆସନ୍ତାକାଲି ତାଙ୍କୁ ଡିଏ ମାମଲାରେ ଗିରଫ କରାଯିବ ବୋଲି ଜଣାଯାଇଛି। ଆଜିର ଏହି ଚଢ଼ଉରେ ଭିଜିଲାନ୍ସର ୭ଟି ଟିମ୍ ସାମିଲ୍ ହୋଇଥିଲେ।

■ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ
■ ଗୋଟିଏ ୩ତାଲା କୋଠା, ରାଜଧାନୀରେ ଫ୍ଲାଟ୍ ଠାବ
■ ୧୪ଟି ଫ୍ଲାଟ୍, ୧.୪୩ ଲକ୍ଷର ଟଙ୍କା ଜବତ

ଆଜିଠାରୁ ଅନୁଗୋଳ ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବା

ଅନୁଗୋଳ, ୩୦।୧(ସମିସ): ଅନୁଗୋଳ ଜିଲ୍ଲାରେ ବୁଧବାର ଠାରୁ ଆରମ୍ଭ ହେବ ଲକ୍ଷ୍ମୀ ବସ୍ ସେବା । ସହର ସହ ଗାଁକୁ ଯୋଡ଼ିବା ଲକ୍ଷ୍ୟ ନେଇ ଆରମ୍ଭ ହେଉଥିବା ଏହି ବସ୍ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ । ଏଥିପାଇଁ ବସ୍‌ଗୁଡ଼ିକ ଆସି ଅନୁଗୋଳରେ ପହଞ୍ଚିଥିବା ବେଳେ ବସ୍ ଚଳାଚଳ ପାଇଁ ରୁଟ୍ ଚୂଡ଼ାନ୍ତ ହୋଇଛି । ରାଜ୍ୟ ସରକାର ଆରମ୍ଭ କରିଥିବା ଲକ୍ଷ୍ମୀ ବସ୍ ସେବା ପାଇଁ ଅନୁଗୋଳ ଜିଲ୍ଲାରେ ଉଦ୍‌ଘାଟନ ପାଇଁ ଅନୁଗୋଳ ଷ୍ଟାଡିୟମ୍‌ରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ସୂଚନା ଅନୁସାରେ, ଅନୁଗୋଳରେ ୨୭ ଟି ଲକ୍ଷ୍ମୀ ବସ୍ ଗଡ଼ିବା ସହ ବିଭିନ୍ନ ବ୍ଲକ୍ ମୁଖ୍ୟାଳୟ ସହ ପଞ୍ଚାୟତକୁ ଏହା ଯୋଡ଼ିବା ପାଇଁ ଯୋଜନା କରାଯାଇଛି । ଏଥିପାଇଁ ରୁଟ୍ ପ୍ରସ୍ତୁତ କରାଯାଇଛି । ଅନୁଗୋଳ ସଦର ମହକୁମାରୁ ଛେଣ୍ଡିପଦା, କଣିହାଁ, ବଅଁରପାଳ, ତାଳଚେର, ଆଠମଲ୍ଲିକ, କିଶୋରନଗର ବ୍ଲକକୁ ବସ୍ ଚଳାଚଳ କରିବ । ଏହା ସହ ବ୍ଲକରୁ ବିଭିନ୍ନ ଗାଁକୁ ମଧ୍ୟ ଏହି ଲକ୍ଷ୍ମୀ ବସ୍ ଗଡ଼ିବାର ରୁଟ୍ ଚାର୍ଟ ପ୍ରସ୍ତୁତ ହୋଇଛି । ବୁଧବାର ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ଏହାକୁ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମ ଷ୍ଟାଡିୟମରେ ହେବାକୁ ଥିବାବେଳେ ସଭାରେ ଜିଲ୍ଲାର ଜନପ୍ରତିନିଧି ରହିବେ । ମହିଳା ସ୍ୱଚ୍ଛଫ ସହାୟକ ଗୋଷ୍ଠୀ ଓ ସାଧାରଣ ଲୋକ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

କଳା, ସଂସ୍କୃତି ଓ ସାହିତ୍ୟ ପ୍ରତିଯୋଗିତା

କଣିହାଁ, ୩୦।୧(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଣିହାଁ ପରିସରରେ ନୂଆଁ ଓଡିଶା, ଯୁବ ଓଡିଶା, ନବୀନ ଓଡିଶା, ଓଡ଼ିଆ ଭାଷା ସମ୍ମିଳନୀ ତଥା ଜଗନ୍ନାଥ ସଂସ୍କୃତି ପରିକ୍ରମା ପ୍ରକଳ୍ପ ଏବଂ 'ନୂଆ- ଓ' ଆନୁକୂଲ୍ୟରେ 'ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି' ଶୀର୍ଷକରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଣିହାଁ କଲେଜ ଅଧ୍ୟକ୍ଷ ଡଃ ମଦନମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ତଥା ସମ୍ମାନ ବଢାଇବା ଉଦ୍ଦେଶ୍ୟରେ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତାଭାବେ ଖଡ଼ଗପ୍ରସାଦ କଲେଜର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପିକା ମଞ୍ଜୁପ୍ରଭା ମହାପାତ୍ର, ସମ୍ମାନିତ ଅତିଥି ରୂପେ ଅଧ୍ୟାପିକା ସ୍ନେହଲତା ମହାପାତ୍ର ଯୋଗଦେଇଥିଲେ । ଛାତ୍ରଛାତ୍ରୀମାନେ କଳା, ବକୃତା, ସଂଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା ।

ଥର୍ମାଲ ଡିଏଭିରେ ପୁସ୍ତକ ମେଳା

ଥର୍ମାଲ: ୩୦।୧(ସମିସ): ତାଳଚେର ଥର୍ମାଲ ଅନ୍ତର୍ଗତ ଡିଏଭି ହାୟର ସେକେଣ୍ଡାରୀ ସ୍କୁଲ ପରିସରରେ ଏକ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଏନଟିପିସି ର ମାନବ ସମ୍ବଳ ବିଭାଗର ବରିଷ୍ଠ ପ୍ରବନ୍ଧକ ଡ଼. ଶଶିଭୂଷଣ ମିଶ୍ର ଉଦଘାଟନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷଙ୍କ ଉଦ୍ୟମରେ ଏହି ପୁସ୍ତକ ମେଳାର ଆୟୋଜନ କରାଯାଇଥିଲା । ବିଦ୍ୟାଳୟରେ ଏହି ପୁସ୍ତକମେଳା ପ୍ରଥମ ଥର ପାଇଁ ଆୟୋଜନ ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏହି ପୁସ୍ତକ ମେଳାରେ ଭୁବନେଶ୍ୱର ସ୍ଥିତ ଅକ୍ସଫୋର୍ଡ ପବ୍ଲିକେଶନ ଯୋଗଦେଇ ଥିଲେ । ବିଦ୍ୟାଳୟର ଗ୍ରନ୍ଥାଗାରିକ ସୁଜାତା ମହାପାତ୍ର ଓ ସିଂହାସିନୀ ତ୍ରିପାଠୀ ପିଲାମାନଙ୍କୁ ପୁସ୍ତକ ପଢ଼ିବା ଓ କିଣିବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

ସ୍ପନ୍ଦନ ତରଫରୁ ସଡ଼କ ସୁରକ୍ଷା ସଚେତନତା

ଅନୁଗୋଳ ୩୦।୧(ସମିସ):-ସାମାଜିକ ସଂଗଠନ 'ସ୍ପନ୍ଦନ' ତରଫରୁ ଏବଂ ଆରଟିଓ, ଅନୁଗୋଳ ଆନୁକୂଲ୍ୟରେ ବଅଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଏକ ସଡକ ସଚେତନତା କାର୍ଯ୍ୟକ୍ରମରେ ଦିବ୍ୟଜ୍ୟୋତି ମହନ୍ତ, କନିଷ୍ଠ ଏମଭିଆଇ ମନୋଜ ମିଶ୍ର, ସବ୍ ଇନ୍ସପେକ୍ଟର, ବଅଁରପାଳ ଥାନା, ଉତ୍ସବ ଦେହୁରୀ ପୂର୍ବତନ ସରପଞ୍ଚ, ବୁଢାପଙ୍କ, ଚିନ୍ମୟୀ ଦାସ, ସମାଜ ସେବୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦାନ କରିଥିଲେ । ବୁଢ଼ାପଙ୍କ ସ୍କୁଲ ର ପ୍ରଧାନ ଶିକ୍ଷକ ଏହି ବୈଠକକୁ ପରିଚାଳନା କରିଥିଲେ । ସ୍ପନ୍ଦନର ସଦସ୍ୟ ତଥା ସମାଜସେବୀ ଦିବ୍ୟରଞ୍ଜନଙ୍କ ନେତୃତ୍ୱରେ ଏହା ଆୟୋଜନ ହୋଇଥିଲା । ଏଥିରେ ସ୍କୁଲର ଶିକ୍ଷକ ବିଜୟ କୁମାର ଚାନ୍ଦ, ପ୍ରଦୀପ କୁମାର ନନ୍ଦ, ପ୍ରକାଶ କୁମାର ନାୟକ, ବିନୟ କୁମାର ମାଝୀ, ସୁଜାତା ସାମଲ, ପ୍ରମୁଖ ସହଯୋଗ କରିଥିଲେ । ସେହିପରି ବଳରାମ ପ୍ରସାଦ ଉଚ୍ଚ ବିଦ୍ୟାଳୟ ପରିସରରେ ହୋଇଥିବା କାର୍ଯ୍ୟକ୍ରମକୁ ନାଲକୋନଗର ମଡେଲ ପୁଲିସ ଷ୍ଟେସନର ଅଧିକାରୀ ପ୍ରଦୀପ ମହନ୍ତ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଟାଟା ଷ୍ଟିଲ, ମେରାମଣ୍ଡଳୀର ସେଫଟି ଅଫିସର ଦିବ୍ୟରଞ୍ଜନ୍ ମହାନ୍ତି, ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା, ଶିକ୍ଷୟିତ୍ରୀ କଳ୍ପନା ସାହୁ, ସୁନୀତା ତ୍ରିପାଠୀ, ଶୁଭଦର୍ଶିନୀ ପ୍ରଧାନ, ଉତ୍ସବ ମହାପାତ୍ର, ସୁବ୍ରତ ଜେନା, ଶିବାନୀ ପ୍ରଧାନ, ବିଶ୍ୱଜିତ୍ ସାହୁ, ପ୍ରଭାତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନରେ ସହାୟତା କରିଥିଲେ ।

ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ସେବା କାର୍ଯ୍ୟକ୍ରମ

ତାଳଚେର, ୩୦।୧(ସମିସ): ଜାଗୃତି ମହିଳା ମଣ୍ଡଳ ଅଧ୍ୟକ୍ଷା ସୁବର୍ଣ୍ଣା କାଓଲେଙ୍କ ନେତୃତ୍ୱରେ ତଥା ଉପାଧ୍ୟକ୍ଷା ଅଳ୍ପନା ଶୁକ୍ଳା ରାଓ ଏବଂ ଉପାଧ୍ୟକ୍ଷା ଅଞ୍ଜଳି ବାପଟଙ୍କ ମାର୍ଗଦର୍ଶନରେ ମହିଳା ମଣ୍ଡଳର ସଦସ୍ୟମାନଙ୍କ ଦ୍ୱାରା ଜାନୁୟାରୀ ୨୭ରେ ଉଲ୍ଲେଖନୀୟ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ବିଜଳିନଗର, କଟାପଲ୍ଲୀର ୨୦ଜଣ ଅସହାୟ ବରିଷ୍ଠ ମହିଳାମାନଙ୍କୁ କମ୍ବଳ, ହେଡ଼ ସ୍କାର୍ଫ ଏବଂ ସ୍ନାକ୍ସ ଇତ୍ୟାଦି ବଣ୍ଟନ କରାଯାଇଥିଲା ।

ଓପିସିଏଲ୍ ମୁଖ୍ୟ ଫାଟକରେ ତାଲା ପକାଇଲେ ନିଯୁକ୍ତି ଆଶାୟୀ

ତାଳଚେର ସହର ୩୦।୧(ସମିସ)

ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ କୁଲେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓପିସିଏଲ୍ (ଓଡ଼ିଶା ପାୱାର କନସୋରଟିୟମ ଲିମିଟେଡ) କାରଖାନାର ମୁଖ୍ୟ ଫାଟକରେ ପାଞ୍ଚଦିନ ହେଲା ଝୁଲୁଛି ତାଲା। ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି କୁଲେଇ ଗ୍ରାମର ନିଯୁକ୍ତି ଆଶାୟୀ ଓ କିଛି ଗ୍ରାମବାସୀ। କମ୍ପାନୀ ଆରମ୍ଭ ପୂର୍ବରୁ ଶାଗମାଛ ଦରରେ ଜମି ଅଧିଗ୍ରହଣ ପରେ ଗ୍ରାମର ଯୁବକ ଯୁବତୀଙ୍କୁ କମ୍ପାନୀରେ ନିଯୁକ୍ତି ଦେବା ନେଇ ପ୍ରଲୋଭନ

୫ ଦିନ ହେଲା କମ୍ପାନୀ ଭିତରେ ଫସିରହିଛନ୍ତି ୧୩ କର୍ମଚାରୀ

ଦେଖାଇଥିଲେ କମ୍ପାନୀ କର୍ତ୍ତୃପକ୍ଷ। ୨୦୦୫ ମସିହା ଜୁନ ମାସରେ କମ୍ପାନୀ ପକ୍ଷରୁ ଗ୍ରାମର ୨୨ ଜଣଙ୍କୁ ସିକ୍ୟୁରିଟି ଟ୍ରେନିଂ ପାଇଁ ଟାଟା ଜାମସେଦପୁର ସ୍ଥିତ ଟିଆଇଏସ୍ ସଂସ୍ଥାକୁ ପଠାଯାଇଥିଲା। ସୂଚନା ଅନୁଯାୟୀ ୨୦୦୯ ମସିହାରେ କମ୍ପାନୀ ଆରମ୍ଭ ହେବା ପରେ କୁଲେଇ ଗ୍ରାମର ମାତ୍ର ୨୮ ଜଣଙ୍କୁ କମ୍ପାନୀରେ ବିଭିନ୍ନ ପଦରେ ନିଯୁକ୍ତି ଦିଆଗଲା। କିନ୍ତୁ ସିକ୍ୟୁରିଟି ଟ୍ରେନିଂରେ ଯାଇଥିବା ୨୨ ଜଣଙ୍କ ମଧ୍ୟରୁ ମାତ୍ର ୬ ଜଣଙ୍କୁ କମ୍ପାନୀରେ ନିଯୁକ୍ତି ଦିଆଯାଇଥିଲା। ବାକି ୧୬ ଜଣ ନିଯୁକ୍ତି ଆଶାରେ ଅନେକ ସମୟରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ନିରାଶ କରିଥିଲେ। ଏବେ ୧୬ ଜଣଙ୍କ ମଧ୍ୟରୁ ୨ ଜଣ ମୃତ୍ୟୁବରଣ କରିସାରିଥିବା ବେଳେ ୨ ଜଣ ଅନ୍ୟତ୍ର ନିଯୁକ୍ତି ପାଇସାରିଲେଣି ଓ ଦୁଇଜଣଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇସାରିଲାଣି। ବାକି ରହିଲେ ଆଉ ୧୦ ଜଣ। ସେମାନେ ହେଉଛନ୍ତି ଭଞ୍ଜ କିଶୋର ମାହାନ୍ତି, ଦିନେଶ ସାମଲ, ପ୍ରଦୀପ ବେହେରା, ମନୋରଞ୍ଜନ ସାମଲ, କୁନା ସାମଲ, ଜିତୁ ସେଠୀ, ନବୀନ ବେହେରା, ନରୋତ୍ତମ ସାମଲ, ଆର୍ତ୍ତତ୍ରାଣ ସାମଲ, ମୁରଲୀ ନାଏକ। ସେମାନଙ୍କ ଅଭିଯୋଗ ଅନୁଯାୟୀ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ବାରମ୍ବାର ଧାରଣାରେ ବସିବା ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ନ୍ୟାୟ ପ୍ରଦାନ କରୁ ନ ଥିବାରୁ ଚଳିତ ମାସ ୨୭ ତାରିଖ ଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ କମ୍ପାନୀ ମୁଖ୍ୟ ଫାଟକରେ ତାଲା ପକାଯାଇଛି। ଯାହା ଫଳରେ କମ୍ପାନୀ ଭିତରେ କାର୍ଯ୍ୟ କରୁଥିବା ୧୩ କର୍ମଚାରୀ ବାହାରକୁ ବାହାରି ପାରୁନାହାନ୍ତି କିମ୍ବା ବାହାରେ ଥିବା କର୍ମଚାରୀମାନେ ଭିତରକୁ ପ୍ରବେଶ କରିପାରୁନାହାନ୍ତି। ଇତି ମଧ୍ୟରେ ୫ ଦିନ ବିତିଯାଇଥିଲେ ହେଁ କମ୍ପାନୀ ଭିତରେ ଥିବା କର୍ମଚାରୀ ସେମିତି ଭିତରେ ପଡ଼ିରହିଛନ୍ତି। ଧାରଣାରେ ବସିଥିବା ବ୍ୟକ୍ତିମାନେ କମ୍ପାନୀ ଭିତରେ ଥିବା କର୍ମଚାରୀଙ୍କୁ ବାହାରକୁ ଆସିବାକୁ ଅନୁମତି ଦେଇଥିଲେ ହେଁ କମ୍ପାନୀ ତା'ର ଲାଭଖୋର୍ ମାନୋବୃତି ଯୋଗୁଁ ଜୋରଜବରଦସ୍ତି କର୍ମଚାରୀଙ୍କୁ ଭିତରେ ରହି କାମ କରିବାକୁ ଚାପ ପକାଉଛି। ଅନ୍ୟଥା ଚାକିରିରୁ ବହିଷ୍କୃତ କରିଦିଆଯିବାର ଧମକ ମଧ୍ୟ ଦିଆଯାଉଛି। ୨୬ ତାରିଖ ରାତିରୁ ରାତ୍ରକାଳୀନ ଡ୍ୟୁଟିରେ ଥିବା କର୍ମଚାରୀମାନେ

ଆଜିକୁ ୫ ଦିନ ଧରି କାମ କରିଚାଲିଛନ୍ତି। ଭିତରେ ଥିବା କିଛି କର୍ମଚାରୀ ଅସୁସ୍ଥ ହୋଇସାରିଥିବା ନେଇ ଜଣେ କର୍ମଚାରୀ ନାମ ଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସବୁଠାରୁ ଦୁଃଖର ବିଷୟ ସେହି ୧୩ ଜଣଙ୍କ ଭିତରେ ଜଣେ ହୃଦ୍ ରୋଗୀ ମଧ୍ୟ ଅଛନ୍ତି ଏବଂ ଅନ୍ୟ ଜଣେ ଜ୍ୱରରେ ପୀଡ଼ିତ। ଏସବୁ ସମ୍ପର୍କରେ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ କରିବା ନିନ୍ଦନୀୟ। କର୍ମଚାରୀମାନେ ଯଦି ବାହାରକୁ ବାହାରି ଆସିବେ, ତେବେ ମେସିନ ବନ୍ଦ ରହିବା ଦ୍ୱାରା ଟର୍ବାଇନ୍, ଜେନେରେଟର, ଟ୍ରାନ୍ସଫର୍ମର, ସ୍ୱିଚ ୟାର୍ଡ ଇଦ୍ୟାଦି ପ୍ରତି ବିପଦ ସୃଷ୍ଟି ହେବ। ଏହାକୁ ନଜରରେ ରଖି କର୍ମଚାରୀଙ୍କୁ ବାହାରକୁ ନ ଆସିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଚାପ ପକାଉଛନ୍ତି। ଭିତରେ ଥିବା କର୍ମଚାରୀମାନେ ସାଙ୍ଗରେ ଶୀତବସ୍ତ୍ର ଏବଂ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଉପକରଣ ନ ନେଇଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭବିଷ୍ୟତରେ ଯଦି କାହାର କିଛି କ୍ଷତି ହୁଏ, ତେବେ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି କର୍ମଚାରୀମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପୂର୍ବରୁ ୨୦୨୩ ମସିହା ଜୁନ ମାସ ୯ ତାରିଖରୁ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ। ଓପିସିଏଲ୍ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବାରୁ ୨୦୨୩ ନଭେମ୍ବର ୨୦ ରେ ଧାରଣାରେ ବସିଥିବା ବ୍ୟକ୍ତିମାନେ ଫାଟକରେ ତାଲା ପକାଇଥିଲେ। ଚତୁରତା ପୂର୍ବକ ଓପିସିଏଲ୍ କର୍ତ୍ତୃପକ୍ଷ ଏକ ମାସ ଭିତରେ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି, ଓପିସିଏଲ୍ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ଗ୍ରାମବାସୀଙ୍କୁ ଏକାଠି କରି ଏକ ବୈଠକ ଜରିଆରେ ସମାଧାନ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜିକୁ ଦୀର୍ଘଦିନ ବିତିଯାଇଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାକୁ ବାଧ ହୋଇ ଗ୍ରାମବାସୀ ମୁଖ୍ୟ ଫାଟକରେ ୨୭ ତାରିଖ ଦିନ ତାଲା ପକାଇଛନ୍ତି। ପାଲଲହଡ଼ା ବିଧାୟକ ମୁକେଶ ପାଲ, କୁଲେଇ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ ଏହି ଧାରଣାରେ ଯୋଗଦେଇ ତିନି ଘଣ୍ଟା କାଳ ବସିରହିବା ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦେଖା ମିଳିନଥିଲା। ଯେବେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହୋଇଛି ସେବେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗ୍ରାମବାସୀ, ବିଧାୟକ ଏବଂ ସରପଞ୍ଚ ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏନେଇ ପ୍ରଶ୍ନ କରିବାରୁ ସେ କହିଛନ୍ତି କି, କମ୍ପାନୀରେ ମୋଟ ୧୨ ଟି ସିକ୍ୟୁରିଟି ଗାର୍ଡ ପୋଷ୍ଟ ରହିଛି। ସେଥି ମଧ୍ୟରୁ ଗୋଟିଏ ଏବେ ଖାଲି ରହିଛି। କିନ୍ତୁ ଗୋଟିଏ ଖାଲି ପଦରେ କିଭଳି ୧୦ ଜଣ ନିଯୁକ୍ତି ପାଇବେ ତାହା କମ୍ପାନୀ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସେହିପରି ଭିତରେ ଫସି ରହିଥିବା କର୍ମଚାରୀଙ୍କୁ କାହିଁକି ତୁରନ୍ତ ବାହାରକୁ ଅଣାଯାଉନାହିଁ ବୋଲି ପ୍ରଶ୍ନ କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ଉତ୍ତର ଦେଲେ କି ଭିତରେ ଫସି ରହିଥିବା କର୍ମଚାରୀଙ୍କୁ ଯଦି ବାହାରକୁ ଅଣାଯାଏ ଏବଂ ବାହାର କର୍ମଚାରୀଙ୍କୁ ଯଦି ଭିତରେ ତାଙ୍କ ସ୍ଥାନରେ କାର୍ଯ୍ୟ କରିବାକୁ ଦିଆ ନ ଯାଏ ତେବେ ମେସିନ ବନ୍ଦରହିବା ଦ୍ୱାରା ପାଣି ଟର୍ବାଇନ୍ ଭିତରେ ପସି ଟର୍ବାଇନ୍ ଖରାପ ହେବା ସହ କମ୍ପାନୀର ଅନେକ ମୂଲ୍ୟବାନ ଯନ୍ତ୍ରାଂଶ ଖରାପ ହୋଇଯିବ। ସେହିଭଳି ଥର୍ମାଲ, କାମାକ୍ଷାନଗରକୁ ପାୱାର ସପ୍ଲାଇ ବନ୍ଦ ହୋଇଯିବ। ବ୍ୟାରେଜର ଜଳ କର ହ୍ରାସ ପାଇବା ଭଳି ସ୍ଥିତି ପହଞ୍ଚିବ। ଅନ୍ୟପକ୍ଷେ ବାହାରେ ଡିଉଟି କରି ନ ପାରୁଥିବା କର୍ମଚାରୀଙ୍କ ଦରମା ବନ୍ଦ ହୋଇଯିବା ଭଳି ନିଷ୍ପତ୍ତି ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ନେଇପାରନ୍ତି ବୋଲି ସୂଚନା ମିଳିଛି। ତେଣୁ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ଏବଂ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ କରିବା ନେଇ ଧାରଣାରେ ବସିଥିବା ଗ୍ରାମବାସୀ ଦାବି କରିଛନ୍ତି।

ସେମାନଙ୍କ ମୁହଁରୁ...

ଆଜକୁ ଚାରିଦିନ ଧରି ଧାରଣାରେ ବସିବା ପରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଅଣଦେଖା କରିବା ନିହାତି ନିନ୍ଦନୀୟ। ମୁଁ ନିଜେ ଧାରଣାରେ ବସିଥିବା ଗ୍ରାମବାସୀଙ୍କ ସହ ବସି ସମାଧାନ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡାକିଥିଲେ ମଧ୍ୟ ୩ ଘଣ୍ଟା ପର୍ଯ୍ୟନ୍ତ କାହାର ଦେଖା ମିଳିଲା ନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଏଭଳି ଆଚରଣ ସ୍ପଷ୍ଟ କରୁଛି କି ସମସ୍ୟାର ସମାଧାନ ପାଇଁ ସେମାନେ ଇଚ୍ଛୁକ ନାହାନ୍ତି। ପୂର୍ବରୁ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇବା ପରେ ବୈଠକ ପାଇଁ ଅଧିକାରୀମାନେ ଡାକିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଅନୁପସ୍ଥିତ ରହିଥିଲେ।

■ ମୁକେଶ କୁମାର ପାଲ, ବିଧାୟକ ପାଲଲହଡ଼ା

କମ୍ପାନୀ ଭିତରେ ୫ ଦିନ ଧରି ଫସି ରହିଥିବା କିଛି କର୍ମଚାରୀ ମୋ ପଞ୍ଚାୟତ ଅଧୀନସ୍ଥ। କମ୍ପାନୀର ଲାଭଖୋର୍ ମନୋବୃତି ଯୋଗୁଁ ଯଦି ଆଗାମୀ ଦିନରେ କାହାର କିଛି କ୍ଷତି ହୁଏ, ତାହାଲେ କମ୍ପାନୀ କର୍ତ୍ତୃପକ୍ଷ ଏଥିପାଇଁ ଦାୟୀ ରହିବେ। ସେହିଭଳି ଶୀତ କାକରରେ ବାହାରେ ଧାରଣାରେ ବସିଥିବା ଗ୍ରାମବାସୀ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଧାରଣା ଦେବେ। ଦିନ ଯେତେ ଗଡିବ କମ୍ପାନୀ ସେଥିପାଇଁ ଉତ୍ତରଦାୟୀ ହେବ, ଏହା ମୋର ଚେତାବନୀ।

■ ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ, ସରପଞ୍ଚ, କୁଲେଇ ଗ୍ରାମ ପଞ୍ଚାୟତ

୪ ଦିନ ଧରି ଧାରଣାରେ ବସି ଦେହ ଅସୁସ୍ଥ ହେବାକୁ ଲାଗିଲାଣି। ଧାରଣାରେ ବସିଥିବାରୁ ଆମ ପରିବାରର ସଦସ୍ୟଙ୍କ ମଧ୍ୟରୁ ଯଦି କେହି ଅସୁସ୍ଥ ହୁଅନ୍ତି, ସେଥିପାଇଁ କମ୍ପାନୀ ଦାୟୀ ରହିବ। ଏହା ସହ ଚାକିରି ଦେବାକୁ କହି ୧୮ ବର୍ଷ କାଳ କମ୍ପାନୀ ଆମ ସହ ପ୍ରତାରଣା କରିଛି। ଆମ ମଧ୍ୟରୁ କିଛିଜଣ ମୃତ୍ୟୁବରଣ କରିସାରିଲେଣି। କିଛିଜଣ ଅନ୍ୟତ୍ର ନିଯୁକ୍ତି ପାଇସାରିଲେଣି। ଯଦି ଏହିଭଳି ଆଉ କିଛିଦିନ ଚାଲେ, ତାହାଲେ କାହାର କ'ଣ ହେବ ତାହା ଠିକ୍ ନାହିଁ। ଯଦି ତୁରନ୍ତ ସ୍ଥାୟୀ ସମାଧାନ ନ ହୁଏ ,ତେବେ ଧାରଣା ଜାରି ରହିବ।

■ ଭଞ୍ଜ କିଶୋର ମହାନ୍ତି, ଧାରଣାକାରୀ

ବାହାକୁଦ- ପାରାଦୀପ ମୂଷାଡିଆ ଫେରିଘାଟ

ନଈ ମଝିରେ ଡଙ୍ଗା ଇଞ୍ଜିନ୍ ଅଚଳ; ୩ ଘଣ୍ଟା ଫସିଲେ ଶହେ ଯାତ୍ରୀ

ମହାକାଳପଡ଼ା, ୩୦।୧(ସମିସ): ମହାକାଳପଡ଼ା ବ୍ଲକ ରାମନଗର ବାହାକୁଦ ଘାଟରେ ମଙ୍ଗଳବାର ଭୋର ସମୟରେ ନଈ ମଝିରେ ଦୁଇଟି ଡଙ୍ଗା ଅଚଳ ହୋଇପଡ଼ିବାରୁ ୧୦୦ ରୁ ଅଧିକ ଯାତ୍ରୀ ୩ଘଣ୍ଟା ନଈ ମଝିରେ ଅଟକି ରହିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଧିକ ରାଜସ୍ୱ ଦେଉଥିବା ଏହି ଫେରିଘାଟ ରାମନଗର ବାହାକୁଦରୁ ପାରାଦ୍ୱୀପ ମୂଷାଡିଆ ଘାଟ ପର୍ଯ୍ୟନ୍ତ ଡଙ୍ଗାରେ ଯାତ୍ରୀ ପରିବହନ କରିଥାଏ। ପାରାଦ୍ୱୀପର ବିଭିନ୍ନ ଶିଳ୍ପ, ବାଣିଜ୍ୟ କେନ୍ଦ୍ର, ସଂସ୍ଥାରେ କାର୍ଯ୍ୟ କରିବା ପାଇଁ ଏହି ଘାଟ ଦେଇ ଦୈନିକ ହଜାର ହଜାର ଲୋକ ନଦୀ ପାର ହୋଇ ପାରାଦ୍ୱୀପକୁ ଯାଇଥାନ୍ତି ଏବଂ ସନ୍ଧ୍ୟାରେ ଫେରିଥାନ୍ତି। ମଙ୍ଗଳବାର ଭୋର ୫ଟା ସମୟରେ ଦୁଇଟି ଯନ୍ତ୍ରଚାଳିତ ଡଙ୍ଗାରେ ପ୍ରାୟ ଶହେ ଜଣ ଯାତ୍ରୀ ସେମାନଙ୍କ ବାଇକ, ସାଇକେଲ ନେଇ ମହାନଦୀ ପାର ହେଉଥିଲେ। ଦୁଇଟିଯାକ ଡଙ୍ଗାର ଇଞ୍ଜିନ ନଈରେ ଖରାପ ହୋଇଯିବାରୁ ନଈ ମଝିରେ ଡଙ୍ଗା ଦୁଇଟି ରହିଯାଇଥିଲା। ସ୍ଥାନୀୟ ଲୋକ ଏବଂ ମତ୍ସ୍ୟଜୀବୀମାନେ ଛୋଟ ଛୋଟ ଡଙ୍ଗା ନେଇ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହିତ ଦଉଡି ଲଗାଇ ଅଚଳ ଇଞ୍ଜିନ ଡଙ୍ଗାକୁ ଟାଣି ଟାଣି କୂଳକୁ ଆଣିଥିଲେ। ପ୍ରାୟ ତିନିଘଣ୍ଟା ଅଟକି ରହିଥିବା ଯାତ୍ରୀ କୂଳକୁ ଆସି ଛୋଟ ଡଙ୍ଗାରେ ନଦୀ ପାର ହୋଇ କର୍ମକ୍ଷେତ୍ରକୁ ଯାଇଥିଲେ। କିଛି ଦିନ ତଳେ କୁହୁଡି ଯୋଗୁଁ ଡଙ୍ଗା ନଈ ମଝିର ବାଲି ପଠାରେ ଦୁଇ ଘଣ୍ଟା ଲାଗି ଯାଇଥିଲା ବେଳେ ଆଉ ଥରେ ବନ୍ୟା ସମୟରେ ଏକ ଡଙ୍ଗାର ଇଞ୍ଜିନ ବେଲ୍ଟ ଛିଡି ଯିବାରୁ ଡଙ୍ଗା ଅଚଳ ହୋଇ ନଦୀର ସ୍ରୋତରେ ସମୁଦ୍ର ମୁହାଣ ଆଡକୁ ପ୍ରାୟ ଏକ କିଲୋମିଟର ଭାସି ଯାଇଥିଲା। ଏହି ଫେରିଘାଟରେ ନଈ ପାର ହେଲେ ଅନେକ ଦୂରତା ହ୍ରାସ ପାଉଥିବାରୁ ଦୈନିକ ହଜାର ହଜାର ଯାତ୍ରୀ ଏହି ଫେରିଘାଟ ବାଟେ ପାରାଦ୍ୱୀପକୁ ଯାତାୟାତ କରୁଛନ୍ତି। ଜିଲ୍ଲାରେ ସବୁଠାରୁ ଅଧିକ ଟଙ୍କାରେ ନିଲାମ ଦେଇ ଲାଭବାନ ହେଉଥିବା ରାମନଗର ପଞ୍ଚାୟତ ସରପଞ୍ଚ ବା ମହାକାଳପଡ଼ା ବ୍ଲକ ପ୍ରଶାସନ ଚୁପ୍ ହୋଇ ବସିପଡୁଥିବା ଅଭିଯୋଗ ହେଉଛି। ଡଙ୍ଗା ଇ ଞ୍ଜିନର ଫିଟନେସ, ଲାଇଫ ଜ୍ୟାକେଟ ସମେତ ସୁରକ୍ଷା ସାଧନ ନେଇ କୌଣସି ପ୍ରକାର ତଦାରଖ ହେଉ ନାହିଁ ବୋଲି ୩ ଘଣ୍ଟା ଅଟକି ରହି ନିଜ କର୍ମକ୍ଷେତ୍ରକୁ ଯିବାରେ ଅସୁବିଧାର ସମ୍ମୁଖୀନ ହୋଇଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି।

କୁହୁଡି ପଞ୍ଚାୟତରେ ସହୀଦ୍ ଦିବସ; ଶିଶୁମେଳା

ମାର୍ଶାଘାଇ, ୩୦।୧(ସମିସ): ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତ କାର୍ଯ୍ୟାଳୟରେ ଜାତିର ପିତା ମହା।।ଗାନ୍ଧୀଙ୍କ ମହାପ୍ରଣାୟନ ଦିବସ ଓ ୬୧ତମ ଶିଶୁ ମେଳା ସମାରୋହରେ ପାଳିତ ହୋଇଯାଇଛି। ଶିଶୁମେଳା କମିଟି ସ୍ଥାୟୀ ସଭାପତି ସମାଜସେବୀ ଭକ୍ତ ଚରଣ ମଲ୍ଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଖାଦ୍ୟ, ଯୋଗାଣ, ଖାଉଟୀକଲ୍ୟାଣ ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଗାନ୍ଧିଜୀଙ୍କ ସତ୍ୟ ଅହିଂସା ଧର୍ମରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ବିକାଶ ପଥରେ ଅଗ୍ରସର ହେଉଛି। ସବୁ ବିଦ୍ୟାଳୟ ରୂପାନ୍ତରିତ ହୋଇଛି। ଗାଁ ଗହଳିର ପିଲାମାନେ ସହର ପିଲାମାନଙ୍କ ବେଶ ପୋଷାକ ପିନ୍ଧିବାକୁ ପ୍ୟାଣ୍ଟ, ସାର୍ଟ, ଯୋତା, ସାଇକଲ ଓ ଖାଦ୍ୟ ସରକାର ଯୋଗାଇଦେଉଛନ୍ତି। ପିଲାମାନେ ଭଲମଣିଷ ହୋଇ ଗାନ୍ଧୀ, ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟବକ୍ତା ଶିକ୍ଷାବିତ୍ ଅରବିନ୍ଦ ପରିଡ଼ା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଆରସିଏମ୍‌ସି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲାପରିଷଦ ସଭ୍ୟ ଦୁର୍ଗାବତୀ ପ୍ରଧାନ, ପିଏସିଏସ୍ ସଭାପତି ଅଜୟ କୁମାର ଦାସ, ଶିଶୁମେଳା କମିଟ୍ ସରପଞ୍ଚ ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରଣାବିନ୍ଦ ଓଝା ସଂଯୋଜନା କରିଥିଲେ। କୁହୁଡି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରତିବର୍ଷ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସକୁ ସହୀଦ୍ ଦିବସ ଭାବେ ପାଳନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଏହି ଅବସରରେ ପଞ୍ଚାୟତର ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଙ୍ଗୀତ ନୃତ୍ୟ ଅଭିନୟ ଭଳି ପ୍ରତିଯୋଗିତା କରାଯାଇ ପ୍ରତିଭା ଅନ୍ୱେଷଣ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେଇଥିବା କୃତି ପ୍ରତିଯୋଗୀମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଶିଶୁମେଳା କମିଟି ଉପସଭାପତି ଅର୍ନ୍ତର୍ଯ୍ୟାମୀ ପଲାଇ, ସମିତି ସଭ୍ୟା ଗୌରୀ ମହାରଣା, ନାଏବ ସରପଞ୍ଚ ମିନତୀ ସେଠୀ, ମାଧବାନନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ରାଜନଗର, ୩୦।୧(ସମିସ): ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଗୋବିନ୍ଦପୁର ଗାଁର ପର୍ଶୁରାମ ସେଠୀ(୩୨)ଙ୍କର ଆଜି ହୃଦଘାତରେ ମୃତ୍ୟୁ ଘଟିଛି। ପର୍ଶୁରାମ ବାପା ମାଆଙ୍କର ଏକମାତ୍ର ପୁତ୍ର ଥିଲେ। ପର୍ଶୁରାମ ରାଜ୍ୟ ବାହାରେ ଦାଦନ ଖଟି ପରିବାର ଚଳାନ୍ତି। ଚାଷ କାମ ପାଇଁ ଗାଁକୁ ଆସିଥିଲେ। ମାତ୍ର ଆଜି ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଛି। ପର୍ଶୁରାମଙ୍କର ଗୋଟିଏ ୪ ବର୍ଷର ଝିଅ ଅଛି। ଘରେ ବିଧବା ସ୍ତ୍ରୀ, ବୃଦ୍ଧ ବାପା, ମାଆ ପୁଅକୁ ହରାଇ କାନ୍ଦିବାର ଦୃଶ୍ୟ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖବର ପାଇ ସରପଞ୍ଚ ପୁଷ୍ପଲତା ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିଜୟ ନାୟକ, ନଳିନୀ କୁମାର ନାଥ, ଗୁରୁ ଚରଣ ବଳ ପ୍ରମୁଖ ମୃତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ସଦସ୍ୟଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ରାଜନଗର, ୩୦।୧(ସମିସ): ରାଜନଗର ବ୍ଲକ କେରେଡାଗଡ଼ାସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରୁଥିବା ଓ ବିଦ୍ୟାଳୟକୁ ଆସୁଥିବା ସରକାରୀ ଅର୍ଥ ହଡପ କରୁଥିବା ନେଇ ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସଦସ୍ୟମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ନେଇ ପଚାରିଲେ, ଅଭିଯୋଗ କଲେ ଧମକ ଦେଉଥିବା ନେଇ ବିଦ୍ୟାଳୟ ପରିଚଳନା କମିଟିର ସଭାପତି ମନମୋହନ ବେହେରା, ଅନୁସୂୟା ମାହୁନ୍ତ, ବଳରାମ ବିନ୍ଧାଣୀ, ଭକ୍ତ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀପଣ୍ଡାଙ୍କୁ ପଚାରିବାରୁ ସମ୍ପୂର୍ଣ୍ଣ ଅଭିଯୋଗ ଭିତ୍ତିହୀନ। ଦୁର୍ବ୍ୟବହାର ନୁହେଁ ଉଚ୍ଚ ସ୍ୱରରେ କଥାବାର୍ତ୍ତା ହୋଇଛି ବୋଲି କହିଛନ୍ତି।

'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାଜନଗର, ୩୦।୧(ସମିସ): ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବାରାହପୁର ସ୍ଥିତ ସ୍ୱପ୍ନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଆନୁକୂଲ୍ୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଭିନ୍ନ ସୁନ୍ଦର ସ୍ୱାଇଁ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନେ ଶୃଙ୍ଖଳା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଜୀବନରେ ସାଧନ କଲେ, ଜୀବନର ଲକ୍ଷ୍ୟସ୍ଥଳ ରେ ପହଞ୍ଚି ପାରିବେ ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟାପକ ସତ୍ୟବାଦୀ ଜେନା, ପତ୍ରକାର ଭାସ୍କର ରାଉତରାୟ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ପରିଚାଳନା ପରିଷଦର ସଭ୍ୟ କାଙ୍ଗାଳୀ ଖଣ୍ଡୁଆଳ, ଶତ୍ରୁଘନ ପରିଡ଼ା ଓ ଶ୍ରେଷ୍ଠ ପ୍ରଶିକ୍ଷିକା ଭାବେ ଝିଲି ଜେନାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।କ୍ରୀଡ଼ା ବିଭାଗ ରେ ଶ୍ରାବଣୀ ପରିଡ଼ା, ରାହୁଲ ରାଉତ ସାଂସ୍କୃତିକ ବିଭାଗ ରେ ଅଭିପ୍ସା ନାୟକ, ସତ୍ୟବ୍ରତ ବେହେରା ସାମାଜିକ ସେବା କ୍ଷେତ୍ରରେ ସଙ୍ଗୀତ ଜେନା, ସତ୍ୟବ୍ରତ ବେହେରାଙ୍କୁ ମୁଖ୍ୟ ଅତିଥି ବିଧାୟକ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସାଧୁ ଚରଣ ବାରିକ ଧନ୍ୟବାଦ ଦେଇଥିଲେ।

ଦୁର୍ବଳତମ ଲୋକଙ୍କ ନିକଟରେ ପହଞ୍ଚିବ ଜିଲ୍ଲା ପ୍ରଶାସନ: ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୩୦।୧(ସମିସ): କେନ୍ଦ୍ରାପଡ଼ାର ନୂତନ ଜିଲ୍ଲାପାଳଭାବେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦାନ କରିଛନ୍ତି। ମଙ୍ଗଳବାର ସକାଳେ ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉଙ୍କୁ ସେ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ ପୂର୍ବାହ୍ନ ୧୦ ଘଟିକା ସମୟରେ କାର୍ଯ୍ୟରେ ଯୋଗଦାନ କରିଥିଲେ। ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ରଖି ସେ କହିଛନ୍ତି, ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦିଆଯିବ। ଜିଲ୍ଲାର ଦୁର୍ବଳତମ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବ ପ୍ରଶାସନ ଓ ଦକ୍ଷତାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ। ସୂଚନାଯୋଗ୍ୟ, ୨୦୧୮ ବ୍ୟାଚ୍ ଓଡ଼ିଶା କ୍ୟାଡର୍‌ର ଏହି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପୂର୍ବରୁ ସମ୍ବଲପୁରର ଉପଜିଲ୍ଲାପାଳ ଏବଂ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିସନରଭାବେ କାର୍ଯ୍ୟକରି ବେଶ ଲୋକପ୍ରିୟତା ଅର୍ଜନ କରି ସାରିଛନ୍ତି। ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିବା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପରେପରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲ୍‌ଦାର, ସମସ୍ତ ବିଡିଓ, ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ସମସ୍ତ ନିର୍ବାହୀ ଅଧିକାରୀଙ୍କ ସହ ପରିଚିତ ହେବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଶାସନର ସମସ୍ତ କାର୍ଯ୍ୟକୁ ଲୋକାଭିମୁଖୀ କରିବା ସହ ଆସନ୍ତା ସାଧାରଣ ନିର୍ବାଚନକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ସେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ବିଭାଗ ପରିଦର୍ଶନ କରି ଭିତ୍ତିଭୂମି ପରଖିବା ସହ ସେ ମୂଲ୍ୟବାନ ଉପଦେଶ ଦେଇଥିଲେ।

ଗୋଦାମ ଗୃହ ଉଦ୍‌ଘାଟିତ; ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ

ମାର୍ଶାଘାଇ, ୩୦।୧(ସମିସ): ମାର୍ଶାଘାଇ ବ୍ଲକ କୁହୁଡି ପ୍ରାଥମିକ କୃଷି ସମବାୟସମିତିର ୫ଲକ୍ଷବ୍ୟୟବରାଦରେଗୋଦାମଗୃହ ଉଦ୍‌ଘାଟନ ହେବା ସହିତ ୨୫ଲକ୍ଷ ବ୍ୟୟବରାଦରେ ସମିତି ନୂତନ କାର୍ଯ୍ୟାଳୟକୁ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଶିଳାନ୍ୟାସ କରିଛନ୍ତି। କୁହୁଡି ସମବାୟ ସମିତି କାର୍ଯ୍ୟାଳୟ ଭିତ୍ତିଭୂମି ଉନ୍ନତି କରିବାକୁ ଦୀର୍ଘଦିନର ଦାବି ପୂରଣ ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି। ନୂତନ ଗୋଦାମ ଗୃହ ଧାନ, ମୁଗ, ବିରି ସଂରକ୍ଷଣରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। କୁହୁଡି ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଅଜୟ କୁମାର ଦାସଙ୍କ ସଭାପତିତ୍ୱରେ ମନ୍ତ୍ରୀ ଶ୍ରୀ ନାୟକ କୁହୁଡି ସମବାୟ ସମିତି ଚାଷୀଙ୍କ ସ୍ୱାର୍ଥ ସମ୍ବଳିତ ବିଷୟ ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ସମ୍ମାନୀତ ଅତିଥି ଭାବେ ଆରସିଏମ୍‌ସି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ସହକାରୀ ନିବନ୍ଧକ ସମବାୟ ସମିତି କେନ୍ଦ୍ରାପଡ଼ା ସନ୍ତୋଷ କୁମାର ଦାଶ, ମାର୍ଶାଘାଇ ଶାଖା କଟକ କେନ୍ଦ୍ର ସମାବୟ ବ୍ୟାଙ୍କ ମୁଖ୍ୟପରିଚାଳକ ଦୁର୍ଗାମାଧବ ନନ୍ଦ, ସରପଞ୍ଚ ପ୍ରଭାତ ରଞ୍ଜନ ଦାସ, ସମିତି ସଭ୍ୟା ଗୌରୀ ମହାରଣା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ନିର୍ଦ୍ଦେଶକମଣ୍ଡଳୀ ଉପସ୍ଥିତ ଥିଲେ। ସମବାୟ ସମ୍ପାଦକ ସେକ୍ ସକିଲଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ରାଜନଗର, ୩୦।୧(ସମିସ): ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳସ୍ଥିତ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ ଆନୁକୂଲ୍ୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲ୍ଲା ପରିଷଦ ସଭ୍ୟ ଖୁକୁମିନା କୁଁଅର, ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, ଡାଙ୍ଗମାଳ ସରପଞ୍ଚ ଦ୍ରୋପଦୀ ସେଠୀ, ସମିତି ସଭ୍ୟ ଶ୍ରୀଚରଣ ଦାସ, ପରିଚାଳନା କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ହେବା ଦ୍ୱ।।ରା ଛାତ୍ରଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଅଧ୍ୟାପକ, ଅଧ୍ୟାପିକା, କ୍ରୀଡ଼ା ଶିକ୍ଷକ ବିକାଶ ମାହୁଁନ୍ତ, ଦିଲ୍ଲୀପ ଦାସ ଓ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

ବଢ଼େଇ ଘାଇ ନିକଟ କେନାଲ୍‌ରେ ଘାଇ

ପଞ୍ଚୁପାଣ୍ଡବ, ୩୦।୧(ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ସଦାନନ୍ଦପୁରସ୍ଥିତ ବଢେଇ ଘାଇ ନିକଟରେ ୮ ନଂ କେନାଲ୍‌ରେ ଏକ ଘାଇ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ପଟ୍ଟାମୁଣ୍ଡାଇ ୮ନଂ(କ) କେନାଲ୍‌ର ବଢ଼େଇଘାଇ ନିକଟରେ କେନାଲ କଡ଼ରେ ଏକ ଢଳେଇ ପାଚେରୀ କାମ ହେଉଥିଲା। ଢଳେଇ ପାଚେରୀ ନିକଟରେ ବନ୍ଧ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ୱାଲ ନିକଟରେ ଘାଇ ସୃଷ୍ଟି ହୋଇଛି। ମୁଗ ଚାଷ ପାଇଁ କେନାଲ୍‌ରେ ଆସିଥିବା ପାଣି ଚାଷ ଜମିକୁ ନଯାଇ ଗୋବରୀ କେନାଲ୍‌କୁ ଚାଲି ଯାଉଛି। ଏବେ ଚାଷୀମାନେ ଜମିରେ ପାଣି ମଡ଼ାଇବାରୁ ଅସୁବିଧା ହେଉଛି। ତୁରନ୍ତ ଘାଇ ମରାମତି କରି ଅଧିକ ପାଣି ଯୋଗାଇ ଦେବାକୁ ଦାବି ହେଉଛି।

କୋଇଲିପୁରରେ ବିଧାୟକଙ୍କ ଶକ୍ତି ପ୍ରଦର୍ଶନ



ରାଜନଗର, ୩୦।୧(ସମିସ): ସାଧାରଣ ନିର୍ବାଚନ ଘୋଷଣାକୁ ଆଉ ଅଳ୍ପ କେତେ ଦିନ ବାକି ଅଛି। ରାଜନଗରର ବିଧାୟକ ଏବେ ଦିନରାତି ଏକ କରି କର୍ମୀ ସମ୍ମିଳନୀ ସହିତ ବିଭିନ୍ନ ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମକୁ ଜୋରଦାର କରିଛନ୍ତି।ଗତକାଲି ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ କୋଇଲିପୁର ପଞ୍ଚାୟତରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି।କୁନ୍ଦୁପୁର -ବାବର ରାସ୍ତା ଶିଳାନ୍ୟାସ, କୁନ୍ଦୁପୁର ଗ୍ରାମ୍ୟ ପା

ନ କରିଲେ ମାତୃଭାଷାର ଉନ୍ନତି, ଘୁଞ୍ଚିବ କି କେବେ ଦେଶର ଦୁର୍ଗତି !
-ବ୍ୟାସକବି ଫକୀରମୋହନ ସେନାପତି

ସକାଳ
THE SAKALA

ଓଡ଼ିଶା ଲଘୁ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା

ଆଦିବାସୀଙ୍କ ପାଇଁ ଅଭିନବ 'ଲାଭ' ଯୋଜନା

ଭାରତରେ ଆଦିବାସୀ ବା ଜନଜାତି ବର୍ଗର ଲୋକେ ଐତିହାସିକ ଦୃଷ୍ଟିରୁ ଅନଗ୍ରସର। ସ୍ୱାଧୀନତା ପରଠାରୁ ଏହି ବର୍ଗଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ କେନ୍ଦ୍ରୀୟ ଓ ପ୍ରାଦେଶିକ ସ୍ତରରେ ବିଭିନ୍ନ ପ୍ରକାର ଯୋଜନା ନିରବଚ୍ଛିନ୍ନ ଭାବେ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଆଦିବାସୀଙ୍କ ବିକାଶ ପ୍ରକ୍ରିୟା ମନ୍ଥର ରହିଛି। ସେହି ମନ୍ଥରତାକୁ ଦୂର କରିବା ପାଇଁ ବିକାଶ ପ୍ରକ୍ରିୟା ଓ ଯୋଜନାର ତ୍ୱରାନ୍ୱୟନ ତଥା ନବୀକରଣର ଆବଶ୍ୟକତା ରହିଛି ଏବଂ ସରକାରମାନେ ସେ କାମରେ ମଧ୍ୟ ହେଳା କରୁନାହାନ୍ତି। ତେବେ ସେମାନଙ୍କୁ ବିଭିନ୍ନ ପ୍ରକାର ସରକାରୀ ସୁବିଧା ଦେଇ ବିକାଶର ମୁଖ୍ୟଧାରାରେ ସାମିଲ କରିବା ବିଭିନ୍ନ କାରଣରୁ ସମୟସାପେକ୍ଷ ପ୍ରମାଣିତ ହେଉଛି।

ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ୨୩ ଶତାଂଶ ଆଦିବାସୀ। ସେମାନଙ୍କ ମୋଟ ସଂଖ୍ୟା ପ୍ରାୟ ୧ କୋଟି ଏବଂ ଦେଶର ଜନସଂଖ୍ୟାର ପ୍ରାୟ ୦.୮୦ ଭାଗ। ଏହାଛଡ଼ା ଭାରତର ମୋଟ ଆଦିବାସୀଙ୍କ ମଧ୍ୟରୁ ପ୍ରାୟ ୧୦ ଭାଗ ଓଡ଼ିଶାରେ ବସବାସ କରନ୍ତି। ଓଡ଼ିଶାରେ ୧୩ ପ୍ରକାର ଆଦିମ ଅଧିବାସୀଙ୍କ ସମେତ ୬୨ ବର୍ଗର ଆଦିବାସୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ବିଲୁପ୍ତ ପ୍ରାୟ ଓ ବିପନ୍ନ। ଓଡ଼ିଶାର ଆଦିବାସୀମାନେ ପାରମ୍ପରିକ ଭାବେ ପାହାଡ଼ ପର୍ବତ ଘେରା ଜଙ୍ଗଲାଞ୍ଚଳ ଓ ଅଗମ୍ୟ ଇଲାକାରେ ବସବାସ କରୁଥିବାରୁ ସେମାନଙ୍କ ପାଖରେ ଆଧୁନିକ ସୁବିଧା ସୁଯୋଗ ଓ ସରକାରୀ ଯୋଜନାର ଲାଭ ପହଞ୍ଚିବା କଷ୍ଟସାଧ୍ୟ। ତଥାପି ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ସରକାରଙ୍କ ନିରନ୍ତର ଉଦ୍ୟମ ଫଳରେ ରାଜ୍ୟର ଆଦିବାସୀମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ରୋଜଗାର, ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅପେକ୍ଷାକୃତ ଭଲ ପ୍ରଗତି କରୁଛନ୍ତି।

ସେମାନଙ୍କ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର ଦୁଇଦିନ ତଳେ ଏକାଧିକ ଯୋଜନାକୁ କାର୍ଯ୍ୟକାରୀ କରିବାକୁ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବ ଅନୁମୋଦନ କରିଛନ୍ତି। ସେଥିମଧ୍ୟରୁ 'ଲାଭ'(ଲଘୁ ବନଜାତ ଦ୍ରବ୍ୟ କ୍ରୟ) ଯୋଜନା ଅନ୍ୟତମ ଏବଂ ଅଭିନବ। ଏହି ଯୋଜନାରେ ରାଜ୍ୟ ସରକାର ମିଶନ ଶକ୍ତି ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ଆଦିବାସୀଙ୍କଠାରୁ ଲଘୁ ବନଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରିବେ। ଏଥିପାଇଁ ସବୁ ବ୍ୟୟ ରାଜ୍ୟ ସରକାର ବହନ କରିବେ ଓ ପ୍ରତିବର୍ଷ ପ୍ରତ୍ୟେକ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ସଂଗ୍ରହ ଋତୁ ପୂର୍ବରୁ ସରକାରୀ ଭାବେ ଘୋଷଣା କରାଯିବ। ସେହି ମୂଲ୍ୟ ଅନୁସାରେ ଆଦିବାସୀମାନେ ସଂଗ୍ରହ କରିଥିବା ଲଘୁ ବନଜାତ ଦ୍ରବ୍ୟକୁ ଆଦିବାସୀ ବିକାଶ ସମବାୟ ଲିମିଟେଡ୍ (ଟିଡିସିସିଏଲ୍) କେନ୍ଦ୍ରରେ ବିକି ପଇସା ପାଇବେ।

ଆଗରୁ ମଧ୍ୟସ୍ଥ ଓ ବେପାରୀମାନଙ୍କ ଦ୍ୱାରା ଏସବୁ ସାମଗ୍ରୀ ଆଦିବାସୀଙ୍କଠାରୁ ସଂଗ୍ରହ ହେଉଥିଲା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ତଥା ବିଧିବଦ୍ଧ ସଂଗ୍ରହ ବ୍ୟବସ୍ଥା ନଥିବାରୁ ସେମାନେ ଶୋଷଣର ସମ୍ମୁଖୀନ ହେଉଥିଲେ। ନୂଆ ବ୍ୟବସ୍ଥା ଠିକଣା ଭାବେ କାର୍ଯ୍ୟକାରୀ ହେଲେ ଆଦିବାସୀମାନେ ନିଶ୍ଚିତ ରୋଜଗାର ପାଇବେ ଓ ଠକାମିର ସମ୍ମୁଖୀନ ହେବେ ନାହିଁ। ଏହା ସେମାନଙ୍କୁ ସଶକ୍ତ କରିବ। ଏହାଛଡ଼ା ଆଦିବାସୀଙ୍କ ଜମିକୁ ଅଣଆଦିବାସୀମାନେ କିଣିବା ନେଇ ଯେଉଁ ନିଷ୍ପତ୍ତି ଆଗରୁ ସରକାର ନେଇ ତାହାକୁ ପରବର୍ତ୍ତୀ ସମୟରେ ସ୍ଥଗିତ ରଖିଥିଲେ, ତାହାକୁ ମଧ୍ୟ ପ୍ରତ୍ୟାହାର କରିନିଆଯାଇଛି। ରାଜନୈତିକ ବିବାଦ ଓ କେତେକ ମହଲର ବିରୋଧ ଯୋଗୁଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଫଳରେ ଅଣଆଦିବାସୀମାନେ ଆଦିବାସୀଙ୍କ ଜମି କିଣି ସେମାନଙ୍କୁ ପ୍ରକାରାନ୍ତରେ ଭୂମିହୀନ କରିପାରିବେ ନାହିଁ। ଏହା ଛ'ଟି ଜିଲ୍ଲା ସମେତ ଅନ୍ୟ ୭ ଜିଲ୍ଲାର ବିଜ୍ଞାପିତ ଅନୁସୂଚିତ କ୍ଷେତ୍ର ପାଇଁ ଲାଗୁହେବ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରୁ ଏ ଯାଏଁ ଅନେକ ସଂରକ୍ଷଣ ସୁବିଧାରୁ ବଞ୍ଚିତ। ସେମାନେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ହୋଇଥିଲେ ମଧ୍ୟ ଅନେକ ଆଦିବାସୀ ସମ୍ପ୍ରଦାୟ ତଫସିଲଭୁକ୍ତ ଉପଜାତି ତାଲିକାରେ ସ୍ଥାନ ପାଇପାରିନାହାନ୍ତି। ଏହା ପଛରେ କେତେକ ବୈଷୟିକ ତ୍ରୁଟି ଓ ଅଯୌକ୍ତିକ କାରଣ ରହିଛି। ସେମାନଙ୍କୁ ସଂରକ୍ଷଣର ସୁବିଧା ଦେବାକୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଏ କ୍ଷେତ୍ରରେ ସଫଳତା ମିଳୁନାହିଁ। ସେହିଭଳି ମୁଣ୍ଡାରୀ, କୁଇ ଏବଂ ସଓରା ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବାର ଦାବି ଦୋହରାଇ ରାଜ୍ୟ ସରକାର ଏକ ପ୍ରସ୍ତାବ ପାରିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସରକାର ଏହି ଦାବି ଅନେକ ଦିନରୁ କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି ସଦୟ ଦେଉନାହାନ୍ତି। ତେଣୁ ଏହାକୁ ଏକ ପ୍ରସଙ୍ଗ କରି ରାଜ୍ୟ ସରକାର କେନ୍ଦ୍ର ସହିତ ଲଢ଼େଇ କରିବା ସ୍ପଷ୍ଟ ହୋଇଯାଇଛି।

ରାଜ୍ୟର ଆଦିବାସୀମାନେ ନିଜ ନିଜର ଭାଷାର ସଂରକ୍ଷଣ ଓ ବିକାଶ ସହିତ ନିଜର ଏକ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ବଜାୟ ରଖିବାକୁ ସଚେତନ ହେଉଛନ୍ତି। ସେ ଦୃଷ୍ଟିରୁ ରାଜ୍ୟ ସରକାର ଆଦିବାସୀ ଭାଷା ସମୂହର ସଂରକ୍ଷଣ ଓ ବିକାଶ ପାଇଁ ଏକ କମିଶନ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମାଧ୍ୟମରେ ୨୧ଟି ଆଦିବାସୀ ଭାଷାର ସଂରକ୍ଷଣ ଓ ବିକାଶ କରାଯିବ। ଥରେ ଗୋଟିଏ ବିଷୟରେ ସରକାରୀସ୍ତରରେ ପ୍ରୟାସ ଆରମ୍ଭ ହେଲେ ସେ କାମ ଚାଲିବ। ରାଜନୈତିକ ଇଚ୍ଛାଶକ୍ତି ଏହାକୁ ତ୍ୱରାନ୍ୱିତ କରିବ। ନିର୍ବାଚନ ବର୍ଷର ଭୋଟ୍ ରାଜନୀତି ଊର୍ଦ୍ଧ୍ୱରେ ଏସବୁ ପ୍ରସ୍ତାବ ଓ ନିଷ୍ପତ୍ତି ସବୁକୁ ଦେଖିଲେ ଆଦିବାସୀମାନେ ବାସ୍ତବରେ 'ଲାଭ'ବାନ ହେବାକୁ ଯାଉଛନ୍ତି।

ମନେ ରଖିବାକୁ ପଡ଼ିବ ଓଡ଼ିଶାରେ ନବୀନ ସରକାର ଲୋକକଲ୍ୟାଣ ଓ ସମାବେଶୀ ବିକାଶକୁ ସର୍ବଦା ଗ୍ୟାରେଣ୍ଟି ଦେଇଆସିଛନ୍ତି। ନବୀନବାବୁ ଯାହା କହନ୍ତି ଏବଂ ପ୍ରତିଶ୍ରୁତି ଦିଅନ୍ତି, ତାହାକୁ କାର୍ଯ୍ୟକାରୀ କରିଥା'ନ୍ତି। ଏହାର ଉଦାହରଣର ଅଭାବ ନାହିଁ। ତେଣୁ ଏହା ନିଶ୍ଚିତ ଆଦିବାସୀଙ୍କୁ ଲାଭ ପହଞ୍ଚାଇବ। ଏହାକୁ କେହି ଯଦି ଭୋଟ ରାଜନୀତି ଦୃଷ୍ଟିରେ ଦେଖୁଥିବେ, ସେଥିରେ କହିବାର କିଛି ନାହିଁ। ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ପାଞ୍ଚଟି ଓ ୧୪୭ ବିଧାନସଭା ଆସନରୁ ୩୩ଟି ଆଦିବାସୀଙ୍କ ପାଇଁ ସଂରକ୍ଷିତ। ଏସବୁ ଆସନରେ ନିର୍ବାଚନ ଫଳାଫଳ ଦୃଷ୍ଟିରୁ ବିଜେଡିର ରେକର୍ଡ ମଧ୍ୟ ମନ୍ଦ ନୁହେଁ। ରାଜନୀତି ତ ରାଜନୀତି ସୃଷ୍ଟି କରିବ। ତା'ସତ୍ତ୍ୱେ ବାସ୍ତବ ଶାସକ ଲୋକଙ୍କ କଲ୍ୟାଣ ଦେଖିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଓଡ଼ିଶାର ଜନଜାତି ଭାଷା

ପରମାନନ୍ଦ ପଟେଲ
ଭୁବନେଶ୍ୱର, ମୋ: ୯୪୩୭୧୭୬୨୮୭

ଓଡ଼ିଶା ଖୁବ୍ ଚର୍ଚ୍ଚିତ ଦୁଇଟି କ୍ଷେତ୍ରକୁ ନେଇ। ପ୍ରଥମଟି ହେଉଛି ଜଗନ୍ନାଥ କ୍ଷେତ୍ର ଏବଂ ଅନ୍ୟଟି ଜନଜାତି କ୍ଷେତ୍ର। ଜଗନ୍ନାଥ ଓଡ଼ିଶାର ଭାବନା ସହ ଜଡ଼ିତ। ଦ୍ୱିତୀୟଟି ସଂସ୍କୃତି ସହ ପ୍ରକୃତିକୁ ନେଇ ଗତିଶୀଳ। ଓଡ଼ିଶାର ଉପକୂଳ ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟତ୍ର ଜନଜାତିମାନଙ୍କ ବସତି ଓ ଅବସ୍ଥିତି ବେଶି। ଓଡ଼ିଶା ପୁନଶ୍ଚ ଆଉ ଏକ ଦିଗରୁ ଚର୍ଚ୍ଚିତ ହୁଏ, ଯାହା ଭାଷାକ୍ଷେତ୍ର ହିସାବରେ ପରିଚିତ। ଏଠି ଜନଜାତିଙ୍କ ଭାଷା ଓ ସଂସ୍କୃତିକୁ ଅଧ୍ୟୟନ ପାଇଁ ଦେଶ ବିଦେଶରୁ ଗବେଷକ ଆକୃଷ୍ଟ ହୁଅନ୍ତି। ଗାଁ ଗାଁରେ ଅନେକ ଭାଷାଭାଷୀ ଗୋଷ୍ଠୀଙ୍କ ସମାହାର। ଅନ୍ତର୍ଗୋଷ୍ଠୀୟ ସ୍ତରରେ ନିଜ ଭାଷାରେ ଏମାନେ ଭାବ ଆଦାନ ପ୍ରଦାନ କରୁଥିଲେ ମଧ୍ୟ ଅନ୍ତର୍ଗୋଷ୍ଠୀୟ ସ୍ତରରେ ଏକ ତୃତୀୟ ଭାଷାକୁ ମାଧ୍ୟମ କରିଥା'ନ୍ତି। ନିଜ ଭାଷା, ସଂସ୍କୃତି ସହ ଅନ୍ୟ ସଂସ୍କୃତି, ଭାଷାକୁ ସମାନ ସମ୍ମାନ ଦେଇ ତଦନୁରୂପ ନିଜ ପରିଚିତି ବଜାୟ ରଖିବା ଆମ ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ହିଁ ସମ୍ଭବ ହୋଇଥାଏ। ତେଣୁ ଦେଶବିଦେଶରୁ ଭାଷା, ସମାଜ, ନୃତତ୍ତ୍ୱ, ସଂସ୍କୃତି ଶାସ୍ତ୍ରୀମାନେ ଓଡ଼ିଶାକୁ ସେମାନଙ୍କ ଗବେଷଣାର କ୍ଷେତ୍ର ହିସାବରେ ଗ୍ରହଣ କରିଆସିଛନ୍ତି।

ଆମ ଓଡ଼ିଶାରେ ବାଷଠୀ ଗୋଷ୍ଠୀର ଜନଜାତି ବାସ କରନ୍ତି। ସେମାନଙ୍କ ମଧ୍ୟରେ ୧୩ ପ୍ରକାର ନିର୍ଦ୍ଦିଷ୍ଟ ରୂପେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ମଧ୍ୟ ଅନ୍ତର୍ଭୁକ୍ତ। ଭାଷାଦୃଷ୍ଟିରୁ ଏମାନଙ୍କୁ ମୁଖ୍ୟତଃ ତିନୋଟି ଭାଷାଗୋଷ୍ଠୀ ଅନ୍ତର୍ଭୁକ୍ତ କରାଯାଇଛି। ଏଗୁଡ଼ିକ ହେଲା ଅଷ୍ଟ୍ରିକ ବା ଅଷ୍ଟ୍ରୋଏସିଆଟିକ; ଦ୍ରାବିଡ଼ ଏବଂ ଭାରତୀୟ ଆର୍ଯ୍ୟ। ମୁଣ୍ଡା ବା ଅଷ୍ଟ୍ରିକ ଗୋଷ୍ଠୀ ଓଡ଼ିଶା କ୍ଷେତ୍ରକୁ ଦୁଇଟି ମାର୍ଗରେ ଆସିଛନ୍ତି। ପ୍ରଥମଟି ହେଲା ଛୋଟନାଗପୁର ମାଳ ଅଞ୍ଚଳ ଦେଇ ଉତ୍ତର-ପଶ୍ଚିମ ବାଟରୁ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ, ଝାରସୁଗୁଡ଼ା ଅଞ୍ଚଳରେ ବସତି ସ୍ଥାପନ କରିଛନ୍ତି। ଆଉ ଗୋଟିଏ ଦଳ ଗୋଦାବରୀ ଉପତ୍ୟକା ଦେଇ ଓଡ଼ିଶାର ଦକ୍ଷିଣ-କେନ୍ଦ୍ରାଞ୍ଚଳରେ ଅବିଭକ୍ତ କୋରାପୁଟ ଅଞ୍ଚଳକୁ ଏବଂ ପରବର୍ତ୍ତୀ ସମୟରେ ଏମାନଙ୍କ ଏକ ଶାଖା କେନ୍ଦ୍ର ପଶ୍ଚିମ ଅଞ୍ଚଳ ତଥା କେନ୍ଦୁଝର, ସୁନ୍ଦରଗଡ଼ ଅଞ୍ଚଳରେ ବସତିସ୍ଥାପନ କରିଥିବାର ବିଭିନ୍ନ ସୂତ୍ରରୁ ଜଣାଯାଏ। ଦ୍ରାବିଡ଼ମାନେ ଦକ୍ଷିଣାଞ୍ଚଳରୁ କ୍ରମଶଃ ଉତ୍ତର-ପଶ୍ଚିମକୁ ବିସ୍ତାରିତ ହୋଇଥିବାର ଜଣାଯାଏ। ଦ୍ରାବିଡ଼ମାନେ ସମନ୍ୱୟ ସଂସ୍କୃତିର ସଂଗଠକ। ସମାଜ, ପଲ୍ଲୀ, ହାଟ, ନୃତ୍ୟ, ସଙ୍ଗୀତ ତଥା ଶକ୍ତି ଓ ଶିବର ପ୍ରସାରକ। କୃଷି ସହ ଏମାନଙ୍କ ସଂସ୍କୃତି ଓତପ୍ରୋତଃ ଭାବରେ ଜଡ଼ିତ। ପରବର୍ତ୍ତୀ ସମୟରେ ଆର୍ଯ୍ୟମାନଙ୍କର ସହାବସ୍ଥାନରେ ଦ୍ରାବିଡ଼ ଓ ମୁଣ୍ଡା ସଂସ୍କୃତିର ସୁସମନ୍ୱୟ ସାଧିତ ହୋଇଛି।

ଭାଷା ହେଉଛି ସଂସ୍କୃତିର ବାହକ। ଗୋଟିଏ ଜାତିକୁ ଅଧ୍ୟୟନ କଲେ ତା'ର ଭାଷା ସହିତ ପରିଚିତ ହେବାକୁ ପଡ଼େ। ଆମେ ଆଜିର ଯେଉଁ ଓଡ଼ିଆ ଭାଷା ସଂସ୍କୃତିର କଥା କହୁଛୁ ତାହା ଦ୍ରାବିଡ଼-ମୁଣ୍ଡା-ଆର୍ଯ୍ୟର ଏକ ସଫଳ ସଂସ୍କରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଜଗନ୍ନାଥ ସାଂସ୍କୃତିକ ଚେତନାରେ ଆଜି ବି ଅନେକ ଶବର ଶବ୍ଦର ପ୍ରଚଳନ ଦେଖିବାକୁ ମିଳିଥାଏ। ଶବର ଓ ବ୍ରାହ୍ମଣର ମହାମିଳନରେ ଜଗନ୍ନାଥ ସଂସ୍କୃତିର ବିକାଶ ହୋଇଥିବାର ଅନେକ ଚର୍ଚ୍ଚା ବିଭିନ୍ନ କିମ୍ବଦନ୍ତୀ ଓ କର୍ମକାଣ୍ଡରେ ଶୁଣାଯାଏ।

ଭାଷା ଆଲୋଚନା ଦୃଷ୍ଟିରୁ ଓଡ଼ିଶାକୁ ଭାଷା-କ୍ଷେତ୍ର ହିସାବରେ ଭାଷାବିଦ୍‌ମାନେ ପ୍ରତିଷ୍ଠା କରିସାରିଥିଲା ବେଳେ ଜନଜାତି ଭାଷାକୁ ଗବେଷଣା ପାଇଁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଓଡ଼ିଶାରେ ଭାଷା ଚିନ୍ତନର ପରମ୍ପରା ଖୁବ୍ ପ୍ରାଚୀନ। ଓଡ଼ିଶାକୁ ଆ ର୍ଯ ୍ୟମ । ନ ଙ୍କ ଆଗମନ କାଳରୁ ଏ ଚିନ୍ତନର ଅୟମାରମ୍ଭ। ଆ ର୍ଯ ୍ୟମ । ନ ଙ୍କ ଓଡ଼ିଶାକୁ ଆଗମନ କୋଶଳ ଏବଂ ବଙ୍ଗ ଉଭୟ ଦିଗରୁ ହୋଇଛି। ଭୌଗୋଳିକ ଅବସ୍ଥିତି ତଥା ଦ୍ରାବିଡ଼ ଓ ମୁଣ୍ଡା ଗୋଷ୍ଠୀଙ୍କ ସହ ସମନ୍ୱୟରୁ ଅନେକ ଭାଷିକ ବିନିମୟ ସାଧିତ ହୋଇଛି। ଓଡ଼ିଶାର ସାମଗ୍ରିକ ଜନସମୁଦାୟର ୨୨.୮୫ ଶତାଂଶ ଜନଜାତି। ଏମାନେ ୧୩ ଗୋଟି ନିର୍ଦ୍ଦିଷ୍ଟ ଭାବେ ଅନୁନ୍ନତ ଜନଜାତି ସମୁଦାୟ ସମେତ ୬୨ଟି ଗୋଷ୍ଠୀରେ ବିଭକ୍ତ। ପୁନଶ୍ଚ ଭାଷାଦୃଷ୍ଟିରୁ ଏମାନଙ୍କ ମଧ୍ୟରେ ୨୧ଟି ଭାଷା ଓ ୭୪ଟି ଉପଭାଷାର ପ୍ରଚଳନ ଦେଖିବାକୁ ମିଳିଥାଏ।

ପ୍ରଥମେ ଚର୍ଚ୍ଚା ଆରମ୍ଭ କରାଯାଉ ମୁଣ୍ଡା ଭାଷା ପରିବାରରୁ। ଓଡ଼ିଶାରେ ମୁଣ୍ଡା ଭାଷାଭାଷୀ ଦୁଇଟି ପ୍ରଭାଗରେ ବିଭକ୍ତ। ପ୍ରଥମଟି ଦକ୍ଷିଣ ମୁଣ୍ଡା; ଏହାର ଦୁଇଟି ଉପଶାଖା। ଗୋଟିଏ କୋରାପୁଟ ମୁଣ୍ଡା ଓ ଅନ୍ୟଟି କେନ୍ଦ୍ରୀୟ ମୁଣ୍ଡା। କୋରାପୁଟ ମୁଣ୍ଡା ଅନ୍ତର୍ଭୁକ୍ତ ସରା (ସଉରା), ଗୋରୁମ୍ (ପାରେଙ୍ଗା) ଗୋଟିଏ ଡାଳର ଦୁଇଟି କେଣ୍ଡା। ସେହିପରି ଆଉ ଗୋଟିଏ ଡାଳରେ ଗ୍ତା (ଡିଡାୟୀ) ଏବଂ ଗୁତବ୍ (ଗଦବା) ଓ ରେମ (ବଣ୍ଡା) ଭାଷା ବନ୍ଧା। ଗୋରୁମ୍ (ପାରେଙ୍ଗା) ଭାଷା ପ୍ରାୟତଃ ପରିବର୍ତ୍ତନର ଦ୍ୱାରଦେଶରେ। ଦେଶିଆକୁ ଆପଣେଇ ଏମାନେ ନିଜଭାଷାଠୁ ଦୂରେଇଯିବାରେ ଲାଗିଛନ୍ତି। ଗ୍ତା (ଡିଡାୟୀ) ଓ ଗୁତବ୍ (ଗଦବା) ଭାଷା ମଧ୍ୟ ଧୀରେ ଧୀରେ ନିଜ ଅସ୍ମିତା ହରାଇବାରେ ଲାଗିଛି। କେନ୍ଦ୍ରୀୟ ମୁଣ୍ଡା ଅଧୀନରେ ଖଡ଼ିଆ ଓ ଜୁଆଙ୍ଗକୁ ଗଣନା କରାଯାଏ। ଏହାର ସମ୍ପର୍କ କୋରାପୁଟ ମୁଣ୍ଡା ସହ ନିକଟତର କୁହାଯାଏ। ଖେରୱାରୀର ଦୁଇଟି ଡାଳ - ଗୋଟିଏ ଡାଳରେ ସାନ୍ତାଳୀ ଓ ଅନ୍ୟଡାଳରେ ମୁଣ୍ଡାରୀ, ହୋ, ଭୂମିଜ, ବିରହୋର ଇତ୍ୟାଦି ପରସ୍ପର ସମ୍ବନ୍ଧାନ୍ୱିତ ଭାଷା।

ଦ୍ରାବିଡ଼ ଗୋଷ୍ଠୀର ଭାଷାଗୁଡ଼ିକ ଲକ୍ଷ୍ୟ କଲେ କେନ୍ଦ୍ରୀୟ ଓ ଉତ୍ତରାଞ୍ଚଳୀୟ ହିସାବରେ ଦୁଇଟି ଉପଶାଖାରେ ବିଭକ୍ତ କରାଯାଇଥାଏ। ଉତ୍ତରାଞ୍ଚଳୀୟ ଶାଖାରେ ଓରାଓଁ, କିସାନ ଭାଷା ଥିବା ବେଳେ କେନ୍ଦ୍ରୀୟ ଉପଶାଖାର ତିନୋଟି ଡାଳ। ପ୍ରଥମ ଡାଳରେ ତେଲୁଗୁ, ପାର୍‌ଜୀ, ଓଲାରୀର ସ୍ଥାନ; ଦ୍ୱିତୀୟ ଡାଳରେ କୁଇ, କୁଭି, ପେଙ୍ଗୁ, କଣ୍ଡା ଇତ୍ୟାଦି ଥିବା ବେଳେ ଗୋଣ୍ଡି ଡାଳରେ, ଗୋଣ୍ଡି, କୋୟା, ମାଡ଼ିଆ, ମୁରିଆ ଭାଷାଭାଷୀଙ୍କ ସ୍ଥାନ ରହିଛି।

ଓଡ଼ିଶାରେ ପ୍ରଚଳିତ ଆର୍ଯ୍ୟାନୁଗ ଉପଭାଷା ସମୂହର କେଉଁ ମୁଖ୍ୟ ଭାଷା ସହିତ ସମ୍ପର୍କ ତାହା ଅଦ୍ୟାବଧି ନିରୂପିତ ହୋଇପାରିନାହିଁ। ତେବେ ଦକ୍ଷିଣାଞ୍ଚଳୀୟ ଶାଖାରେ ଦେଶିଆ-ଭତରୀ-ହାଲବି-ଝରିଆ ପରସ୍ପର ସମ୍ବନ୍ଧିତ ଉପ-ଶାଖା ହିସାବରେ ନଜରକୁ ଆସୁଥିବା ବେଳେ ପଶ୍ଚିମାଞ୍ଚଳୀୟ ଶାଖାରେ ସାଦରା-ଲରିଆ-ଛତିଶଗଡ଼ି-ଭୁଞ୍ଜିଆ-ସମ୍ବଲପୁରୀ-କନ୍ଧାନ-ବିନ୍‌ଝାଲ -ବନ୍‌ଜାରା ଏବଂ ଉତରାଞ୍ଚଳୀୟ ଉପଶାଖାରେ ସମ୍ବଲପୁରୀ-ଭୂୟାଁ-ବାଥୁଡ଼ି-କୁରମାଲି-ସାଉଁତି ପରସ୍ପର ସମ୍ପର୍କିତ ଉପଭାଷା ହିସାବରେ ଗ୍ରହଣୀୟ ହୋଇଥା'ନ୍ତି।

ଦକ୍ଷିଣାଞ୍ଚଳୀୟ ଶାଖାର ଭାଷା ସମୂହ ମୁଖ୍ୟତଃ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଜିଲ୍ଲାରେ କଥିତ ହେଉଥିଲା ବେଳେ ପଶ୍ଚିମାଞ୍ଚଳୀୟ ଶାଖାର ଭାଷା ସମୂହ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ତଥା ସୁନ୍ଦରଗଡ଼ ଜିଲ୍ଲାରେ ଏବଂ ଉତ୍ତରାଞ୍ଚଳୀୟଶାଖାର ଭାଷା ସମୂହ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲା ସମୂହରେ ପ୍ରଚଳିତ। ଏ ଶାଖାତ୍ରୟୀର ରୂପଗତ ସୌସାଦୃଶ୍ୟ ମଧ୍ୟ ଉତ୍ତରାଞ୍ଚଳୀୟ-ପଶ୍ଚିମାଞ୍ଚଳୀୟ-ଦକ୍ଷିଣାଞ୍ଚଳୀୟ କ୍ରମରେ ରହିଛି। ସାଂସ୍କୃତିକ କ୍ଷେତ୍ର ତଥା ଭାଷିକ କ୍ଷେତ୍ରଭିତ୍ତିକ ଅଧ୍ୟୟନ ନିମନ୍ତେ ଏହି ଅଞ୍ଚଳଭିତ୍ତିକ ସର୍ବେକ୍ଷଣରେ ଶାଖାତ୍ରୟୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ପୁନଶ୍ଚ ଏ ସମସ୍ତ ଭାଷା ଓଡ଼ିଶାର ସମଗ୍ର ମାଳ ଅଞ୍ଚଳକୁ ନେଇ ପରିବ୍ୟାପ୍ତ। ଏ ଅଞ୍ଚଳ ବିଭିନ୍ନ ସମୟରେ ବିଭିନ୍ନ ପ୍ରଶାସନିକ କେନ୍ଦ୍ର ଦ୍ୱାରା ଶାସିତ ହେବା ସହ ସାଂସ୍କୃତିକ ସମନ୍ୱୟ ଏହି ଶାସନ ସମୟରେ ସାଧିତ ହୋଇଥିବାରୁ ଭାଷା-ଭାଷା ମଧ୍ୟରେ ପାରସ୍ପରିକ ସମ୍ପର୍କ ପରିଲକ୍ଷିତ।

ଆଦିବାସୀମାନଙ୍କ ମଧ୍ୟରେ ଅଧୁନା ପ୍ରଚଳିତ ସ୍ୱବର୍ଗୀୟ ଭାଷା ଉପ-ଭାଷାର ପ୍ରଚଳନ

ଚଳନ୍ତା ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ

ମୃତ୍ୟୁ ପୂର୍ବରୁ ୭୦ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇଦେଲେ

ଔପଦା, ୩୦।୧ (ସମିସ): ଚଳନ୍ତା ବସ୍‌ରେ ହୃଦ୍‌ଘାତରେ ଟଳିପଡ଼ିଲେ ଚାଳକ। କିନ୍ତୁ ଆରପାରିକୁ ଯିବା ପୂର୍ବରୁ ବସ୍‌ରେ ଥିବା ୭୦ ଯାତ୍ରୀଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇଦେଲେ। ମଙ୍ଗଳବାର ନୀଳଗିରି ଥାନା ଅଧୀନ ପାଟପୁର ଛକରେ ଘଟିଥିବା ଏହି ଘଟଣା ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟହୋଇଛି। ମୃତ ବସ୍ ଚାଳକ ହେଲେ, ଶ୍ରୀମବଙ୍ଗ ହାୱଡା ଅଞ୍ଚଳର ଏମ୍‌ଡି ଇବ୍ରାହିମଙ୍କ ପୁଅ ସେଖ ଅକ୍ତାର। ସୂଚନା ମୁତାବକ, ମଙ୍ଗଳବାର ହାୱଡାରୁ ୭୦ଜଣ ପର୍ଯ୍ୟଟକଙ୍କୁ ଧରି ସେଖ ଏକ ଭଲଭୋ ବସ୍‌ରେ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠକୁ ଆସୁଥିଲେ। ପାଟପୁର ଛକ ନିକଟରେ ହଠାତ୍ ସେଖଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଥିଲା। ଛାତିରେ ଯନ୍ତ୍ରଣା ହେବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ବସ୍‌ରେ ବସିଥିବା ଯାତ୍ରୀ କିଛି କହିବା ପୂର୍ବରୁ ସେ ଷ୍ଟିୟରିଂ ଉପରେ ହିଁ ଟଳି ପଡ଼ିଥିଲେ। କିନ୍ତୁ ସୌଭାଗ୍ୟକୁ ମୃତ୍ୟୁ ପୂର୍ବରୁ ସେ ବସ୍‌କୁ ବ୍ରେକ୍ ମାରି ଛିଡ଼ା କରି ଦେଇଥିଲେ। ଫଳରେ ଏକ ବଡ଼ଧରଣର ଅଘଟଣ ଅଳ୍ପକେ ଟଳି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଳକଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବସ୍‌ଟିକୁ ସ୍ଥାନୀୟ ଜଣେ ସହୃଦୟ ବ୍ୟକ୍ତି ଚଳାଇ ପଞ୍ଚଲିଙ୍ଗେଶ୍ୱର ପୀଠକୁ ନେଇଥିଲେ।

■ କ୍ରିକେଟ୍ ଖେଳ ବିବାଦ ମହଙ୍ଗା

ନାବାଳକଙ୍କୁ ଛୁରି ଭୁସି ହତ୍ୟା

ଖଲ୍ଲିକୋଟ, ୩୦।୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କୈରାଶି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ନାବାଳକ ଆଉ ଜଣେ ନାବାଳକକୁ ଛରି ଭୁସି ହତ୍ୟା କରିଛି। ମୃତକ ହେଲେ, କୈରାଶି ଗ୍ରାମର ଅରୁଣ ଦାସଙ୍କ ପୁଅ ରାଜେଶ ଦାସ(୧୭)। ମଙ୍ଗଳବାର ସନ୍ଧ୍ୟାରେ ରାଜେଶ ତାଙ୍କ ଗ୍ରାମର ସାଗର ବନ୍ଧ ମାଛ ମାର୍କେଟ୍‌କୁ ଯାଇଥିବା ବେଳେ ସେଠାରେ ସୁଯୋଗ ଅପେକ୍ଷାରେ ଥିବା ଆଉ ଜଣେ ନାବାଳକ ତାକୁ ଛୁରୀରେ ଆକ୍ରମଣ କରିଥିଲା। ରାଜେଶଙ୍କ ପେଟ, ଛାତି ଓ ଗୋଡ଼କୁ ସେ ଛୁରୀରେ ଭୁସିଥିଲା। ଗୁରୁତର ଅବସ୍ଥାରେ ରାଜେଶକୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଯାଇଥିଲା। ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ, ଏସ୍‌ଆଇ ପାର୍ଥପ୍ରତିମ ଦେବତା ପ୍ରମୁଖ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରାଜେଶର ଭଉଣୀର ଏତଲାକ୍ରମେ ପୁଲିସ ନମ୍ବର ୬୫/୨୦୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନାବାଳକକୁ ମହେଶ୍ୱରପୁରରୁ କାବୁ କରିଛନ୍ତି। ଏହି ହତ୍ୟାକାଣ୍ଡ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ପୁଲିସ୍ କହିଛି। କିଛି ମାସ ତଳେ କୈରାଶି ଗାଁରେ କ୍ରିକେଟ୍ ଖେଳକୁ ନେଇ ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେତେବେଳେ ରାଜେଶ ସମେତ ୪ଜଣ ନାବାଳକ ଅଭିଯୁକ୍ତ ନାବାଳକକୁ ହକିଷ୍ଟିକ୍‌ରେ ପ୍ରବଳ ପିଟୁଥିବା ଭିଡିଓ ସୋସିଆଲ ମଡିଆରେ ଭାଇରାଲ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଖଲ୍ଲିକୋଟ ଥାନା ଏକ ମାମଲା ରୁଜୁ କରି ୪ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଥିଲା। ତେବେ ମାଡ଼ ଖାଇଥିବା ନାବାଳକଜଣକ ପ୍ରତିଶୋଧ ଅପେକ୍ଷାରେ ଥିଲା। ମଙ୍ଗଳବାର ସୁଯୋଗ ପାଇ ପ୍ରତିଶୋଧ ନେଇଥିବା ପୁଲିସ କହିଛି।

AFFIDAVIT

I, Aparajita Debanath, Aparajita Dash, W/o-Suresh Prasad Dash, resident of Plot No. N3/14, IRC Village, Nayapalli, Bhubaneswar, Dist-Khurdha, Pin-751015, Odisha declare by this affidavit No.20072, date-27/12/2023 that now onwards I shall be known as **APARAJITA DEBNATH** for all future purposes.

AFFIDAVIT

I, Sravanthi Bhogi, W/o-Sri Konchada Satish Kumar Subudhi Resident of Gouda Street, Badabazar, Berhampur, PS - Badabazar, Dist - Ganjam, Odisha. Declare by this affidavit number 26AA 591998 dated 25.10.2014 that now onwards I shall be known as **Konchada Sravanthi Subudhi** for all future purposes.

SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.
Ph.: 9437015112

AFFIDAVIT

I Prasan Panda, S/o-Mahendra Kumar Panda Resident of C-219, Venus Royal Hyde, Rasulgarh, Bhubaneswar Dist-Khurda, Odisha, PIN - 751010. Declare by this affidavit no. 69AA 056527 dated 29.01.2024 that now onwards I shall be known as **PRASAN KUMAR PANDA** for all future purposes.

TPCODL
ବିଶେଷ ସୂଚନା

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ସହିଦ ନଗର, ଏକଚାଳିଆ, କୌଶଲ୍ୟାପୁର ଓ ଗିତା ରାଲି ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

INTEGRATED TRIBAL DEVELOPMENT AGENCY, NILGIRI.
QUOTATION CALL NOTICE.
Notice No. 78 /ITDA, Date 29.01.2024

Sealed Quotations are invited from reputed Manufacturers / Suppliers / Firms for supply of Traditional Musical Instruments and Costumes of different Tribal Dance Troupes as well as Sports Kits of different games like Football, Cricket and Volley ball Sports for tribal youth clubs.
1. The Bidder must have a valid GST registration to participate in the tendering.
2. The Quotation completed in all respect should reach the undersigned on or before 8th Feb by 3.00 P.M and shall be opened on the 9th Feb at 11.00 A.M in presence of the bidders or their authorized representatives.
3. The General Bid Information & Terms and Conditions for supplying of the said items etc. will be available https://baleswar.nic.in/ & Application Form of Quotation/Tender will be available at ITDA, Nilgiri on payment of Rs.1000/- from 1st Feb'2024 to 8th Feb'2024.

OIPR-26055/11/0003/2324 CAD-3898
PROJECT ADMINISTRATOR ITDA, NILGIRI

O-2326
e-mail : eerw_sunabeda@yahoo.co.in
GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
e-Procurement Notice for Building works
Identification No Online Tender /13/RWD-SBD/2023-24
Letter No. 279 Date 29.01.2024
01. Name of the work :: Road & Building works Lamtaput, Nandapur, Laxmipur, Bandhugaon, Narayanpatna, Pottangi, Semiliguda block
02. Total Number of works :: 11 nos works
03. Estimated cost :: 7.00 to 50.00 lakhs
04. Class of Contractor :: "B", "C" &"D" Class
05. Period of Completion :: 06 months
06. Other Details

Procurement Officer	Bid Identification No.	Availability of tender online for bidding	
		From	To
Superintending Engineer, R.W. Division, Sunabeda	Online Tender/13/ RWD-SBD /2023-24	31.01.2024 at 11.00 a.m	17.02.2024 upto 17.00 p.m

Further details can be seen from the website www.tendersorissa.gov.in
OIPR-25121/11/0019/2324
Executive Engineer, Rural Works Division: Sunabeda.

A-1352
GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, MAHANADI BARRAGE DIVISION, CUTTACK
PHONE NO. 0671–2440118
Email ID–eembarragedivnctc@gmail.com
File No. MBD/Estr./01/129
1ST CORRIGENDUM
(Correction of Publication Notice)
This is regarding information to all concerned bidders to the 'e'-Procurement Notice No. 15/2024-25 and Bid Identification No. MBD – 59-78 / 2024-25 (Sl.No.01 to 20 Nos.)of this office which was published in New Indian Express(Bhubaneswar),Samaya(Bhubaneswar) and Sakala(Bhadrak) is being corrected to 'e'-Procurement Notice No. 15/2023-24 with Bid Identification No. MBD - 59-78 / 2023-24 (Sl.No.01 to 20 Nos.) .Also Bid Identification No. MBD - 59-78 / 2024-25 may be read as Bid Identification No. MBD - 59-78 / 2023-24 from Sl.No.-01 to Sl.No.-20 in the DTCN.
Superintending Engineer, Mahanadi Barrage Division. Cuttack
N.B:1.Further details can be seen from the e-procurement portal www.tenderodisha.gov.in
2.All the Corrigendum /Notice or any other information if any will only be uploaded in the above tender website.
OIPR-32477/11/0015/2324

OFFICE OF THE PRINCIPAL
SINDHA DEVI HIGHER SECONDARY SCHOOL, NANDAPUR, DIST-KORAPUT, PIN -764037
Ph. No: . 06868-273554, MOB: - 08763240445, Email: - sdm.ndp@gmail.com
No. 88/SDHSS/2024 Date 30.01.2024
ADVERTISEMENT
Interested candidates having Graduation with **MCA/PGDCA/ "A" level course of DOEACC** and conversant with internet and accounting package *Tally* and with at least one year of experience are required to apply for the post of **"Data Entry Operator"** on contractual basis to the Principal by registered/speed post/in person with copy of certificates. Age as per Govt. of Odisha norms, salary Rs 10,600/-(rupees ten thousand six hundred) p.m. consolidated and last date of receipt of application is **Dt 12.02.2024**. Applications received after the last date will be summarily rejected.
Sd/- Principal-cum-Secretary

Advertisement for Project Assistant
AES College, Tarbha, Subarnapur-767016
Applications are invited from desirous candidates for engagement as **Project Assistant** for an MRIP project on **"Impact of dietary education intervention on nutritional knowledge, dietary behavior and health status of Kutia kondh tribal adolescent girls: A study of Kalahandi district, Odisha"** under Odisha State Higher Education Council (OSHEC). The details are as follows:

Name of the Position	Project Assistant
No. of Posts	01 (One)
Tenure of the Assignment	One year six month. The appointment shall be temporary and conterminous with the project.
Essential Qualification	M.A./M.Sc. in Home Science
Desirable Skills	Knowledge on MS Office, SPSS.
Monthly consolidated Emoluments	As per OSHEC norms, Rs. 12,000/-p.m. (Rupees twelve thousand only per month)
Job Description	The Project Assistant will provide necessary assistance to the Principal Investigator (PI) related to the research project which includes literature survey, data collection, data compilation, data analysis and report writing.

Interested candidates may apply for the position by sending their detailed Curriculum Vitae (CV) through e-mail with subject line **"Project Assistant"** to **mriptarbha2023@gmail.com** by 14.02.2024. The date and time of interview will be intimated to the shortlisted candidates through email only. On the day of interview, the candidates have to show all the relevant certificates and no TA/DA is permissible for appearing the interview.
(Dr. Sarojini Padhan)
Principal Investigator (PI)
Lecturer in Home Science
AES College, Tarbha
Subarnapur, Odisha-767016

ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ', ନବରଙ୍ଗପୁର ଜିଲ୍ଲା, ନବରଙ୍ଗପୁର ତହସିଲ, ନବରଙ୍ଗପୁର ମୁନିସିପାଲିଟି ମଧ୍ୟରେ ରେଭେନ୍ୟୁ ମୌଜାର ଭାଟିଶାଳଗୁଡ଼ାରେ ଥିବା ଖାତା ନଂ. 267, ପ୍ଲଟ ନଂ. 778 ଓ 780 ରକବା ଏ. 7.81 ସେ. ର ତଙ୍ଗର ଜମି ଆମେ ନିମ୍ନ ଲିଖିତ ବିଜ୍ଞାପନଦାତା ମାନଙ୍କ ଓ ସ୍ୱର୍ଗତ ମହେଶ୍ୱର ପାତ୍ରଙ୍କ ପୈତୃକ ସମ୍ପତ୍ତି ଅଟେ। ଉକ୍ତ ସମ୍ପତ୍ତି ପାଇଁ ନବରଙ୍ଗପୁର ଜିଲ୍ଲା କୋର୍ଟ ରେ କେସ୍ ନଂ. RFA 25/2022 ବର୍ତ୍ତମାନ ବିଚାରାଧୀନ ଅଛି। ଏହି ସମ୍ପତ୍ତି ପାଇଁ ନବରଙ୍ଗପୁର ସବ – କଲେକ୍ଟରଙ୍କ କୋର୍ଟରେ ମଧ୍ୟ ଏକ ମୁଟେସନ ଅପିଲ କେସ୍ ନଂ. 15/2022 ବିଚାରାଧୀନ ଅଛି। ନବରଙ୍ଗପୁର ତହସିଲଦାର ମଧ୍ୟ M. C. No. 736/2022 ରେ ଏହି ସମ୍ପତ୍ତି ଭାଗ ପାଇଁ କରିଥିବା ଆବେଦନକୁ ରଦ୍ଦ କରିଛନ୍ତି।
ବର୍ତ୍ତମାନ, ଏହି ଜମିକୁ କେତେକ ବ୍ୟକ୍ତି ବିକ୍ରି କରିବା ପାଇଁ ଉଦ୍ୟମ କରୁଛନ୍ତି। ଉକ୍ତ ତଙ୍ଗର ଜମିକୁ ସ୍ୱର୍ଗତ ମହେଶ୍ୱର ପାତ୍ରଙ୍କ ପୁତ୍ରମାନେ ଲକ୍ଷ୍ମୀ ପ୍ରସାଦ ପାତ୍ର,ଦୁର୍ଗା ପ୍ରସାଦ ପାତ୍ର, ନରସିଂହ ପ୍ରସାଦ ପାତ୍ର କିମ୍ବା ସେମାନଙ୍କ କୌଣସି ଉତ୍ତରାଧିକାରୀ କିମ୍ବା ଅନ୍ୟ ଯେ'କୌଣସି ବ୍ୟକ୍ତି ବିକ୍ରି, ବନ୍ଧକ, ଲିଜ୍ କିମ୍ବା କୌଣସି ପ୍ରକାର ହସ୍ତାନ୍ତର କରିପାରିବେ ନାହିଁ, ଯଦି କରନ୍ତି, ତାହେଲେ ଉଭୟ ବିକ୍ରେତା ଓ କ୍ରେତା ଆଇନ ଅନୁଯାୟୀ ଦଣ୍ଡିତ ହେବେ। ସେଥିପାଇଁ କୌଣସି ବ୍ୟକ୍ତି ଉକ୍ତ ତଙ୍ଗର ଜାଗାକୁ କ୍ରୟ, ବନ୍ଧକ କିମ୍ବା କୌଣସି ପ୍ରକାର ହସ୍ତାନ୍ତର ନକରିବାକୁ ଏହି ବିଜ୍ଞାପନ ଜରିଆରେ ସୂଚନା ଦିଆଗଲା।
ନବରଙ୍ଗପୁର
ତା: ୩୧/୦୧/୨୦୨୪
ସ୍ୱର୍ଗତ ହରିହର ପାତ୍ରଙ୍କ ଉତ୍ତରାଧିକାରୀ
1) ଶ୍ରୀନିବାସ ପାତ୍ର (2) ଶୁଭଲକ୍ଷ୍ମୀ ପାତ୍ର, (3) ଭବାନୀ ପାତ୍ର
ସ୍ୱର୍ଗତ ଲକ୍ଷ୍ମୀ ପ୍ରସାଦ ପାତ୍ରଙ୍କ ଉତ୍ତରାଧିକାରୀ
(1) ତରଙ୍ଗ ବାଳା ପାତ୍ର (2) ସନ୍ତୋଷ ପାତ୍ର
(3) ସୁରେଶ ପାତ୍ର (4) ଶ୍ରୀଧର ପାତ୍ର
ରାମ ଚନ୍ଦ୍ର ପାତ୍ର ,
ସ୍ୱର୍ଗତ ମକରଧ୍ୱଜ ପାତ୍ରଙ୍କ ଉତ୍ତରାଧିକାରୀ
(1) ନିବେଦିତା ପାତ୍ର (2) ନଳିନୀ ପାତ୍ର (3) ମୃତ୍ୟୁଞ୍ଜୟ ପାତ୍ର (4) ମଳୟ କୁମାର ପାତ୍ର
ଲକ୍ଷ୍ମଣ କୁମାର ପାତ୍ର
(ଶଙ୍ଖାରୀ ସାହି, ନବରଙ୍ଗପୁର)
ମୋ.: ୮୦୯୩୨ ୧୩୧୦୫

A-1318
GOVT. OF ODISHA
OFFICE OF THE SUPERINTENDING ENGINEER
MAHANADI BARRAGE DIVISION, CUTTACK
Phone No. 0671-2440118
Email- eembarragedivnctc@gmail.com
e PROCUREMENT NOTICE NO.-15/(MBD 59-78)/2024-25

Name of work	"Spur of Embankment, Road works ,Canal works & Electrical works ".
Total No. of works	20 (Twenty) Nos. of works.
Tender Cost	75.48 lakhs to 7.75lakhs.
Mode of Payment of EMD(Bid Security) & Bid Cost	The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN.
Period of completion	06 (Six) Calendar Months to 02 (Two) Calendar months
Other details as follows Procurement Officer	Superintending Engineer, Mahanadi Barrage Division, Cuttack.
Availability of Tender online for Bidding	01.02.2024 from 10.00 A.M to 11.02.2024 up to 5.00 P.M.
Date, Time & Venue of opening of Bid through Online	For Single Cover-Dtd.12.02.2024 - 11.30 A.M both Technical Bid & Financial Bid For Double Cover- Dtd.12.02.2024 -11.30 A.M. for Technical Bid & Dtd.13.02.2024 -11.30 A.M. for Financial Bid , in the Office of the Superintending Engineer, Mahanadi Barrage Division, Cuttack.
Date of Transparent Lottery to be Conducted (if required)	On 17.02.2024 at 11.30 P.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack.

(Bidders shall furnish their present e-mail id, address and Telephone No. for further correspondence)
Further details can be seen from the Govt. web site www.tendersodisha.gov.in.
OIPR-32477/11/0014/2324
Superintending Engineer, Mahanadi Barrage Division, Cuttack

O-2328
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BARIPADA
e_mail = rw_mayurbhanj@yahoo.co.in
e_Procurement Tender Call Notice No. Online 25/RWD/BPD/2023-24
1. Name of the work : Road Works
2. Total No.of works : 11 Nos
3. Estimated Cost : Approx Estimated Cost Rs.13.73 lakhs to Rs.44.12 lakhs
4. Class of Contractor : 'D'&'C' & 'C'&'B'
5. EMD : EMD @ 1% of Estimated Cost Put to tender
6. Period of completion : 1(One) Calendar month
7. Other details :

Procurement Officer	Bid Identification No	Availability of tender On-line for bidding		Last date & time of seeking tender clarification	Date & Time of Opening of tender in the office of the Superintending Engineer, R.W. Division, Baripada
		From	To		
1	2	3	4	5	6
Superintending Engineer, Rural Works Division, Baripada	25(Online) /RWD-BPD of 2023-24	Dt.30.01.24 at 11.00 A.M.	Dt.06.02.24 upto 5.00 P.M.	Dt.06.02.24 Upto 3.00 P.M.	Dt.06.02.24 At 5.30 P.M.

Further details can be seen from the website www.tendersorissa.gov.in
OIPR-25057/11/0038/2324
SuperintendingEngineer R.W. Division, Baripada

O-2314
Email ID-cuttackrw2nd@yahoo.co.in
Telephone / Fax No. (0671)-2445119
GOVERNMENT OF ODISHA
O/O THE SUPERINTENDING ENGINEER, RURAL WORKS DIVISION-II, CUTTACK
e-procurement Notice for Road Works
Bid Identification No. SECTC-II-22 of 2023-24 dt. 24.01.24
1. Number of the work :- 04 (Four) numbers Road for the year 2023-2024
2. Estimated Cost. (Approx) :- Rs. 5.00 lakh to Rs. 12.00 lakh
3. Period of completion :- 01 (One) calendar months
4. Date & time of sale & receipt of bid document online :- From:-31.01.2024 at 11:00AM To: 08.02.2024 at 4:00PM
5. Date & time of opening of I bid :- 09.02.2024 at 11:30AM
6. Name and address of Inviting Officer Superintending Engineer, R. W. Division-II, Cuttack, Nayabazar, Cuttack-753004
Further details can be seen from the State Govt. portal https://tendersorissa.gov.in
OIPR-25095/11/0026/2324
Executive Engineer R.W. Division-II, Cuttack

A-1314
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN, AT/PO:- LAXMIPOSI, DIST:-MAYURBHANJ
Mail Id. cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 36/ 23-24 of CEBM, SBB, Laxmiposi
The Chief Engineer & Basin Manager, Subarnarekha & Budhabalanga Basin, Laxmiposi on behalf of the Governor of Odisha, invites On-line tenders in double cover system for the work "Appointment of Third Party Inspection Agency (TPIA) for Construction of Distribution system for 5180 Ha. of CCA including command area development (CAD) of Basta Distributary from RD 2.007Km to Tail under Subarnarekha Irrigation Project through underground pipe line irrigation system (Gravity Flow) in Mayurbhanj & Balasore district of Odisha on EPC Turn-key basis including Operation & Maintenance of complete commissioned project for five years".
1. Period of completion : 24 (Twenty Four) calendar months including rainy seasons.
2. Date & time of availability of bid document in the portal : From 30.01.2024 at 10.00 AM to 13.02.2024 up to 5.00 PM.
3. Last date/Time for receipt of bids in the portal : 13.02.2024 up to 05-00 PM
4. Date & time of opening of tender : 15.02.2024 at 11-00 AM
5. Name & address of the officer inviting Bid : Chief Engineer & Basin Manager Subarnarekha & Budhabalanga Basin Laxmiposi, Mayurbhanj, Odisha.
Further details can be seen from the e-procurement portal https://tendersodisha.gov.in
OIPR-32074/11/0056/2324
Chief Engineer & Basin Manager, Subarnarekha & Budhabalanga Basin Laxmiposi

A-1355
GOVERNMENT OF ODISHA
OFFICE OF THE SUPERINTENDING ENGINEER MINOR IRRIGATION DIVISION; MAYURBHANJ
AT/P.O-BARIPADA, DIST-MAYURBHANJ, PIN-757091
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE(OIIPCRA)
(WORLD BANK PROJECT ID: P163533)
REQUEST FOR BIDS(RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
No. 211 Dated 22.01.2024
RFB No. OIIPCRA-MBI/05-W2/2023-24

Name of Work:	Modernization & Improvement to MIPs under **Minor Irrigation Division , Mayurbhanj**
Total No. of Works	08 Nos.(Individual MIP & Individual Package)
Estimated Cost of Works(s):	Varies Approximately from **10.35 Lakh** to **50.071 Lakh in individual package for One No. project.** (Total estimated cost of the 08 Nos. of Works Rs. 246.401 **Lakh**)
Cost of Bid Document:	**Free of Cost.**
Time for Completion:	Refer to DTCN
Availability of Bid Documents:	From **31.01.2024 10.00** Hrs to **29.02.2024** up to **15.00** Hrs in the e-procurement website (https://tendersodisha.gov.in) through online
Date of Pre-Bid Meeting:	On dt **13.02.2024** From **11.30** Hrs. To **14.00** Hrs.
Last date & time of receipt of bid	Up to **29.02.2024, 15.00 Hrs.** through online.
Payment of bid cost/bid security:	Shall be Paid On-Line through the e-Procurement portal of Govt. of Odisha.
Date of opening of Technical bid(s):	On dt: **29.02.2024 at 15.30** Hrs onwards.
Date of opening of Financial bid(s):	To be intimated online after offline evaluation of Technical Bids.
Digital Signature Certificate of Bidders:	The bidder must posses compatible Digital Signature Certificate (DSC) of class-II or III.
Details about the tender:	Available in website of www.dowrodisha.gov.in and www.tendersodisha.gov.in
Name/Address of the OIT:	**Superintending Engineer, M.I. Division, Mayurbhanj At/Po-Baripada (Near Murgabadi Fly Over Bridge)/Dist: Mayurbhanj PIN-757001 E-Mail:- mi.mayurbhanj@yahoo.co.in**

Sd/-22.01.2024
Superintending Engineer M.I. Division, Mayurbhanj
OIPR-32041/11/0009/2324

MM-432
OFFICE OF THE PRINCIPAL CHIEF CONSERVATOR OF FORESTS (WILDLIFE) & CHIEF WILDLIFE WARDEN, ODISHA
Government of Odisha, Forest, Environment & Climate Change Department
PRAKRUTI BHAWAN, PLOT NO.1459, SAHEED NAGAR, BHUBANESWAR- 751007
Phone: 0674-2602250, Website: www.wildlife.odisha.gov.in, Email: odishawildlife@gmail.com
Notice No. 1164 / CWLW-OFE-MISC-0010-2022
Dated, Bhubaneswar the 29 January, 2024
NOTICE FOR ENGAGEMENT OF RETIRED GOVT. EMPLOYEES AS CONSULTANTS
In pursuance of G.A. Department Resolution No. 23750/Gen dtd.27.08.2014, applications are invited from interested retired Private Secretaries/ Administrative Officers / Establishment Officers/ Section Officers/ for engagement of 05 numbers of "Consultants" (Level 11 to 14 under ORSP Rule, 2017) in State Wildlife Headquarters, with consolidated remuneration as per Govt. or Odisha, Finance Department Office Memorandum No. 24533/ dated 29.09.2022. This engagement shall be initially for a period of One Year, renewable on annual basis depending on assessment of performance. Candidates desirous of applying for engagement must not be above 64 years of age as on 31.01.2024. The details of engagement and format of the application are available in the notice section of the official websites of Principal Chief Conservator of Forests (Wildlife) & Chief Wildlife warden, Odisha / www.wildlifeodisha.in & www.wildlife.odisha.gov.in with effect from 25.01.2024. It can also be collected in hardcopy from the office on all working days within working hours up to 12.02.2024 until 12.00 noon.
The authority reserves the right to accept or reject the applications without assigning any reason thereof.
The last date for receipt of duly filled application is 12.02.2024 up to 5.30 PM.
Sd/-
Deputy Conservator of Forests. (Admn.) O/o PCCF (WL) & CWLW, Odisha
OIPR-08006/11/0004/2324

O-2329
GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
Email ID: eerwkaranjia@yahoo.com
Letter No. 598 / Date 24.01.2024
"e" Procurement Notice for Construct ion of 'D' Type Qtr for JMFC Court at Thakurmunda and Jashipur, Construction of Sub-Treasury office Cum Inspection room at Jashipur for year 2023-24
Bid Identification No -N.C.B RWDKNJ -17 / 2023-24
1. Name of the work : Building Works (As per Annexure)
2. Estimated Cost : Rs. 59.5 to Rs.64.00 Lakhs Approximately (As per Annexure)
3. Class of Contractor : 'B' Class
4. Period of Completion : As per Annexure
5. Tender Paper Cost : Rs 10000/- as mentioned in DTCN

Procurement Office	Bid Identification No.	Availability of Tender On-line for bidding		Last Date & Time of Seeking tender Clarification	Date & Time of Opening of Tender in O/O S.E.R.W. Division, Karanjia	
		From	To		Technical Bid	Financial Bid
1	2	3	4	5	6	7
Superintending Engineer, Rural Works Division, Karanjia	Building Online N.C.B. RWDKNJ-7	01.02.2024 at 11.00A.M.	07.02.2024 up to 5.00 P.M.	06..02.2024 up to 1.00 P.M.	08.02.2024 at 11.30 A.M.	09.02.2024 at 1.00 P.M.

Further details can be seen from the Website www.tendersodisha.gov.in
OIPR-25086/11/0029/2324
Sd/- Superintending Engineer R.W. Division, Karanjia

Government of Odisha
Sports & Youth Services Department
TT-57
Request for Proposal
Sports & Youth Services Department, Government of Odisha calls for bids from leading agencies to the Procurement of ELEIKO make weightlifting equipment for Department of Sports and Youth Services, Govt of Odisha (PAC ITEMS). The details of the document are available at the below mentioned website
Website: https://sports.odisha.gov.in/ https://tendersodisha.gov.in/
Interested firms/ parties/ agencies are advised to study the Rfp document carefully before submitting their bid.
Important Dates and Information:
Date of Publication - 25/01/2024
Last date and time of submission of proposal -16/02/2024; Time: 05:00 pm.
Opening of the Technical Bid -16/02/2024; Time: 06:00 pm.
OIPR-29001/11/0198/2324
Sd/- Commissioner-cum-Secretary

ମୀନାକ୍ଷୀ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ

ଭୁବନେଶ୍ୱର, ୩୦।୧(ସମିସ): ବିଧାୟକ ତାରା ବାହିନୀପତିଙ୍କ ପତ୍ନୀ ମିନାକ୍ଷୀ ବାହିନୀପତିଙ୍କୁ ରାଜ୍ୟ ମହିଳା ସଙ୍ଗଠନର ସଭାନେତ୍ରୀ ଭାବରେ ନିଯୁକ୍ତି ଦେଇଛି କଂଗ୍ରେସ। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଶ୍ରୀମତୀ ବାହିନୀପତିଙ୍କ ଏହି ନିଯୁକ୍ତିକୁ ଅନୁମୋଦନ କରିଥିବା ନେଇ ଦଳର ଜାତୀୟ ସାଧାରଣ ସମ୍ପାଦକ(ସଙ୍ଗଠନ) କେସି ଭେଣୁ ଗୋପାଳ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ମିନାକ୍ଷୀ ବାହିନୀପତି କୋରାପୁଟ ମୁନିସିପାଲିଟିର ଅଧ୍ୟକ୍ଷ ଭାବେ ୨ ଥର ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ସେ କୋରାପୁଟ ଜିଲ୍ଲା କଂଗ୍ରେସର ସଭାପତି ଭାବେ ୨୦୧୧ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୩ ବର୍ଷ ଧରି କାର୍ଯ୍ୟ କରିଛନ୍ତି ଏବଂ ବର୍ତ୍ତମାନ ସେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ଅଛନ୍ତି। କୋରାପୁଟରେ ମିନାକ୍ଷୀ ଓ ତାଙ୍କ ସ୍ୱାମୀ ତାରା ବାହିନୀପତିଙ୍କର ଯଥେଷ୍ଟ ପ୍ରଭାବ ରାଜ୍ୟ ମହିଳା କଂଗ୍ରେସରେ ମଧ୍ୟ ମିନାକ୍ଷୀଙ୍କର ବେଶ ପ୍ରଭାବ ରହିଛି। ମିନାକ୍ଷୀଙ୍କ ଏହି ନିଯୁକ୍ତି ସାମ୍ପ୍ରତିକ ସମୟରେ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

- ମହିଳା ସଂଗଠନ ମଜଭୁତ କରିବାକୁ ଦଳର ଫୋକସ
- ମହିଳା ଭୋଟ୍ ଉପରେ ସବୁ ଦଳର ରହିଛି ନଜର
- ନୂଆ ପଦ ତାରା ଓ ମିନାକ୍ଷୀଙ୍କ ରାଗ କରିବ ପ୍ରଶମିତ

ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି ଆସନ୍ତା ନିର୍ବାଚନରେ ଅଧିକରୁ ଅଧିକ ମହିଳା ଭୋଟ୍ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ମିଶନ ଶକ୍ତି ସହ ରାଜ୍ୟ ସରକାରଙ୍କ ମହିଳା କୈନ୍ଦ୍ରୀକ ଯୋଜନାକୁ ଆଧାର କରି ବିଜେଡି ମହିଳାଙ୍କ ପାଖରେ ପହଞ୍ଚୁଛି। ସେହିପରି ଉଜ୍ଜ୍ୱଳା ଯୋଜନା ସହ 'ବେଟି ବଚାଓ, ବେଟି ପଢ଼ାଓ' ଭଳି ଯୋଜନା ଗଣାଇ ବିଜେପି ମହିଳାଙ୍କୁ ନିଜ ଆଡ଼କୁ ଟାଣିବାକୁ ଯୋଜନା କରିଛି। ଏହି ଦୁଇ ଦଳର ରଣନୀତିକୁ ଭେଦ କରି କଂଗ୍ରେସ କିପରି ମହିଳା ଭୋଟ୍‌ରଙ୍କୁ ନିଜ ସପକ୍ଷରେ ଆଣିବ ତାହା ଆହ୍ୱାନପୂର୍ଣ୍ଣ ରହିବା ମନେ କରାଯାଉଛି।

ଏଆଇସିସି ପକ୍ଷରୁ ରାଜ୍ୟରେ କିପରି ମହିଳା ଭୋଟ୍ ଦଳ ଆଡ଼କୁ ଆସିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଆସନ୍ତା ନିର୍ବାଚନରେ ଦଳ ପକ୍ଷରୁ ପୂର୍ବାପେକ୍ଷା ଅଧିକ ମହିଳାଙ୍କୁ ଟିକଟ୍ ଦିଆଯିବା ପାଇଁ ଯୋଜନା କରାଯାଇଥିବା ଜଣାପଡ଼ିଛି। ଏହି ସମୟରେ ମିନାକ୍ଷୀଙ୍କ ଭଳି ଜଣେ ଲଢୁଆ ନେତ୍ରୀ ଦଳ ପାଇଁ ବଡ଼ ସମ୍ଭାବନା ସୃଷ୍ଟି କରିବେ ବୋଲି ଦଳ ଆଶା ରଖିଛି। ଅନ୍ୟପଟେ ଶ୍ରୀମତୀ ବାହିନୀପତିଙ୍କୁ ଗତବର୍ଷ ଜୁନ୍ ମାସରେ କୋରାପୁଟ ଜିଲ୍ଲା ସଭାପତି ପଦରୁ ହଟାଇ ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ସ୍ଥାନ ଦିଆଯାଇଥିଲା। ଏହାକୁ ନେଇ ତାରା ଓ ମିନାକ୍ଷୀଙ୍କ ସମର୍ଥକମାନେ କ୍ଷୁବ୍ଧ ହେବା ସହ ତାରା ମଧ୍ୟ ନିଜ ସମର୍ଥକଙ୍କ ସହ ଦିଲ୍ଲୀ ଗସ୍ତ କରିଥିଲେ। ଏବେ ମିନାକ୍ଷୀଙ୍କ ଏହି ନୂତନ ନିଯୁକ୍ତି ପୁରୁଣା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ସହ ଉଭୟ ତାରା ଓ ମିନାକ୍ଷୀଙ୍କ ସମର୍ଥକଙ୍କ ରାଗ ପ୍ରଶମିତ କରିବ ବୋଲି ଚର୍ଚ୍ଚା ହେଉଛି।

ନକଲି ଶିକ୍ଷକଙ୍କ ତଥ୍ୟ ଦେଉ ନାହାନ୍ତି ୧୧ ଜିଲ୍ଲା

ଭୁବନେଶ୍ୱର, ୩୦।୧(ସମିସ): ନକଲି ଶିକ୍ଷକଙ୍କ ତଥ୍ୟ ଦେଉନାହାନ୍ତି ୧୧ ଜିଲ୍ଲା ଶିକ୍ଷା ଅଧିକାରୀ। ଗତ ଡିସେମ୍ବର ୨୯ ତାରିଖରେ ନକଲି ଶିକ୍ଷକଙ୍କ ତଥ୍ୟ ଦେବାକୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଗଜପତି, ଜଗତସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ମାଲକାନଗିରି, ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲା ତଥ୍ୟ ଦାଖଲ କରିନାହାନ୍ତି। ଫଳରେ ଏହି ସମସ୍ତ ଜିଲ୍ଲାର ଡିଇଓଙ୍କୁ ୩୦ ତାରିଖ ସୁଦ୍ଧା ନକଲି ଶିକ୍ଷକଙ୍କ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଏହାର ଅବଧି ପୂରଣ ହେଉଛି। ନକଲି ଶିକ୍ଷକଙ୍କ ବାବଦରେ ରାଜ୍ୟବ୍ୟାପୀ ତଥ୍ୟ ଉପଲବ୍ଧ ହେଉ ନଥିବାରୁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ନିର୍ଦ୍ଦେଶ ଅନୁପାଳନ ନେଇ ସରକାର ସତ୍ୟପାଠ ଦାଖଲ କରିପାରୁନଥିବା ନିର୍ଦ୍ଦେଶାଳୟ ଦର୍ଶାଇଛି। ସୂଚନାଯୋଗ୍ୟ, ନିର୍ଦ୍ଦେଶର ପ୍ରାୟ ମାସେ ପରେ ମଧ୍ୟ ତଥ୍ୟ ଦାଖଲ କରିନଥିବାରୁ ଗତ ୨୫ ତାରିଖରେ ଏହି ସମସ୍ତ ଜିଲ୍ଲାର ଡିଇଓଙ୍କୁ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଗାଁକୁ ଭାଗ କରିଛି ଦୁଇ ଜିଲ୍ଲା

ଗୋଟିଏରେ ଘରଦ୍ୱାର; ଆରଟିରେ ଜମିବାଡ଼ି

ମାଲକାନଗିରି,୩୦।୧(ସମିସ): ଗାଁ ଗୋଟିଏ, କିନ୍ତୁ ଜିଲ୍ଲା ଦୁଇ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଘରଦ୍ୱାର ଗୋଟିଏ ଜିଲ୍ଲା ଅଧୀନରେ ଥିବା ବେଳେ ଜମି ବାଡ଼ି ଆଉ ଗୋଟିଏ ଜିଲ୍ଲାରେ। ଗାଁ ମଝିରେ ଦୁଇ ଜିଲ୍ଲାର ଅଲଗା ଅଲଗା ବୋର୍ଡ ଲାଗିଛି। ସରକାରୀ ଯୋଜନା ବି ଦୁଇଟି ଯାକ ଜିଲ୍ଲାରୁ ମିଳୁଛି। ଏପରିକି ଗାଁରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ବି ରହିଛି। କିନ୍ତୁ ଗୋଟିଏ ଗାଁକୁ ଦୁଇ ଦୁଇଟି ଜିଲ୍ଲାର ପରିଚୟ ମିଳିଥିବାରୁ ଏହାକୁ ନେଇ ଗ୍ରାମବାସୀ ଅନେକ ସମୟରେ ହରଡ଼ଘଣାରେ ପଡୁଛନ୍ତି। ନିଜକୁ କେଉଁ ଜିଲ୍ଲାର ଅଧିବାସୀର ପରିଚୟ ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଆଧାର କାର୍ଡରେ ଗୋଟିଏ ଜିଲ୍ଲାର ନାମ ରହିଥିବା ବେଳେ ଜମିପଟ୍ଟାରେ ଆଉ ଏକ ଜିଲ୍ଲାର ନାଁ ରହିଥିବାରୁ ବିକ୍ରି-ଖରିଦ, କିସମ ପରିବର୍ତ୍ତନ ଆଦି ସମୟରେ ଗ୍ରାମବାସୀ ନାନା ହଇରାଣ ହରକତ ହେଉଛନ୍ତି। ଏପରି ଏକ ଗ୍ରାମ ହେଉଛି, ମାଲକାନଗିରି ଓ କୋରାପୁଟ ଜିଲ୍ଲା ସୀମାନ୍ତରେ ରହିଥିବା କୁଲାବେଡ଼ା ଗାଁ।

ଦ୍ୱୈତ ପରିଚୟ ପାଇଁ ହରଡ଼ଘଣାରେ କୁଲାବେଡ଼ା ଗ୍ରାମବାସୀ

ଗାଁରେ ପାଖାପାଖି ଶହେ ପରିବାର ବସବାସ କରନ୍ତି। ୬୦ ପରିବାରଙ୍କ ଆଧାର କାର୍ଡରେ ପରିଚୟ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ କୁଟନିପାଲି ଗ୍ରାମପଞ୍ଚାୟତର କୁଲାବେଡ଼ା ଗାଁ ଲେଖା ଯାଇଥିବା ବେଳେ ବାକି ୪୦ ପରିବାରଲୋକଙ୍କ ଠିକଣା କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକର ଦଣ୍ଡାବାଡ଼ି ଗ୍ରାମ ପଞ୍ଚାୟତର କୁଲାବେଡ଼ାରେ ଗାଁ ଉଲ୍ଲେଖ ରହିଛି। ଗ୍ରାମ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ ସବୁ ଦୁଇ ଦୁଇଟି ହୋଇଥିବାବେଳେ କୋରାପୁଟ ଜିଲ୍ଲା ଅପେକ୍ଷା ମାଲକାନଗିରି ଜିଲ୍ଲା ଅଧୀନରେ ରହିଥିବା ଲୋକଙ୍କୁ ଅଧିକ ସୁବିଧା ମିଳୁଥିବା କହିଛନ୍ତି ଗ୍ରାମବାସୀ। କାରଣ ଲୋକଙ୍କ ପାଇଁ ଗ୍ରାମ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ହେଲେ ମାଲକାନଗିରି ଜିଲ୍ଲା ନିକଟତମ ହୋଇଥିବା ବେଳେ କୋରାପୁଟ ଜିଲ୍ଲା ଲୋକଙ୍କ ପାଇଁ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ ଦୂରତା ବେଶ୍ ଅଧିକ ରହିଛି। କୋରାପୁଟ ଜିଲ୍ଲା ମୁଖ୍ୟାଳୟକୁ ଜରୁରୀ କାର୍ଯ୍ୟ ପାଇଁ ଯିବାକୁ ହେଲେ ଅଧିକ ସମୟ ଲାଗୁଥିବା ବେଳେ ମାଲକାନଗିରି ଆସିବାକୁ ଲୋକଙ୍କୁ ସହଜ ହୋଇଥାଏ।

ଗ୍ରାମବାସୀଙ୍କ କହିବାନୁଯାୟୀ, ସାର୍ଟିଫିକେଟ୍ କିମ୍ବା ଅନ୍ୟ କୌଣସି ପ୍ରମାଣପତ୍ର ବାହାର କରିବା ପାଇଁ ହେଲେ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସେହିପରି ଧାନବିକ୍ରି ପାଇଁ ମଣ୍ଡି କାର୍ଡ କରିବାକୁ ଗଲେ ମଧ୍ୟ ହଇରାଣ ହେବାକୁ ପଡ଼େ। କାରଣ ଜମିପଟ୍ଟା ସବୁ ମାଲକାନଗିରି ଜିଲ୍ଲାରେ ଥିବା ବେଳେ ଭୋଟର୍ ଆଇଡି କାର୍ଡ ତଥା ଆଧାର କାର୍ଡ ସବୁ କୋରାପୁଟ ଜିଲ୍ଲାରେ ରହିଛି। ତେବେ ଏହି ଜିଲ୍ଲା ବିବାଦର ସମାଧାନ ପାଇଁ ଉଭୟ କୋରାପୁଟ ଓ ମାଲକାନଗିରି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ସଂପର୍କରେ ମାଲାକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ କହିଛନ୍ତି, ଜିଲ୍ଲା ସୀମାରେ ରହିଥିବାରୁ ଏଭଳି ସମସ୍ୟା ଦେଖାଯାଇପାରେ। ଏନେଇ ତଦନ୍ତ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ୧୯୯୨ ମସିହାରେ କୋରାପୁଟ ଜିଲ୍ଲା ବିଭକ୍ତ ହୋଇ କୋରାପୁଟ ଓ ମାଲକାନଗିରି ଜିଲ୍ଲା ସୃଷ୍ଟି ହୋଇଥିଲା। ହେଲେ କୁଲାବେଡ଼ା ଗାଁ କେଉଁ ଜିଲ୍ଲାରେ ରହିବ, ତାହା ନିଷ୍ପତ୍ତି ହୋଇପାରିନଥିଲା। ସେବେଠାରୁ ଏହି ଗାଁ ୨ ଜିଲ୍ଲାର ଗାଁ ତାଲିକାରେ ରହିଛି।

ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ

ଡାକ୍ତରଙ୍କୁ ନିର୍ଧୁମ୍ ପିଟିଲେ ରୋଗୀଙ୍କ ସମ୍ପର୍କୀୟ

ବଲାଙ୍ଗିର, ୩୦।୧ (ସମିସ): ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସଂପର୍କୀୟମାନେ କର୍ତ୍ତବ୍ୟରତ ଜଣେ ଡାକ୍ତରଙ୍କୁ ନିର୍ଧୁମ୍ ମାଡ଼ ମାରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଡାକ୍ତରଜଣଙ୍କ ହେଲେ, ଆର୍.ଏନ୍ ଦଳପତି। ତେବେ ଉପସ୍ଥିତ ସୁରକ୍ଷା କର୍ମୀମାନେ ସେଠାରେ ପହଞ୍ଚି ଡାକ୍ତରଙ୍କୁ ଉଦ୍ଧାର କରିଥିଲେ। ସୂଚନା ଅନୁସାରେ, ବଲାଙ୍ଗିର ସହର ଡୁଙ୍ଗୁରିପଡ଼ାର ନିକୁ ବାରିକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ସୋମବାର ରାତିରେ ତାଙ୍କର ଅବସ୍ଥା ସଂକଟାପନ୍ନ ହୋଇଥିଲା। ସମ୍ପର୍କୀୟମାନେ ଡାକ୍ତରଙ୍କୁ ବାରମ୍ବାର ଡାକିଥିଲେ। ସେ ସମୟରେ କାର୍ଯ୍ୟରତ ଥିବା ଡାକ୍ତର ଆର୍.ଏନ୍ ଦଳପତି ଆସି ନଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଏପରିକି ସେ ମଦ ପିଇ ନିଶାସକ୍ତ ଅବସ୍ଥାରେ ପଡ଼ି ରହିଥିଲେ ବୋଲି ଅଭିଯୋଗ କରିଥିଲେ। ଚିକିତ୍ସା ଅବହେଳାରୁ ନିକୁଙ୍କର ମୃତ୍ୟୁ ହୋଇଥିବା କହି ହସ୍ପିଟାଲରେ ହୋ ହାଲ୍ଲା କରିଥିଲେ। ଏପରିକି ଡାକ୍ତରଙ୍କୁ ମାଡ଼ ମାରିଥିଲେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି ଘଟଣାରେ ଭୀମଭୋଇ ମେଡିକାଲ କଲେଜ ଅଧ୍ୟକ୍ଷିକା ଡା. ମାନସୀ ପଣ୍ଡା କହିଛନ୍ତି ଯେ ତଦନ୍ତ ପାଇଁ କମିଟି ଗଠନ କରାଯାଇଛି। ନିଶାସକ୍ତ ଅବସ୍ଥାରେ ଡାକ୍ତର ଡ୍ୟୁଟି କରୁଥିବାର ଅଭିଯୋଗ ସତ ପ୍ରମାଣିତ ହେଲେ, ଡାକ୍ତରଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଝିଅର ଶବ ବ୍ୟବଚ୍ଛେଦ ରିପୋର୍ଟ ତ୍ରୁଟିପୂର୍ଣ୍ଣ ଅଭିଯୋଗ

ଡାକ୍ତରଙ୍କୁ ଚପଲରେ ପିଟିଲେ ମହିଳା

ପାରଳାଖେମୁଣ୍ଡି,୩୦।୧(ସମିସ): ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଡାକ୍ତରଙ୍କୁ ଚପଲରେ ପିଟିଛନ୍ତି ଜଣେ ମହିଳା। ଝିଅର ଶବ ବ୍ୟବଚ୍ଛେଦ ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ମହିଳାଜଣଙ୍କ ଏଭଳି କାଣ୍ଡ ଘଟାଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଡାକ୍ତରଜଣଙ୍କ ହେଲେ, ଡାଃ ରଶ୍ମିକାନ୍ତ ମିଶ୍ର। ଏନେଇ ଡାକ୍ତର ମିଶ୍ର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ଗତବର୍ଷ ଫେବୃଆରୀରେ ପାରଳାଖେମୁଣ୍ଡି ସହର ଉପକଣ୍ଠ ଜବାହର ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଇତଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରି ସ୍କୁଲ କର୍ତ୍ତୃପକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେହି ଦିନଠାରୁ ମୃତ ଛାତ୍ରୀଙ୍କ ମା' ସୁଜ୍ଞାନୀ ଗମାଙ୍ଗ ତାଙ୍କ ଝିଅକୁ ହତ୍ୟା କରି ମାରି ଦିଆଯାଇଛି ବୋଲି ଅଭିଯୋଗ କରି ଆସୁଛନ୍ତି।। ଏହାକୁ ନେଇ ସେତେବେଳେ ପାରଳା ପୁଲିସ ହତ୍ୟା ଏବଂ ପ୍ରମାଣ ନଷ୍ଟ କରିବା ଭଳି ସଂଗୀନ ଦଫାରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ହେଲେ ପୁଲିସର ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ମୃତ ଛାତ୍ରୀଙ୍କ ପରିବାରଲୋକେ ଓ ଗ୍ରାମବାସୀ ବିଭିନ୍ନ ସମୟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଆସୁଛନ୍ତି। ଅନଶନ ମଧ୍ୟ କରିଛନ୍ତି। ଶେଷରେ ରାଜ୍ୟ ସରକାର ତଦନ୍ତଭାର କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ବର୍ତ୍ତମାନ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ୍ କରୁଛି। ହେଲେ ମଙ୍ଗଳବାର ମୃତ ଛାତ୍ରୀଙ୍କ ମା' ସୁଜ୍ଞାନୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଶବ ବ୍ୟବଚ୍ଛେଦ କରିଥିବା ଡାଃ ରଶ୍ମିକାନ୍ତ ମିଶ୍ରଙ୍କୁ ଚପଲରେ ପିଟିବା ସହ ଗାଳିଗୁଲଜ କରିଥିଲେ। ଝିଅର ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ବୋଲି ଭୁଲ୍ ଦର୍ଶାଇଛ କହି ସେ ଏପରି କରିଥିଲେ। ଏ ସଂପର୍କରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଆସିବା ବେଳକୁ ସୁଜ୍ଞାନୀ ଏବଂ ତାଙ୍କ ସାଥୀ ହସ୍ପିଟାଲ୍ ପରିସର ଛାଡ଼ି ଚାଲିଯାଇଥିଲେ। ଏହାପରେ ଡାଃ ରଶ୍ମିକାନ୍ତ ମିଶ୍ର ପାରଳା ଥାନାରେ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି ଏବଂ ଘଟଣାର ତଦନ୍ତ ପୁଲିସ୍ ପକ୍ଷରୁ କରାଯାଉଥିବା ଜଣାପଡ଼ିଛି। ଏନେଇ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକ ଡା. ପ୍ରଦୀପ କୁମାର ପଣ୍ଡା କହିଛନ୍ତି ଯେ କାର୍ଯ୍ୟରତ ଡାକ୍ତର ମିଶ୍ରଙ୍କୁ ମହିଳାଜଣକ ମାଡ଼ ମାରି ଗାଳିଗୁଲଜ କରିଛନ୍ତି। ମହିଳା ଏବଂ ତାଙ୍କ ସାଥୀରେ ପ୍ରାୟ ଦଶରୁ ଊର୍ଦ୍ଧ୍ୱ ଲୋକ ଆସିଥିବା ସ୍ପଷ୍ଟ ହୋଇଛି।

ଅବଶିଷ୍ଟାଂଶ...

ଟଙ୍କାକରେ ୩୪...

ସରକାରୀ ରାଜକୋଷର ପ୍ରତ୍ୟେକ ୧ ଟଙ୍କାରୁ ୩୪ ପଇସା ଋଣ ସୂତ୍ରରୁ ଆସିଥାଏ। ଏଥିସହିତ ସରକାର ସୁଧ ପୈଠ କରିବା ପାଇଁ ସର୍ବାଧିକ ୨୦ ପଇସା ଖର୍ଚ୍ଚ କରିଥାନ୍ତି। ସ୍ୱାଧୀନ ଭାରତର ପ୍ରଥମ ବଜେଟ୍ ୨୬ ନଭେମ୍ବର ୧୯୪୭ରେ ଶାନମୁଗମ୍ ଚେଟିଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଏହି ବଜେଟର ଆକାର ୧୯୭.୩୯ କୋଟି ଟଙ୍କା ରହିଥିଲା। ୨୦୨୩ରେ ଉପସ୍ଥାପିତ ହୋଇଥିବା ବଜେଟ୍ ୪୫.୦୩ ଲକ୍ଷ କୋଟି ଟଙ୍କା ଥିଲା। ୧୯୪୭ ପରଠାରୁ ଦେଶରେ ୭୩ଟି ସାଧାରଣ ବଜେଟ ଏବଂ ୧୪ଟି ଅନ୍ତରୀଣ ବଜେଟ୍ ଉପସ୍ଥାପିତ ହୋଇଛି।

ବଜେଟ କହିଲେ ଏକ ନିର୍ଦ୍ଦିଷ୍ଟ ବର୍ଷ ପାଇଁ ସରକାରଙ୍କ ଆୟ ଏବଂ ବ୍ୟୟର ଏକ ଆନୁମାନିକ ବିବରଣୀ। ବଜେଟ ମାଧ୍ୟମରେ ସରକାର ଆସନ୍ତା ଆର୍ଥିକବର୍ଷରେ ଆୟ ତୁଳନାରେ କେତେ ପରିମାଣରେ ଖର୍ଚ୍ଚ କରିପାରିବେ ତାହା ସ୍ଥିର କରିବାକୁ ଚେଷ୍ଟା କରିଥାନ୍ତି। ପ୍ରତ୍ୟେକ ଆର୍ଥିକବର୍ଷ ଆରମ୍ଭରେ ସରକାର ବଜେଟ ଉପସ୍ଥାପନ କରିଥାନ୍ତି। ଭାରତରେ ଆର୍ଥିକ ବର୍ଷର ଅବଧି ୧ଏପ୍ରିଲରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଧରାଯାଇଥାଏ। ଅନ୍ତରୀଣ ବଜେଟକୁ 'ଭୋଟ୍ ଅନ୍ ଆକାଉଣ୍ଟ କୁହାଯାଏ।

ପିତାମାତାଙ୍କ ସ୍ୱପ୍ନକୁ...

ଏଥିସହ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଥିବା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଉପେନ୍ଦ୍ର ତ୍ରିପାଠୀ ମଧ୍ୟ ଗଞ୍ଜାମ ବ୍ଲକରେ ଥିବା ସରକାରୀ ବିଦ୍ୟାଳୟରେ ଶିକ୍ଷାଲାଭ କରିଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପୁରସ୍କାର ମଧ୍ୟ ମିଳିଛି। ଯଦି ସେମାନେ ସଫଳତା ପାଇଲେ ତେବେ ଆପଣମାନେ କାହିଁକି ପାରିବେ ନାହିଁ? ତେଣୁ କଠିନ ପରିଶ୍ରମ କରି ପିତାମାତାଙ୍କ ସ୍ୱପ୍ନ ସାକାର କରିବାକୁ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ବ୍ରହ୍ମପୁରର ଆମ୍ବୁପୁଆ ଠାରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ୫-ଟି ଅଧକ୍ଷ କହିଛନ୍ତି ଯେ ରାତାରାତି କାହାକୁ ସଫଳତା ମିଳେ ନାହିଁ, ତା ପଛରେ ରହିଥାଏ କଠିନ ଅଧବସାୟ। କଠୋର ତପସ୍ୟା। ତେଣୁ ଆପଣମାନେ ପରିଶ୍ରମ କରିବାକୁ ଆଦୌ କୁଣ୍ଠାବୋଧ କରନ୍ତୁ ନାହିଁ। ଆମ ବାପା ମା' ଆମ ପାଇଁ ବହୁତ ସ୍ୱପ୍ନ ଦେଖିଛନ୍ତି। ତାକୁ ପୂରଣ କରିବା ଦାୟିତ୍ୱ ହେଉଛି ଆମର। ଆପଣମାନେ କେହି ବି କୌଣସି ଗୁଣରେ କମ୍ ନୁହନ୍ତି। ତେଣୁ ପିତାମାତା, ଗୁରୁଜନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପଣ କରନ୍ତୁ ଆଉ ତାକୁ ସାକାର କରିବାରେ ଅବହେଳା କରନ୍ତୁ ନାହିଁ। ଯଦି ଜୀବନରେ ସଫ

ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ଛାତ୍ରଛାତ୍ରୀ, ଅଭିଭାବକ

ଏରସମା,୩୦।୧(ସମିସ):

ଏରସମା ଶିକ୍ଷା ମଣ୍ଡଳ ଅଧିନ ପଦ୍ମପୁର ପଞ୍ଚାୟତ କିଆମୁଣ୍ଡି ପ୍ରାଥମିକ ବିଦ୍ୟାଳୟ ଗେଟରେ ତାଲା ପକାଇ ପିଲାମାନଙ୍କ ସହ ଧାରଣାରେ ବସିଲେ ଅଭିଭାବକ। ଦୀର୍ଘଦିନ ଧରି ବିଦ୍ୟାଳୟରେ ଶିକ୍ଷକ ପଦବି ପୂରଣ ପାଇଁ ଜିଲ୍ଲାପାଳ ଏବଂ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ଶିକ୍ଷକ ପଦ ପୂରଣ ନ ହେବାରୁ ଏହି ଧାରଣା ଦିଆଯାଇଛି ବୋଲି ଅଭିଭାବକ ମାନେ କହିଛନ୍ତି।

ସୂଚନା ଯୋଗ୍ୟ କିଆମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀରେ ୧୨୦ ଛାତ୍ରୀଛାତ୍ର ପାଠ ପଢନ୍ତି। ସେଠାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ମୋଟ ୩ଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ସରକାରୀ ନିୟମ ଅନୁସାରେ ପ୍ରତି ୩୫ ଜଣ ଛାତ୍ରୀ ଛାତ୍ରରେ ଜଣେ ଶିକ୍ଷକ ନିଯୁକ୍ତି ପାଇବେ। ସେହି ଅନୁସାରେ ସମ୍ପୃକ୍ତ ସ୍କୁଲରେ ୪ଜଣ ଶିକ୍ଷକ ନିଯୁକ୍ତ ହେବା କଥା। ଏ ସମ୍ପର୍କରେ ଅଭିଭାବକମାନେ ଗତ ୧୮ ତାରିଖରେ ଏରସମା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ୩୦ ତାରିଖ ମଧ୍ୟରେ ଆଉ ଜଣେ ଶିକ୍ଷକ ନିଯୁକ୍ତ କରାନଗଲେ ସେମାନେ ତାଲା ପକାଇବେ ବୋଲି ଚେତାବନୀ ଦେଇଥିଲେ। ମାତ୍ର କୋ÷ଣସି ପଦକ୍ଷେପ ନନିଆଯିବାରୁ ମଙ୍ଗଳବାର ଅଭିଭାବକମାନଙ୍କ ସହିତ ପିଲାମାନେ ତାଲା ବନ୍ଦ କରି ଧାରଣାରେ ବସିଥିଲେ। ଏ ସମ୍ପର୍କରେ ବିଇଓ ଭାବଗ୍ରାହୀ ଭୋଳଙ୍କୁ ପଚାରିବାରୁ, ଡେପୁଟେସନରେ ଶିକ୍ଷକ ପଠାଇବାକୁ ଆମେ ଡିଇଓଙ୍କୁ ଜଣାଇଛୁ, ତାହା ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ ହେଲେ ଶିକ୍ଷକ ନିଯୁକ୍ତ ହୋଇ ପାରିବେ, ସେଥି ପାଇଁ କିଛି ଦିନ ସମୟ ଲାଗିବ ବୋଲି କହିଥିଲେ। ଏହି ଆନ୍ଦୋଳନରେ ନିଶମ୍ଭୁ ମାଇତୀ, ସିଦ୍ଧେଶ୍ୱର ଦାସ, ଶ୍ରୀନିବାସ ଦାସ, ଅର୍ଜୁନ କାଣ୍ଡି, ପ୍ରଭାସ ଜେନା, କରୁଣାମୟୀ ଦାସ, ସୁଷମା ଜେନା ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

୩ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ

ଜଗତସିଂହପୁର,୩୦।୧(ସମିସ): ଜଗତସିଂହପୁର ଅବକାରୀ ମୋବାଇଲ ଟିମ ଚଢଉ କରି ପାରାଦୀପ ଥାନା ଲକ୍‌ପଡାରୁ ୩୨ଗ୍ରାମ ବ୍ରାଉନ୍‌ସୁଗର ମଙ୍ଗଳବାର ଜବତ କରିବା ସହ ମନୋଜ ନନ୍ଦି (୪୨)କୁ ଗିରଫ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୩ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭଗ ପକ୍ଷରୁ ସୂଚନା ଦିଆଯାଇଛି। ଜଗତସିଂହପୁର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଅବକାରୀ ମୋବାଇଲ ପୁଲିସ ଟିମ୍ ଚଢଉ କରିଥିଲା।

● ଉଦୟବିହାରରେ ସେକ୍ସ ରାକେଟ; ୯ କୋର୍ଟ ଚାଲାଣ

କିଙ୍ଗ୍‌ପିନ୍ ସହ ଘର ମାଲିକ ବି ଗଲେ ଜେଲ୍

ପାରାଦୀପ, ୩୦।୧(ସମିସ): ପାରାଦୀପ ସ୍ଥିତ ଉଦୟବିହାର-୧ କଲୋନୀରେ ଚାଲିଥିବା ସେକ୍ସ ରାକେଟ ଉପରେ ଚଢଉ ଲକ୍ ଥାନା ପୁଲିସ ୯ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏଥିରେ ରହିଛନ୍ତି ଘଟଣାର କିଙ୍ଗପିନ୍ କୁହାଯାଉଥିବା ମହିଳା ଓ ଘର ମାଲିକ। ସୋମବାର ରାତିରେ ଉକ୍ତ ଘରେ ସେକ୍ସ ରାକେଟ୍ ଚାଲିଥିବା ଲକ୍ ଥାନା ଆଇଆଇସି ଖବର ପାଇ ଚଢଉ କରିଥିଲେ। ବିଭିନ୍ନ କୋଠରୀରୁ ୭ ଜଣ ପୁଅ ଓ ୩ ଝିଅଙ୍କୁ ଅସଜ୍ଞତ ଅବସ୍ଥାରେ ଧରି ଥାନାକୁ ଆଣିଥିଲେ। ରାକେଟ୍‌ର ମୁଖ୍ୟ ମହିଳାଙ୍କ ସମେତ ଘରମାଲିକକୁ ପୁଲିସ ଥାନାକୁ ଆଣି ଅଟକ ରଖି ପଚରା ଉଚରା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବତୀଙ୍କ ମଧ୍ୟରୁ ୩ ଜଣ ରାଜ୍ୟ ବାହାରର ବୋଲି ଜଣାପଡିଛି। ୩ ଦେହଜୀବୀଙ୍କୁ ଆସନ୍ତାକାଲି କୋର୍ଟରେ ହାଜର କରାଯିବ ଓ ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ। ଘଟଣାସ୍ଥଳରୁ ଗୋଟିଏ ସ୍କୁଟି ଓ ଗୋଟିଏ ବାଇକ ଜବତ ହୋଇଛି।

ମଦ ଦୋକାନ ଆଗରେ ମହିଳାଙ୍କ ଧାରଣା

ପାରାଦୀପ,୩୦।୧(ସମିସ): ଗାନ୍ଧିଜୀଙ୍କ ତିରୋଧାନ ଦିବସ ଉପଲକ୍ଷେ ପାରାଦୀପ ଅଠରବାଙ୍କୀଠାରେ କଳିଙ୍ଗ ମହିଳା ଶକ୍ତି ଓ ମିଳିତ ଓଡିଶା ନିବାରଣ ଅଭିଯାନ ସଂସ୍ଥା ତରଫରୁ ନିଶା ନିବାରଣ ନେଇ ଏକ ଶୋଭାଯାତ୍ରା ସହ ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ସଂଗଠନର ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିବା ବେଳେ ଅଠରବାଙ୍କୀ ମେଡ଼ିକାଲ ରୋଡ଼ରେ ଥିବା ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସରକାରଙ୍କୁ ନିବେଦନ କରିବା ସହ ମଦ ଦୋକାନକୁ ସାମୟିକ ସମୟ ପାଇଁ ବନ୍ଦ କରିଥିଲେ। ରାସ୍ତାର ୫ଶହ ମିଟର ଦୂରରେ ମଦ ଦୋକାନ ରହିବା ନିୟମ ନଥିବା ବେଳେ ଏଠାରେ ମେଡ଼ିକାଲ ଆଗରେ ସର୍ବ ସାଧାରଣ ରାସ୍ତାକୁ ଲାଗି ମଦ ଦୋକାନ ଖୋଲା ଯାଇଛି। ଯାହାକି ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ମିଳିତ ଭାବେ କଳିଙ୍ଗ ମହିଳା ଶକ୍ତି ଓ ମିଳିତ ଓଡିଶା ନିଶା ନିବାରଣ ସଂସ୍ଥା ତରଫରୁ ଧାରଣା ଦିଆଯିବା ସହ ଅଧିକାଂଶ ଲୋକ ମଦ ପିଇ ଦୁର୍ଘଟଣାର ଶୀକାର ହେଉଛନ୍ତି। ତେଣୁ ପାରାଦୀପକୁ ସମ୍ପୂର୍ଣ୍ଣ ନିଶା ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଛନ୍ତି କଳିଙ୍ଗ ମହିଳା ଓ ମିଳିତ ନିଶା ନିବାରଣ ସଂସ୍ଥା।ଏଥିରେ କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆଙ୍କ ସମେତ ମିଳିତ ନିଶା ନିବାରଣ ଅଭିଯାନର ରାଜ୍ୟ କମିଟି ସଦସ୍ୟ ବାବୁରାମ ଚୌଧୁରୀ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ବରିଷ୍ଠ ଶିକ୍ଷକଙ୍କ ପରଲୋକ

ପାରାଦୀପ,୩୦।୧(ସମିସ): ପାରାଦୀପ ଗଡର ବରିଷ୍ଠ ଶିକ୍ଷକ ଫକୀର ତରାଇ(୫୦)ଙ୍କର ହୃତଘାତରେ ଆଜି ମଧ୍ୟାହ୍ନରେ ଦେହାନ୍ତ ଘଟିଛି। ସ୍ୱର୍ଗତ ତରାଇ ଆଜି ଯୋଗ ଶିକ୍ଷା ସାରି ନିଜ ଘର ପାରାଦୀପ ଗଡକୁ ଫେରୁଥିବା ବେଳେ ବାଟରେ ହଠାତ ଶରୀର ଅସୁସ୍ଥ ହୋଇ ପଡ଼ିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ କୁଜଙ୍ଗ ମେଡିକାଲ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ତାଙ୍କ ମୃତ୍ୟୁଟବର ପ୍ରଚାରିତ ହେବା ପରେ ପାରାଦୀପଗଡ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀରକୁ ପାରାଦୀପ ଗଡ ଅଣାଯାଇ ଶ୍ରୀମା ବିଦ୍ୟାପୀଠ, ଏସକେ ଏକାଡେମୀ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠା ଲାଭ କରିଥିବା ଗଡ ପାଠାଗାର ଆଦି ସ୍ଥାନକୁ ନିଆଯାଇଥିଲା। ନିଜ ଗ୍ରାମ ପାରାଦୀପ ଗଡ ଶ୍ମଶ।ାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ବାଲିକୁଦା,୩୦।୧(ସମିସ): ବାଲିକୁଦା ବ୍ଲକ କାଳିଓ ପଞ୍ଚାୟତ ନୀଳକଣ୍ଠେଶ୍ୱର ବିଦ୍ୟାପୀଠ ୨୦୧୧ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବାଲିସାହିସ୍ଥିତ ମା' ଥାନପତିଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ୩୦ରୁ ଉଦ୍ଧର୍ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଅଜିତ କୁମାର ଭୋଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

ଜମୁଛି ମକର ମେଳା

ମଣିଜଙ୍ଗା,୩୦।୧(ସମିସ): ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ତାଳପଡା ଗ୍ରାମପଞ୍ଚାୟତର କନ୍ଦମୂଳ ପଡିଆରେ ମକର ମେଳା ଦୀର୍ଘ ୮୦ ବର୍ଷ ଧରି ଧୂମ୍‌ଧାମରେ ଅନୁଷ୍ଠିତ ହୋଇଆସୁଛି । ବିଭିନ୍ନ ପ୍ରକାର ଦୋକାନ ବଜାର ପଡିଛି । ଜନସମାଗମ ବୃଦ୍ଧି ପାଇବାରେ ଲାଗିଛି । ଆଜିକୁ ୧୬ ଦିନ ହେବ ମନୋରଂଜନ କାର୍ଯ୍ୟକ୍ରମ ଚାଲୁଛି । ଦୁଇ ରାତ୍ରୀ ଧରି ଯାତ୍ରା ଦୁର୍ଗାମନ୍ଦିର 'କାନ୍ଦନା ଆଖି ଲୁହ ସରିଯିବ' ନାଟକ ମଞ୍ଚସ୍ଥ କରୁଛି । ରାତ୍ରୀରେ ହଜାର ହଜାର ଦର୍ଶମ ଏହି ନାଟକଟିକୁ ଉପଭୋଗ କରୁଛନ୍ତି । ବ୍ୟବସାୟୀମାନେ ଭଲ ବେପାର କରୁଛନ୍ତି ।

● ନବୀନ ସରକାରଙ୍କ ସୁଶାସନ ପହଞ୍ଚିଛି ଲୋକଙ୍କ ପାଖରେ

'ବହୁ ଜନକଲ୍ୟାକାରୀ ଯୋଜନା ଏବେ ହାତପାହାନ୍ତରେ'

ବିରିଡି,୩୦।୧(ସମିସ): ମଙ୍ଗଳବାର ଦିନ ଗୋପୀନାଥପୁର ପଞ୍ଚାୟତର ଭଗବତୀ ପୀଠରେ ବ୍ଲକ ପ୍ରଶାସନ ପକ୍ଷରୁ ଓଡିଶାର ଲୋକକଳା ପାଲା ମାଧ୍ୟମରେ ରାଜ୍ୟରେ ଚାଲୁଥିବା ବିଜେଡି ସରକାର ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୫ବର୍ଷ ଶାସନର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ବିରିଡି ବିଡ଼ିଓ ଡ଼ ବେବିତା ମଞ୍ଜରୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆମଓଡ଼ିଶା ନବୀନ ଓଡିଶା(ନୂଆଓ) କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ସୋଲାର ମିଶ୍ର, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲ୍ଲା ସଭାପତି ରବିନାରାୟଣ ଜେନା, ରବୀନ୍ଦ୍ର ରାଉଳ,ନୃସିଂହ ଚରଣ ଦାଶ,ନେତ୍ରାନନ୍ଦ ପାତ୍ର,ବ୍ଲକ ଅଧକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦିପ୍ତିମୟୀ ରାୟ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ସରପଞ୍ଚ କାଁହୁଚରଣ ବେହେରା,ସରୋଜିନୀ ବେହେରା ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁ ଜନକଲ୍ୟାଣକାରୀ ଯୋଜନା ଏବେ ଲୋକମାନଙ୍କ ହାତପାହାନ୍ତାରେ ପହଞ୍ଚିଛି ବୋଲି କହିଥିଲେ। ସେହିପରି ବୁଢାପଡା ପଞ୍ଚାୟତରେ ସରପଞ୍ଚ କନକ ଲତା ବେହେରା, ସମିତି ସଭ୍ୟ ପ୍ରଶାନ୍ତ ବେହେରା ଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବାବେଳେ ବାରେଡ଼ିଆ ପଞ୍ଚାୟତର ସରପଞ୍ଚ ମନୋଜ ଭୋଇ ଓ ସମିତି ସଭ୍ୟା ସସ୍ମିତା ଦାସ ଙ୍କ ପରିଚାଳନାରେ ନୂଆ ଇ ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ ଉପରୋକ୍ତ ଅତିଥି ମାନେ ଯୋଗଦେଇଥିବାବେଳେ କାର୍ଯ୍ୟକ୍ରମ ରେ ପବିତ୍ର ପଶାୟତ, ମନୋରଞ୍ଜନ ଓଝା, କାଳନ୍ଦୀ ବସ୍ତିଆ, ପ୍ରତାପ ବେହେରା,ସୁଶାନ୍ତ ବସ୍ତିଆ, ମୀର ଆଜମୀର ଅଲ୍ଲୀ, ଅଜୟ ଭୋଇ,ପ୍ରଦୀପ୍ତ ଭୂୟାଁ,ଅଶୋକ ମହାନ୍ତି,ପୁଷ୍ପ ପ୍ରକାଶ ପ୍ରଧାନ, ସନାତନ ସାହୁ, ସୁଦର୍ଶନ ବେହେରା,ଦୁଃଶାସନ ମହାପାତ୍ର, କିଶୋର ପାଲ ପ୍ରମୁଖ ସାମିଲ ହୋଇଥିଲେ।

ବିଜେଡିର ସାଂଗଠନିକ ବୈଠକ

ବାଲିକୁଦା,୩୦।୧(ସମିସ): ବାଲିକୁଦା ବିଜେଡି ପକ୍ଷରୁ ୪ଟି ଜୋନର ୩୦ଟି ପଞ୍ଚାୟତର ଜିଲାପରିଷଦ ସଦସ୍ୟ, ସଦସ୍ୟା, ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ବାଲିକୁଦା ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା' ଥାନପତିଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧକ୍ଷ ରଘୁନନ୍ଦନ ଦାସ, ଜିଲ୍ଲା ଉପ ପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାସ, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମୀନକେତନ ଅମାତ, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ଜିଲାପରିଷଦ ଜଟାଧାରୀ ଦାସ, ରୁନିଲତା ବେହେରା, ଡଲି ପଣ୍ଡା, ତଟିନା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ରଣ କୌଶଳ ପ୍ରସ୍ତୁତି କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ପାର୍ଥସାରଥୀ ରାଉତ, ବ୍ଲକ ଯୁବ ସଭାପତି ଶୁଭେନ୍ଦ୍ର ଦାସ, ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ପ୍ରକାଶ ଦଳାଇ, ବ୍ଲକ ଛାତ୍ର ସଭାପତି ଆକାଶ ମହାନ୍ତି, ଯୁବ ନେତା ସ୍ୱାଧୀନ କୁମାର ଦାସଙ୍କ ସହ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ପ୍ରତେକ ପଞ୍ଚାୟତର ବିଜେଡି ସଭାପତି ଏବଂ ହଜାରରୁ ଉର୍ଦ୍ଧ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ମଣିଜଙ୍ଗା,୩୦।୧(ସମିସ): ତିର୍ତ୍ତୋଲ ବ୍ଲକର ବୋଧେଇ ଗ୍ରାମପଞ୍ଚାୟତର ପଞ୍ଚାୟତ ଅଫିସ୍ ପ୍ରାଙ୍ଗଣରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଜସ୍‌ମିନ୍ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା ଯୋଗଦେଇଥିଲେ । ଅନ୍ୟତମ ଅତିଥି ୪ନଂ ଜୋନ୍‌ର ଜିଲ୍ଲା ପରିଷଦ ତଥା ବ୍ଲକ ବି.ଜେ.ଡି. ସଭାପତି ଗଙ୍ଗାଧର ବିଶ୍ୱାଳ, ବ୍ଲକ ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ସମବାୟ ସମିତିର ସଭାପତି କେଦାର ଚରଣ ସ୍ୱାଇଁ, ପଞ୍ଚାୟତର ବିଜେଡି. ସଭାପତି ତଥା ଯୁବନେତା ଅଭିରାମ ଆଚାର୍ଯ୍ୟ, ନୃସିଂହ ଚରଣ ନାୟକ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏଥିରେ ପଞ୍ଚାୟତର ଏମ୍.ବି.କେ. ସଂଘମିତ୍ରା ଦାସ, ସି.ଆର୍.ପି. ଓ ଏସ୍.ଏଚ୍. ଜି. ମହିଳା ଯୋଗଦେଇଥିଲେ । ଅତିଥିମାନେ ନବୀନ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

ପୂର୍ବତନ ସୈନିକ ପରିବାର ପକ୍ଷରୁ ସ୍ମାରକପତ୍ର

ତିର୍ତ୍ତୋଲ,୩୦।୧(ସମିସ): ଜଗତସିଂହପୁର ଜିଲାସ୍ତରୀୟ ସ୍ୱିକୃତିପ୍ରାପ୍ତ ଅବସରପ୍ରାପ୍ତ ସୈନିକ ସଂଗଠନ 'ପୂର୍ବତନ ସୈନିକ ପରିବାର' ତିର୍ତ୍ତୋଲ ଉପଖଣ୍ଡ ତରଫରୁ ବିଭିନ୍ନ ସମସ୍ୟା ନେଇ ଏକ ସ୍ମାରକପତ୍ର ବ୍ଲକ ପ୍ରଶାସନ ଅଧିକାରୀ ଓ ପୁଲିସ ପ୍ରଶାସନଙ୍କୁ ପ୍ରଦାନ କରାଯାଇଛି। ତିର୍ତ୍ତୋଲ ଉପଖଣ୍ଡର ପ୍ରମୁଖ ବିରଜା ମୋହନ ମହାପାତ୍ରଙ୍କ ଅଧକ୍ଷତାରେ ଓ ପରିଚାଳନାରେ ଦାୟିତ୍ୱରେ ଥିବା ପ୍ୟାଟ୍ରନ ସୁଶାନ୍ତ କୁମାର ସାହୁ, ସଂଯୋଜକ ଦୀପ୍ତିରଞ୍ଜନ ମହାପାତ୍ର ଓ ଅଭୟ ଚରଣ ମଲ୍ଲିକ, ଆବାହକ ତପନ କୁମାର ସାମନ୍ତରାୟ, ଉପଖଣ୍ଡର ପ୍ରମୁଖ ସଦସ୍ୟ ପ୍ରଦୀପ ଖୁଣ୍ଟିଆ, ସୁରେଶ ଯୋଗଣିଆ, ଅନୁପ ଚରଣ ମହାପାତ୍ର, ନିରଞ୍ଜନ ମଲ୍ଲ, ଅଭୟ ସାହୁ, ରମେଶ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କାଣ୍ଡି, କରୁଣାକର ରାଉତ ପ୍ରମୁଖ ତିର୍ତ୍ତୋଲ ତହସିଲଦାର ସତ୍ୟଜିତ ମହାପାତ୍ର, ତିର୍ତ୍ତୋଲ ବିଡିଓ ତପନ କୁମାର ସେନାପତି, ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକ, କୃଷ୍ଣାନନ୍ଦପୁର ଥାନା ଅଧିକାରୀ, କନକପୁର ଫାଣ୍ଡି ଅଧିକାରୀ, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

କୈବର୍ତ୍ତ ମହାସଂଘ ପକ୍ଷରୁ ଜାଗରଣ ସମାବେଶ

ବାଲିକୁଦା,୩୦।୧(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ବାଲିପାଟଣା ମେଲଣ ପଡିଆରେ ଶାରଳା ମଣ୍ଡପ କୈବର୍ତ୍ତ ମହାସଙ୍ଘ ଜଗତସିଂହପୁର ଓ ନିଖିଳ ଓଡିଶା କୈବର୍ତ୍ତ ମହାସଂଘ ଆନୁକୂଲ୍ୟରେ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶାରଳା ମଣ୍ଡପ କୈବର୍ତ୍ତ ସଙ୍ଘ ସଭାପତି ପ୍ରହ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହାସଂଘ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ମୁଖ୍ୟବକ୍ତା ଭାବେ ରାଜ୍ୟ ମହାସଂଘ ଉପସଭାପତି ପ୍ରସନ୍ନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ରାଜ୍ୟ ଯୁବ ସମ୍ପାଦକ ଦିଲ୍ଲୀପ କୁମାର ବେହେରା, ଜିଲ୍ଲା ସଙ୍ଗଠନ ସମ୍ପାଦକ ଅମର କୁମାର ଦାସ, ସମ୍ପାଦକ ମନୋରଞ୍ଜନ ଦଳାଇ,କୋଷାଧକ୍ଷ ପ୍ରଦୀପ୍ତ ବେହେରା,ଜାତି ଅଧିକାରୀ ବଂଶୀଧାରି ଦାସ,ଉପଦେଷ୍ଟା ମିହିର ବେହେରା,ବାଲିକୁଦା ବ୍ଲକ ସଭାପତି ଜନାର୍ଦ୍ଦନ ବେହେରା,ଏରସମା ବ୍ଲକ ସଭାପତି କାଳନ୍ଦୀ ବେହେରା, ନାଉଗାଁ ବ୍ଲକ ସଭାପତି ଭାଗିରଥୀ ବେହେରା, ଜଗତସିଂହପୁର ବ୍ଲକ ସଭାପତି ଶରତ ଚନ୍ଦ୍ର ସାମଲ,କୁଜଙ୍ଗ ବ୍ଲକ ସଭାପତି ଶ୍ରୀଧର ବେହେରା,ତରାସାହି ସରପଞ୍ଚ ରାଜକିଶୋର ବେହେରା,ନହରଣା ସରପଞ୍ଚ ଅରୁଣ କୁମାର ବେହେରା,ଅରୁଣ କୁମାର ବେହେରା,ତପନ ବେହେରା,ସସ୍ମିତା ବେହେରା,ବ୍ରଜବନ୍ଧୁ ବେହେରା,ପ୍ରମୁଖ ଯୋଗ ଦେଇ କୈବର୍ତ୍ତ୍ୟ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ୧୦ ଦଫା ଦାବି

ଛଅବର୍ଷ ପରେ ଏକାଠି
ସଞ୍ଜୟ-ରଣବୀର

ବଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ ତାଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି' ପାଇଁ ଚର୍ଚ୍ଚାରେ ଥିବାବେଳେ ଏଯାବତ୍ ଏହା ରିଲିଜ୍ ହୋଇପାରିନାହିଁ । ଇତିମଧ୍ୟରେ ସଞ୍ଜୟଙ୍କ ଫିଲ୍ମ 'ଇନ୍‌ସଲାହ'ରେ ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ କାମ କରିବେ ବୋଲି ଜଣାପଡ଼ିଛି । ସଞ୍ଜୟଙ୍କୁ ନେଇ ଆଉ ଏକ ଖବର ମଧ୍ୟ ଆସିଛି । ସଞ୍ଜୟ ପୁଣି ଥରେ ତାଙ୍କ ଲକି ଚାର୍ମ ରଣବୀର ସିଂହଙ୍କ ସହ କାମ କରିବାକୁ ଯାଉଛନ୍ତି । ବ୍ଲକ୍‌ବଷ୍ଟର୍ ଫିଲ୍ମ 'ପଦ୍ମାବତ୍' ପରେ ଛଅ ବର୍ଷ ପରେ ପୁଣି ଥରେ ଦୁହେଁ ଏକାଠି କାମ କରିବେ । ତେବେ ସଞ୍ଜୟ ଓ ରଣବୀର ଏକାଠି 'ଗୋଲିଓଁ କି ରାସଲୀଲା- ରାମଲୀଲା', 'ବାଜିରାଓ ମସ୍ତାନୀ' ଓ 'ପଦ୍ମାବତ୍' ଭଳି ହିଟ୍ ଫିଲ୍ମ ଦେଇଥିଲେ । ସଞ୍ଜୟ ଓ ରଣବୀରଙ୍କ ଏହି ଫିଲ୍ମର କାହାଣୀ ଏବେ ଲେଖାଯାଉଛି । ୨୦୨୪ ମେ ମାସରେ ସଞ୍ଜୟ ଏ ବାବଦରେ ବିଧିବଦ୍ଧ ଭାବେ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

ଆଜିର ଇତିହାସ

- ୧୯୧୫- ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ରୁଷ୍ ବିପକ୍ଷରେ ବିଷାକ୍ତ ଗ୍ୟାସ୍ ପ୍ରୟୋଗ କରିଥିଲା ।
- ୧୯୨୩- ପରମବୀର ଚକ୍ର ପ୍ରାପ୍ତ ମେଜର୍ ସୋମନାଥ ଶର୍ମାଙ୍କ ଜନ୍ମ ।
- ୧୯୫୮- ଆମେରିକାର ପ୍ରଥମ ଭୂଉପଗ୍ରହର ପ୍ରକ୍ଷେପଣ ।
- ୨୦୦୪- ପ୍ରସିଦ୍ଧ ଗାୟିକା ସୁରୈୟାଙ୍କ ଦେହାନ୍ତ ।
- ୨୦୧୩- ଦକ୍ଷିଣ ଆଫ୍ରିକାରେ ଏକ ଟ୍ରେନ୍ ଦୁର୍ଘଟଣାରେ ପାଖାପାଖି ୨୫୦୦ ଲୋକ ଆହତ ହୋଇଥିଲେ ।

ପରମବୀର ଚକ୍ର ବିଜେତା ମେଜର୍ ସୋମନାଥ ଶର୍ମା

ଆଜି ଆସିଥିଲେ

ପରମବୀର ଚକ୍ର ବିଜେତା ମେଜର ସୋମନାଥ ଶର୍ମା ୧୯୪୭ ଭାରତ-ପାକ୍ ଯୁଦ୍ଧର ଥିଲେ ମହାନାୟକ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମଧ୍ୟ ତାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୧୯୪୭ ମସିହା ନଭେମ୍ବର ୩ ତାରିଖରେ ଏହି ମହାନ୍ ଯୋଦ୍ଧା ବୀରଗତି ପ୍ରାପ୍ତ ହୋଇଥିଲେ । ମରଣୋପରାନ୍ତେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମିଳିଥିଲା ପରମବୀର ଚକ୍ର ଉପାଧି । ସେ ହେଉଛନ୍ତି ଦେଶର ପ୍ରଥମ ସୈନିକ ଯେ, ଏହି ମହାନ୍ ସମ୍ମାନର ଅଧିକାରୀ ହୋଇଥିଲେ । ୧୯୨୩ ମସିହା ଜାନୁୟାରୀ ୩୧ ତାରିଖରେ ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାର ଦାଢ଼ଠାରେ ଜନ୍ମଲାଭ କରିଥିବା ସୋମନାଥଙ୍କ ପରିବାରରେ ସାମରିକ ସେବାର ଏକ ସୁଦୀର୍ଘ ପରମ୍ପରା ଥିଲା । ୧୯୪୨ ମସିହା ଫେବୃୟାରୀ ୨୨ ତାରିଖ ଦିନ ସୋମନାଥ ଶର୍ମା ଭାରତୀୟ ସେନାର ୧୯ ତମ ହାଇଦ୍ରାବାଦ୍ ରେଜିମେଣ୍ଟର ୮ମ ବାଟାଲିଅନରେ ଯୋଗ ଦେଇଥିଲେ । ପରେ ଏହା କୁମାଓ ରେଜିମେଣ୍ଟର ୪ର୍ଥ ବାଟାଲିଅନ ଭାବେ ନାମିତ ହେଲା । ଦେଶ ସ୍ୱାଧୀନ ହେବାର ତୁରନ୍ତ ପରେ ୧୯୪୭ ଅକ୍ଟୋବର ୨୨ ତାରିଖ ଦିନ ଯେତେବେଳେ ପାକିସ୍ତାନ ପଟୁ ଅଚାନକ ଆକ୍ରମଣ ହେଲା, ସେତେବେଳେ କାଶ୍ମୀରରେ କୁମାଓ ରେଜିମେଣ୍ଟର ନେତୃତ୍ୱ ନେଉଥିବା ମେଜର୍ ଶର୍ମାଙ୍କ ସେନା ପାକିସ୍ତାନ ଆକ୍ରମଣକାରୀଙ୍କ ସହ ପ୍ରାୟ ୬ଘଣ୍ଟା କାଳ ଲଢ଼ି ସେମାନଙ୍କୁ ଭାରତର ସୀମାରେ ହିଁ ଅଟକାଇ ଦେଇଥିଲେ । ଏହି ସମୟରେ ଭାରତୀୟ ସେନା ଆସି ସେଠାରେ ପହଞ୍ଚି ମୋର୍ଚ୍ଚା ସମ୍ଭାଳିଥିଲେ । ସେହି ସମୟରେ ତାଙ୍କର ଡାହାଣ ହାତ ପ୍ଲାଷ୍ଟର୍ ହୋଇଥିଲା । ଡାକ୍ତର ତାଙ୍କୁ ବିଶ୍ରାମ କରିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ସେ ଏହାକୁ ଖାତିର୍ ନ କରି ଯୁଦ୍ଧ ଲଢ଼ିବା ପାଇଁ ଜିଦ୍ ଧରି ବସିଲେ । ତେଣୁ ମୋର୍ଚ୍ଚା ସମ୍ଭାଳିବା ପାଇଁ ତାଙ୍କୁ ଅନୁମତି ମିଳିଥିଲା । ୧୯୪୭ ମସିହା ନଭେମ୍ବର ୩ ତାରିଖ ଦିନ ଶତ୍ରୁସେନା ଆସି କାଶ୍ମୀରର ବଡ଼ଗାମ ନିକଟରେ ପହଞ୍ଚି ସାରିଥିଲେ । ଶ୍ରୀନଗର ବିମାନ ବନ୍ଦରରୁ ସେମାନେ ମାତ୍ର କେଇ ମାଇଲ୍ ଦୂରରେ ଥିଲେ । ଠିକ୍ ସେତେବେଳେ ମେଜର୍ ଶର୍ମା ନିଜର ସୈନିକଙ୍କ ସହ ସେଠାରେ ପହଞ୍ଚିଲେ ଓ ମୋର୍ଚ୍ଚା ଦାୟିତ୍ୱ ନେଇଥିଲେ । ସମୟ ଥିଲା ଅପରାହ୍ନ ୩.୩୦ । ହଠାତ୍ ପାକିସ୍ତାନ୍ ପଟୁ ୫୦୦ ଆକ୍ରମଣକାରୀ ଆସି ତାଙ୍କ ସେନାକୁ ତିନିପଟୁ ଘେରିନେଲେ । ଗୁଳିବର୍ଷଣ ଆରମ୍ଭ ହେଲା । ମେଜର୍ ଶର୍ମାଙ୍କ ପାଖରେ ଥିଲେ ମାତ୍ର ୫୦ ଜଣ ସୈନିକ । ଶତ୍ରୁସେନାଙ୍କ ବୋମାବର୍ଷଣ ଫଳରେ କୁମାଓ ରେଜିମେଣ୍ଟକୁ ବହୁତ କ୍ଷତି ସହିବାକୁ ପଡ଼ିଲା । ଆହୁରି ସୈନ୍ୟ ପଠାଇବା ପାଇଁ ମେଜର୍ ଶର୍ମା ବାର୍ତ୍ତା ପଠାଇବା ସହ ଯୁଦ୍ଧ ଜାରି ରଖିଲେ । ଭାରତୀୟ ସୈନ୍ୟ ପହଞ୍ଚିବା ସମୟକୁ ମେଜର୍ ସୋମନାଥ ଶର୍ମା ଓ ତାଙ୍କର ୨୦ ଜଣ ସାଥୀ ବୀରଗତି ପ୍ରାପ୍ତ ହୋଇସାରିଥିଲେ । କିନ୍ତୁ ଏହି ବଳିଦାନ ବ୍ୟର୍ଥ ଯାଇ ନ ଥିଲା । ସାହସିକତା ଓ ବୀରତ୍ୱର ବଳିଦାନ ଯୋଗୁଁ ଶ୍ରୀନଗର ଶତ୍ରୁସେନାଙ୍କ ଅକ୍ତିଆରରୁ ବର୍ତ୍ତି ଯାଇଥିଲା । ମେଜର ଶର୍ମା ଯୁଦ୍ଧ ସମୟରେ ଯେଉଁ ଅସୀମ ଧୈର୍ଯ୍ୟ, ସାହସ ଓ ବୀରତ୍ୱ ଦେଖାଇଥିଲେ ତା'ର ଫଳସ୍ୱରୂପ ତାଙ୍କୁ ପରମବୀର ଚକ୍ର ପ୍ରଦାନ କରାଯାଇଥିଲା ।

ବିବାହ କାର୍ଡରେ ବୃତ୍ତିଗତ ଜୀବନର ଛବି



ସମ୍ପ୍ରତି ଯୁବକ-ଯୁବତୀ ସେମାନଙ୍କ ବାହାଘରକୁ ନିଆରା ତଥା ଆକର୍ଷଣୀୟ ଢଙ୍ଗରେ କରିବାକୁ ଚାହୁଁଛନ୍ତି । ଏପରିକି ବାହାଘର କାର୍ଡକୁ ମଧ୍ୟ ଭିନ୍ନ ତରିକାରେ ଡିଜାଇନ୍ କରୁଛନ୍ତି । ମୁଖ୍ୟତଃ ଚିରାଚରିତ ବାହାଘର କାର୍ଡକୁ ଲୋକେ ସେତେ ବେଶି ପସନ୍ଦ କରୁ ନ ଥିବା ବେଳେ ଏବେ ବାହାଘର କାର୍ଡରେ ବର-କନିଆଙ୍କ ବୃତ୍ତିଗତ ଜୀବନକୁ ମଧ୍ୟ ସୁନ୍ଦର ଭାବେ ଡିଜାଇନ୍ କରାଯାଉଛି । ଏହି କ୍ରମରେ ଜଣେ ବର-କନିଆଙ୍କ ଭିନ୍ନ ଭିନ୍ନ ପେସାକୁ ନେଇ ଏକ ସୁନ୍ଦର କାର୍ଡ ଡିଜାଇନ୍ କରାଯାଇଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏହି କାର୍ଡର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତେବେ ଏହି କାର୍ଡର ଡିଜାଇନ୍ ସାଧାରଣ କାର୍ଡଠାରୁ ସମ୍ପୂର୍ଣ୍ଣ ଭିନ୍ନ । କାର୍ଡର କଭର୍‌କୁ ବର-କନିଆଙ୍କ ପେସାର ପୋଷାକ ଅନୁସାରେ ଡିଜାଇନ୍ କରାଯାଇଛି । ବାହାଘର କାର୍ଡରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ବର ସେନାର କ୍ୟାପ୍‌ଟେନ ହୋଇଥିବା ବେଳେ କନିଆ ଜଣେ ଡାକ୍ତର । ଏହାସହ ଏହି କାର୍ଡ କଭର୍‌ର ଗୋଟିଏ ପାର୍ଶ୍ୱର ଡିଜାଇନ୍ କ୍ୟାପ୍‌ଟେନ୍ ବର୍ଦ୍ଦି ଭଳି ହୋଇଥିବା ବେଳେ ଅନ୍ୟ ଏକ ପାର୍ଶ୍ୱ ଡାକ୍ତର ଡ୍ରେସ୍ ସଦୃଶ ହୋଇଛି । କେବଳ ସେତିକି ନୁହେଁ, କ୍ୟାପଟେନ୍ ବର୍ଦ୍ଦିରେ କ୍ୟାପ୍‌ଟେନ୍ ଅଦନାନ୍ ଲେଖା ଥିବା ବେଳେ ଡାକ୍ତର ଡ୍ରେସ୍‌ରେ ଡା.ରାମଶା ଲେଖାଯାଇଛି । ଅବଶ୍ୟ ସେମାନେ ଖୁବ୍ ସୁନ୍ଦର ଭାବେ ନିଜ ବିବାହ କାର୍ଡ ମାଧ୍ୟମରେ ସେମାନଙ୍କର ବୃତ୍ତିଗତ ଜୀବନକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଛନ୍ତି । ଅନ୍ୟପଟେ କିଛି ଲୋକ ଏହି କାର୍ଡର ପରିକଳ୍ପନାକୁ ବେଶ୍ ପ୍ରଶଂସା କରିଥିବା ବେଳେ ଆଉ କେତେଜଣ ଏହାକୁ ନାପସନ୍ଦ କରିଛନ୍ତି ।

ପୂଜା ପାଇବ ଏଆଇ!



ସଂସାରରେ ମଣିଷଠାରୁ ବେଶୀ ବୁଦ୍ଧିମାନ କୌଣସି ଜୀବ ନାହାନ୍ତି । ମଣିଷ ପାଖରେ ଶକ୍ତି ଓ ସାମର୍ଥ୍ୟ ଛଡା ବୁଦ୍ଧି ବିବେକ ପରି ଅସ୍ତ୍ର ଅଛି । ମାନବ ନିଜର ବିବେକ ମାଧ୍ୟମରେ ବିଶ୍ଳେଷଣ କରିବାର କ୍ଷମତା ରଖିଥାଏ । ମାତ୍ର ବୈଷୟିକ ଜ୍ଞାନକୌଶଳର ଏହି ଦୁନିଆରେ ମଣିଷ ନିଜଠୁ ବି ବେଶୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(କୃତ୍ରିମ ବୁଦ୍ଧିମତ୍ତା) ଉପରେ ଅଧିକ ଭରସା କରିବାରେ ଲାଗିଲାଣି । ମଣିଷ ଈଶ୍ୱରଙ୍କ ଶକ୍ତିକୁ ଅପାର ଭାବି ତାଙ୍କୁ ସର୍ବଶକ୍ତିମାନ କହିଥାଏ । ନଟିଂହାମ୍ ଟ୍ରେଣ୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଲାର୍ସ ହମ୍‌କୁଇଷ୍ଟଙ୍କ କହିବାନୁଯାୟୀ, ମଣିଷ ବହୁତ ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଭଗବାନ ଭାବି ତାହାର ପୂଜା କରିବ । ଏହାକୁ ନେଇ ସେ ନିଜର ଯୁକ୍ତି ମଧ୍ୟ ଦର୍ଶାଇଛନ୍ତି । ରିପୋର୍ଟ ଅନୁସାରେ ଲାର୍ସଙ୍କ ଚେତାବନୀ ଦେଇଛନ୍ତି ଯେ, ଆଗାମୀ ସମୟରେ ଲୋକେ ପାରମ୍ପରିକ ଧର୍ମକୁ ଛାଡ଼ି ବୈଷୟିକ ଜ୍ଞାନକୌଶଳ ଉପରେ ଆଧାରିତ ଜିନିଷ ଉପରେ ଅଧିକ ବିଶ୍ୱାସ କରିବେ । ତାଙ୍କ କହିବାନୁସାରେ ଚାଟ୍‌ଜିପିଟି ଉପରେ ଅଧିକ ଭରସା ବଢ଼ିବାକୁ ଲାଗିବ । ସେ ଆହୁରି କହିଛନ୍ତି ଏଆଇ ସମସ୍ତ ଜିନିଷର ବ୍ୟାଖ୍ୟା କରିବା ପାଇଁ ପ୍ରସ୍ତୁତ ହୋଇସାରିଛି । ଏହାଦ୍ୱାରା ମଣିଷ ସବୁକିଛି ଜାଣିପାରିବ । ମନୋବିଜ୍ଞାନୀ କହିଛନ୍ତି, ମଣିଷ କମ୍ପ୍ୟୁଟର ସହ ସାମାଜିକ ସଂପର୍କ ମଧ୍ୟ ତିଆରି କରିସାରିଲାଣି । ଲାର୍ସଙ୍କ କହିବାନୁସାରେ, ଏଆଇ ଆଗାମୀ ସମୟରେ ମଣିଷକୁ ପରାମର୍ଶ ଦେବ । ମାନବ ତାହାର ଅଧୀନରେ ରହିବ । ଧାର୍ମିକ ପୁସ୍ତକ ଭଳି ଏହା ଲୋକଙ୍କ ମନ ଜିଣିବ । ଦୁନିଆରେ ଏବେ ଏହି ପରମ୍ପରା ଆରମ୍ଭ ମଧ୍ୟ ହୋଇ ସାରିଛି । ଜାପାନରେ ଗୋଟିଏ ରୋବଟ୍ ପୂଜାରୀ ହୋଇ ସାରିଲାଣି । ଭବିଷ୍ୟତରେ ଏଆଇ ଅସମ୍ଭବ କାମକୁ ସମ୍ଭବ କରିପାରିବ । ଏ ଯାଏଁ ଲୋକେ କୌଣସି ସଫ୍ଟୱେରକୁ ପୂଜା କରିନାହାନ୍ତି । ହେଲେ ଭବିଷ୍ୟତରେ ଏଭଳି ହେଲେ ସେ ଆଶ୍ଚର୍ଯ୍ୟ ହେବେ ନାହିଁ ବୋଲି କହିଛନ୍ତି ।

'କ୍ୟାମେରା ଅନ୍'
ଉଠାଇ ଚାଲିବ ହଜାର ବର୍ଷର ଫଟୋ

ଫଟୋଟିଏ ଅନେକ କାହାଣୀକୁ ବଖାଣିଥାଏ । ସେଥିପାଇଁ ବିବାହ ହେଉ କି ଜନ୍ମ ଦିନ, ସମସ୍ତ କାର୍ଯ୍ୟକ୍ରମରେ ଲୋକେ ଫଟୋ ଉଠାଇବା ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରନ୍ତି । ଯଦିଓ ଫଟୋଟିଏ ଉଠାଇବାକୁ କେଇ ସେକେଣ୍ଡ ସମୟ ଲାଗେ, କିନ୍ତୁ ଏମିତି ଏକ କ୍ୟାମେରା ରହିଛି ଯେଉଁଠି ଗୋଟିଏ ଫଟୋ ଉଠାଇବାକୁ ଏକ ହଜାର ବର୍ଷ ସମୟ ଲାଗିଯାଏ । ଏହି କ୍ୟାମେରାର ନାଁ ମିଲେନିୟମ୍ ଏବଂ ଏହା ଆମେରିକାରେ ରହିଛି । ମିଲେନିୟମ୍ ପ୍ରୋଜେକ୍ଟ ଆଧାରରେ ଟକ୍ସନ ସହରରେ ଏହି କ୍ୟାମେରା ସ୍ଥାପନା କରାଯାଇଛି । କ୍ୟାମେରାଟିରେ ୨୦୨୩ରୁ କ୍ଲିକ୍ ଆରମ୍ଭ ହୋଇ ଏହା ଆସନ୍ତା ଏକ ହଜାର ବର୍ଷର ଫଟୋକୁ ପ୍ରଦର୍ଶିତ କରିବ । ୟୁନିଭର୍ସିଟି ଅଫ୍ ଏରିଜୋନା କଲେଜ ଅଫ୍ ଫାଇନ୍ ଆର୍ଟସର ଏକ୍ସପେରିମେଣ୍ଟାଲ ଫିଲୋସଫର ଜୋନାଥନ୍ କିଟ୍‌ସ ଏହି କ୍ୟାମେରାକୁ ନିର୍ମାଣ କରିଛନ୍ତି । ଏହାକୁ ବିଶ୍ୱର ସବୁଠୁ ଧୀର ଫଟୋ ଉଠାଉଥିବା କ୍ୟାମେରା ମଧ୍ୟ କୁହାଯାଏ । ଏହାକୁ ଦୃଷ୍ଟି ଦେଲେ ଏହି କ୍ୟାମେରାରେ ଏକ ହଜାର ବର୍ଷ ଯାଏଁ ଟକ୍ସନ, ଏରିଜୋନାର ବାସିନ୍ଦାଙ୍କ ଫଟୋ ରହିବ । ତେବେ ଏହି ଫଟୋ ଏକ ଟାଇମ୍ କ୍ୟାପ୍‌ସୁଲ ପରି କାମ ଦେବ । ମିଲେନିୟମ କ୍ୟାମେରାର ଡିଜାଇନ୍ ପିନହୋଲ କ୍ୟାମେରା ପରି । ଏହି କ୍ୟାମେରାଟି ଏକ ଷ୍ଟିଲ ଖମ୍ବ ଉପରେ ଲଗାଯାଇଥିବାବେଳେ ଏହା ଟକ୍ସନ ନିକଟରେ ଥିବା ମରୁଭୂମି ଆଡକୁ ମୁହଁ କରି ରହିଛି । କିଟ୍ସଙ୍କ କହିବାନୁଯାୟୀ, ହଜାର ବର୍ଷ ମଧ୍ୟରେ ସହରରେ ଅନେକ ଭୌଗଳିକ ପରିବର୍ତ୍ତନ ଘଟିବ ଓ ଏହାକୁ ଏହି ସ୍ୱତନ୍ତ୍ର କ୍ୟାମେରା କଏଦ କରି ରଖିବ । ତେବେ ଏହି କ୍ୟାମେରା ୩୦୨୩ ପର୍ଯ୍ୟନ୍ତ କେମିତି ସୁରକ୍ଷିତ ରହିବ ସେନେଇ ଅନେକ ସନ୍ଦେହ ପ୍ରକଟ କରିଛନ୍ତି ।

ପୋଷାକ ଅପଚୟ ରୋକୁଛି 'ଫେସନ୍ ଲାଇବ୍ରେରୀ'

ସାଧାରଣତଃ ବାହାଘର, ପାର୍ଟି ଆଦିଗୁଡ଼ିକରେ ଯୋଗ ଦେବା ପାଇଁ ପୋଷାକରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହୋଇଥାଏ । ଏହାକୁ ସାଇତି ରଖିବା ମଧ୍ୟ କଷ୍ଟକର ବ୍ୟାପାର । ଏହାବାଦ୍ ଡିଜାଇନର୍ ପୋଷାକକୁ ଜଣେ ସବୁସ୍ଥାନରେ ପିନ୍ଧି ପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ଏପରି ଏକ ଦୋକାନ ରହିଛି ଯେଉଁଠୁ ଲୋକେ ଭଡ଼ାରେ ପୋଷାକ ନେଇପାରିବେ । ଏହାକୁ ନେଇ ଜଣେ ପାର୍ଟି କିମ୍ବା ଉତ୍ସବକୁ ପିନ୍ଧି ଯାଇ ପୁଣି ଫେରାଇ ଦେଇ ପାରିବେ । ଏବାବଦରେ ଜଣେ ଲୋକଙ୍କୁ ମଧ୍ୟ ବହୁତ କମ୍ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ । ନେଦରଲ୍ୟାଣ୍ଡର ଆମଷ୍ଟରଡାମରେ ଏହି ଦୋକାନ ରହିଛି । ଏହାର ନାମ 'ଫେସନ୍ ଲାଇବ୍ରେରୀ' । ଯେଉଁଠି ଜଣେ ଯେକୌଣସି ପୋଷାକ ବଦଳାଇ ତା ପରିବର୍ତ୍ତେ ଅନ୍ୟ ପୋଷାକ ନେଇପାରିବେ । କେବଳ ସେତିକି ନୁହେଁ, ଜଣେ ଚାହିଁଲେ ସ୍ୱଳ୍ପ ମୂଲ୍ୟରେ ଭଡ଼ା ଆକାରରେ ଏଠାରେ ମନମୁତାବିକ ପୋଷାକ ନେଇପାରିବେ । ଏଠାରେ ନୂଆ ଓ ପୁରୁଣା ପୋଷାକ ଭଡ଼ାରେ ଦିଆଯାଏ । ଆଲିସା ଜେନସନ ନାମ୍ନୀ ଜଣେ ମହିଳା ତାଙ୍କ ଭଉଣୀଙ୍କ ସହ ମିଶି ୨୦୧୪ ମସିହାରେ ଫେସନ୍ ଲାଇବ୍ରେରୀ ଖୋଲିଥିଲେ । ତେବେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଷାକ ଅପଚୟକୁ ରୋକିବା । ସେହିପରି ଏଠାରେ ବିଭିନ୍ନ ବ୍ରାଣ୍ଡର ପୋଷାକ ରହିଛି । ସମସ୍ତ ପୋଷାକରେ ଦୈନିକ ଭଡ଼ା ମୂଲ୍ୟର ଟ୍ୟାଗ୍‌ରେ ଲେଖା ରହିଥାଏ । ଯଦ୍ୱାରା ଲୋକଙ୍କୁ ପୋଷାକର ମୂଲ୍ୟ ଜାଣିବା ସହଜ ହୋଇଥାଏ । ଏଥି ସହିତ ସବୁଦିନ ପୋଷାକ ଭଡ଼ାରେ ନେଉଥିବା ଗ୍ରାହକଙ୍କ ପାଇଁ ଏହାର ମୂଲ୍ୟକୁ ଆହୁରି କମ୍ କରାଯାଇଥାଏ । ତେବେ କମ୍ପାନି ମ୍ୟାନେଜରଙ୍କ କହିବା ଅନୁଯାୟୀ, ଲୋକମାନେ ନିଜ ମନପସନ୍ଦର ପୋଷାକ ଏଠାରୁ ପାଇ ଖୁବ୍ ଖୁସି ଅନୁଭବ କରୁଛନ୍ତି । ସାଧାରଣତଃ ୧୦ ୟୁରୋ ଦେଇ ଜଣେ ଫେସନ୍ ଲାଇବ୍ରେରୀର ସଦସ୍ୟ ହୋଇପାରିବେ ।

ଆଜିର ରାଶିଫଳ

ମେଷ: ମନ ପ୍ରସନ୍ନ ରହିବ । ବ୍ୟବହାରରେ ପରିବର୍ତ୍ତନ ଆଣିବେ । ସମାଜସେବା କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିବେ । ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କଠିନ ପରିଶ୍ରମ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।

ବୃଷ: ଚିନ୍ତାରେ ରହିବେ । ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ । ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ । ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

ମିଥୁନ: ଯାନବାହାନ କିଣିବା ଯୋଗ ଅଛି । ପରିବାରକୁ ସମୟ ଦେବେ । କୌଣସି କାର୍ଯ୍ୟକୁ ଶେଷ କରିବାରେ ବିଳମ୍ବ ହେବ । ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ । ପାରିବାରିକ ଜୀବନ ସୁଖମୟ ହେବ ।

କର୍କଟ: ଦିନଟି ଶୁଭଫଳ ପ୍ରଦାନ କରିବ । ପୈତୃକ ସମ୍ପତ୍ତି ବ୍ରିକି କରିବା ଯୋଜନା କରିବେ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ । ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ ।

ସିଂହ: ପାରିବାରିକ ବ୍ୟବସାୟକୁ ଆଗକୁ ନେବେ । ପରିବାରରେ ହସଖୁସିର ପରିବେଶ ରହିବ । ସମ୍ମାନ ହାନି ଯୋଗ ଅଛି । ଚାଷ କ୍ଷେତ୍ରରେ ଲାଭ ମିଳିବ । ଘରେ ପୂଜାପାଠ ଆୟୋଜନ କରିବେ ।

କନ୍ୟା: କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ । ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ ।

ତୁଳା: ସମାଜସେବା ପ୍ରତି ଆଗ୍ରହ ବଢ଼ିବ । ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ । ଜାଗା ତଥା ଯାନବାହାନ କିଣିପାରନ୍ତି ।

ବିଛା: ଦିନଟି ମିଶ୍ରଫଳ ପ୍ରଦାନ କରିବ । ବିବାହ ସମସ୍ୟା ସମାଧାନ ହେବ । ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେବ ।

ଧନୁ: ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । କୌଣସି ନୂଆ କାମ ଆରମ୍ଭ କରିବେ । ଉଚ୍ଚଶିକ୍ଷା ପାଇଁ ଭଲ ସମୟ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

ମକର: କର୍ମତତ୍ପର ରହିବେ । ବାପାମାଆଙ୍କ ସହଯୋଗ ମିଳିବ । ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ ।

କୁମ୍ଭ: କର୍ମ ଅନୁସାରେ ଫଳ ମିଳିବ । ବ୍ୟବସାୟରୁ ଆଶାଜନକ ଲାଭ ମିଳିବ । ଚାକିରିରେ ବଦଳି ସମ୍ଭାବନା ଅଛି । ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

ମୀନ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପଢ଼ା ପାଇଁ ଅର୍ଥ ନିବେଶ କରିବେ । ଦୂରସ୍ଥାନକୁ ବୁଲିବା ଯୋଜନା କରିବେ । ଧାର କରଜରୁ ନିବୃତ୍ତ ରହିବେ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ ।

**ଆଧୁନିକ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ଲୋକଙ୍କୁ ଧୀରେ ସୁସ୍ଥେ ବସି ଖାଇବାକୁ ସମୟ ନାହିଁ । ତେଣୁ ସେମାନେ

ଚାଷୀଙ୍କୁ ଘାରିଛି ପ୍ରଦୂଷଣ ଚିନ୍ତା

ପଡ଼ୋଶୀ ଜିଲ୍ଲାରେ ଶିଳ୍ପ କେନ୍ଦ୍ରାପଡ଼ାରେ ପ୍ରଭାବ

ଓଳାଭର/ଗରଦପୁର, ୩୦।୧(ସମିସ):

ପଡୋଶୀ ଜିଲ୍ଲା ମାନଙ୍କରେ ଶିଳ୍ପ ଆଉ କାରଖାନା ବଢ଼ିଥିବା ବେଳେ ଏହାର ପ୍ରଭାବ କିନ୍ତୁ କେନ୍ଦ୍ରାପଡ଼ାରେ ଦେଖିବାକୁ ମିଳୁଛି। ତେବେ ପଡୋଶୀ ଜିଲ୍ଲା ସବୁ ଶିଳ୍ପରୁ ଲାଭ ପାଉଥିବା ବେଳେ କେନ୍ଦ୍ରାପଡ଼ାକୁ କ୍ଷତି

■ **ପଲିଥିନର ବହୁଳ ବ୍ୟବହାର ନଷ୍ଟ କରୁଛି ଉର୍ବରତା**

ସହିବାକୁ ପଡୁଛି।ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀକୁଳ ପୂର୍ବ ଭଳି ଆଉ ଚାଷରୁ ଅମଳ କରିପାରୁନାହାଁନ୍ତି।ଯେତେ ବୈଜ୍ଞାନିକ ପଦ୍ଧତିର ଚାଷ କଲେ ମଧ୍ୟ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବଢୁଥିବାରୁ ଚାଷୀ ଏବେ ଚିନ୍ତାରେ ପଡ଼ିଯାଇଛି। ସେହି ମାଟି ଅଛି ସେହି ଜମି ମଧ୍ୟ ରହିଛି।ମୂଳିଆ ଲଗାଇ ଯେତେ ଖର୍ଚ୍ଚ କଲେ ମଧ୍ୟ ଫସଲ ଅମଳର ପରିମାଣ ପ୍ରତ୍ୟେକ ବର୍ଷ କମି କମି ଯାଉଛି। ପୂର୍ବଭଳି ଆଉ ପନିପରିବା ଫୁଲଫଳ ଧରୁନି। ଗଛଗୁଡ଼ିକ ସେହିଭଳି ହୃଷ୍ଟପୁଷ୍ଟ ମଧ୍ୟ ହେଉନି।ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାର ୭୦ ପ୍ରତିଶତ ଚାଷ ଉପରେ ସମ୍ପୂର୍ଣ୍ଣ ଭରସା କରୁଥିବା ଚାଷୀ ଏବେ ଜମି ପଡ଼ିଆ ପକାଇ ଅନ୍ୟ ପନ୍ଥା ଆପଣାଉଥିବା ଦେଖିବାକୁ

ମିଳୁଛି। ଏହି ଯେମିତି ଚାଷ ଉପରେ 'ନିର୍ଭର କରୁଥିବା ରାଜକନିକା ବ୍ଲକ ନମତରା ଗାଁର ମହିଳା ଚାଷୀ ରଞ୍ଜିତା ରାଉତ ଏବେ ବହୁ ସଙ୍କଟ ମଧ୍ୟରେ ଗତି କରୁଛନ୍ତି।ସୂଚନା ଅନୁସାରେ ରଞ୍ଜିତା ପ୍ରାୟ ୧୫ ବର୍ଷ ଧରି ନିଜ ଘର ପାଖ ଗୋଟିଏ ଏକର ଜମିରେ ବିଭିନ୍ନ କିସମର ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଜମିରୁ ଉତ୍ପାଦିତ ପନିପରିବା ସ୍ଥାନୀୟ ବଜାରରେ ବିକ୍ରୀ ମଧ୍ୟ କରୁଥିଲେ।ପାଖ ଗାଁରୁ ବି ଲୋକ ଆସି ଜମିରୁ ପନିପରିବା ନେଇ ଯାଉଥିଲେ। ଏଥିରେ ରଞ୍ଜିତାଙ୍କ ପରିବାର ବେଶ୍ ହସଖୁସିରେ ଚଳୁଥିଲା।ଏହି ଚାଷରେ ପରିବାର ଲୋକେ ବି ସହାୟତା କରୁଥିବାର ସେ କହନ୍ତି।ଚାଷ ଯୋଗୁଁ ତାଙ୍କୁ ମିଳୁଥିବା ଅର୍ଥରେ ପରିବାରର ଖର୍ଚ୍ଚ ସହିତ ଝିଅର ପାଠପଢ଼ା ଖର୍ଚ୍ଚ ମଧ୍ୟ ତୁଲାଉ ଥିଲେ। ହେଲେ ଦୁଇ ବର୍ଷ ହେବ ସେ ସଙ୍କଟରେପଡ଼ି ଯାଇଛନ୍ତି। ତାଙ୍କ କହିବା କଥା ହେଲା ପନିପରିବା ମଞ୍ଜି ପୋତିଲେ ବିଏବେ ଗଛ ସିନା ହେଉଛି, ହେଲେ ଫଳ ଧରୁନି। ଯଦି ଧରୁଛି ତାହା ପୁଣି ଖୁବ୍ ଛୋଟ ଛୋଟ ହେଉଛି। ଏଥିପାଇଁ ମଞ୍ଜି ଖର୍ଚ୍ଚ ଆଉ ଟ୍ରାକ୍ଟର ଖର୍ଚ୍ଚ ବି ଉଠୁନି।ଏହି ଜମିରେ ଭେଣ୍ଡି, କଖାରୁ, ଟମାଟର, କୋବି, କାକୁଡି, କଞ୍ଚାଲଙ୍କା, ପିଆଜ, କଲରା ଭଳି ବିଭିନ୍ନ ପନିପରିବା ଲଗା ଯାଇଥିଲେ ବି ପନିପରିବା ଗଛ ଏବେ ଫସଲ ଅମଳ ପୂର୍ବରୁ ମରିଯାଉଛି। ଏଥିପାଇଁ ରଞ୍ଜିତା ଏବେ ଖୁବ୍ ମନସ୍ତାପରେ ରହିଛନ୍ତି। ଏମିତିକି ଘର ଚଳାଇଥିବା ମଧ୍ୟ କଷ୍ଟକର ହୋଇ"ପଡ଼ିଛି। ଝିଅ ବି ଚଳିତ ବର୍ଷ ପାଠପଢ଼ାରେ ଡୋରି ବାନ୍ଧିବ ବୋଲି ସେ କହିଛନ୍ତି।ଫସଲର ଏଭଳି ବିପର୍ଯ୍ୟସ୍ତ ଅମଳ କେବଳ ମାଟି ଯୋଗୁଁ ହେଉଥିବା ନେଇ କେତେକ ଅନୁଭବୀ ଚାଷୀ ମତାମତ ଦେଇଥିବା ବେଳେ ବ୍ଲକ କୃଷି ଅଧିକାରୀ ଏହାର ଉପଯୁକ୍ତ ପଦକ୍ଷେପ ନେବାକୁ ରଞ୍ଜିତା ନିବେଦନ କରିଛନ୍ତି। ଏ ସମ୍ପର୍କରେ ରାଜକନିକା ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସୌରଭ ରାୟଙ୍କୁ ପଚାରିଲାରୁ ସେ କ୍ଷେତ୍ର ଉପରକୁ ଯାଇ ତଦାରଖ କରିବେ ବୋଲି କହିଛନ୍ତି। ସେହିଭଳି ଗରଦପୁର ବ୍ଲକ ଭଦାଳ ଗ୍ରାମର ଚାଷୀ ଜାନକୀକାନ୍ତ ମହାପାତ୍ର କହିଛନ୍ତି ପୂର୍ବରୁ ଅନେକ ଚାଷ କରୁଥିଲି। ହେଲେ ପ୍ରତ୍ୟେକ ବର୍ଷ ଚାଷ ଛାଡ଼ି ଛାଡ଼ି ଯିବାକୁ ପଡୁଛି। ଯେତିକି ଟଙ୍କା ଖର୍ଚ୍ଚ ହେଉଛି ସେତିକି ଉଠିବା ମୁସ୍କିଲ ହେଉଛି।କେବଳ ଜମି ପଡ଼ିଆ ପକାଇବାକୁ ଭଲ ଲାଗୁନଥିବାରୁ ବାଧ୍ୟ ହୋଇ ଚାଷ କରିବାକୁ ପଡୁଛି। ଏ ନେଇ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ମୋ ଭଳି ଅନେକ ଚାଷୀ ଚାଷ ଛାଡିବାକୁ ବାଧ୍ୟ ହେବେ।

ଅଙ୍ଗନବାଡ଼ିର ନିଜସ୍ୱ ଘର ନାହିଁ

କେବେ ବାରଣ୍ଡାରେ ତ କେବେ ଚାଳଘରେ ପଢୁଛନ୍ତି ପିଲା

ରାଜକନିକା, ୩୦।୧(ସମିସ): ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅନ୍ତର୍ଗତ ଦେଉଳତରା ପାଟଣାସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ କୁନି କୁନି ପିଲା ବାରଘର ଶୁଣ୍ଢିପିଣ୍ଡା ହେଉଛନ୍ତି। ଫଳରେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁସାରେ ୨୦୦୮ ମସିହାରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରକୁ ଇତି ମଧ୍ୟରେ ୧୬ ବର୍ଷ ଅତିବାହିତ ହୋଇ ଥିଲେ ବି ଏଯାବତ୍ ନିଜସ୍ୱ ଘର ଖଣ୍ଡେ ପିଲାମାନଙ୍କ ପାଇଁ ହୋଇପାରିଲିନି। ଫଳରେ କୁନି କୁନି ପିଲାମାନଙ୍କୁ ନେଇ ବିଭିନ୍ନ ସମୟରେ କର୍ମୀ ଏଘର ସେଘର ହେବାକୁ ହେଉଛି।ତାହା ପୁଣି ଭଡା ସୂତ୍ରରେ।ଏମିତିକି ଭଡା ଘର ଗୁଡିକ ପରିତ୍ୟକ୍ତ ଚାଳ ଛପର ଘର ହୋଇ ଥିବାରୁ ତାହା ପିଲାଙ୍କ ପାଇଁ ନିରାପଦ ନୁହେଁ।ଏବେ ଯେଉଁ ଭଡା ଘରେ ପିଲାମାନେ ପାଠ ପଢୁଛନ୍ତି। ସେ ଘର ଚାରିପଟେ ବଣବୁଦା ଥିବାରୁ ବିଷଧର ସର୍ପଙ୍କ ଆତଯାତ ଆସନ୍ନ ବିପଦର ଆଶଙ୍କା ପ୍ରକାଶ ପାଇଛି। ଏଥିପାଇଁ ବି ଅଭିଭାବକମାନେ ନିଜ ପିଲାଟିକୁ କେନ୍ଦ୍ରକୁ ଛାଡ଼ିବାକୁ କୁଣ୍ଠୁ କୁଣ୍ଠୁ ହେଉଛନ୍ତି।ଏହାଛଡା ବର୍ଷା, ଶୀତ ସମୟରେ ବି ଏହି ଭଡା ଘର ନିରାପଦ ନୁହେଁ। ଏହି କେନ୍ଦ୍ରରେ ସମୁଦାୟ ୧୫ ଜଣ କୁନି ପିଲା ପାଠପଢୁଥିବା ବେଳେ ୬ ମାସରୁ ୩ ବର୍ଷର ଛତୁଆ ପାଉଥିବା ପିଲାଙ୍କ ସଂଖ୍ୟା ୨୫ ଓ ଗର୍ଭବତୀ ପ୍ରସୂତି ୬ ଜଣ ଥିବାର ଜଣାଯାଏ। ତେବେ ଏହି କେନ୍ଦ୍ରରେ ଛତୁଆ, ଅଣ୍ଡା, ଲଡୁ ରହିଥିବାରୁ ହିତାଧିକାରୀଙ୍କୁ ଏଠାକୁ ଆସିବାକୁ ପଡ଼ୋଶୀକରଣ କାର୍ଯ୍ୟକ୍ରମ ସହ ଯାବତୀୟ ସରକାରୀ କାମ ବି ଏଠାରେ ହୋଇଥାଏ।।ହେଲେ ନିଜସ୍ୱ ଘର ଖଣ୍ଡେ ନ

ଥିବାରୁ ଅତି ଦୟନୀୟ ଭାବେ ପିଲା ପାଠପଢୁଥିବାର ଦେଖା ଯାଉଛି। ତୁରନ୍ତ ଏଠାରେ ଏକ ସ୍ଥାୟୀ ପକ୍କାଘର ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

'ନୂଆ-ଓ' ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

କେନ୍ଦ୍ରାପଡ଼ା, ୩୦।୧(ସମିସ): କେନ୍ଦ୍ରାପଡ଼ା ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ -ଓ' ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ନିୟୋଜନ ଅଧିକାରୀ ଘନଶ୍ୟାମ ସା, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ କୁମାର ଦାସ ଯୋଗଦେଇ ଏହି କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ।

କଲେଜ ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମର ନୋଡ଼ାଲ ଅଧିକାରୀ ଭାବେ ମାନସୀ ନାୟକ, ପ୍ରକାଶ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ନେଇଥିଲେ। ଓଡିଆ ବିଭାଗର ଅଧ୍ୟାପିକା ଅର୍ଚ୍ଚନା ପଣ୍ଡା, ଅନସୂୟା ପ୍ରଧାନ କାର୍ଯ୍ୟକ୍ରମକୁ ସଫଳତା ସହ ସମ୍ପାଦନ କରିଥିଲେ।ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ମାନଙ୍କର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

ନଳିନୀକାନ୍ତ ବିଦ୍ୟାଳୟରେ ଓଡ଼ିଆ ଭାଷା ଆଲୋଚନାଚକ୍ର

ରାଜନଗର, ୩୦।୧(ସମିସ): ରାଜନଗର ବ୍ଲକର ଚାନ୍ଦିବାଉଁଶମୂଳସ୍ଥ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ-ଓ ଯୋଜନା ମାଧ୍ୟମରେ ଓଡିଆ କଳା ସଂସ୍କୃତି, ଇତିହାସ, ସାହିତ୍ୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ କଲେଜର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପୂର୍ବତନ ପ୍ରଫେସର ଡ. ନୀଳମଣି ଲେଙ୍କା, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଅନାଦୀ ଚରଣ ଜେନା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ଦାସ ଯୋଗ ଦେଇଥିଲେ। ଅଧ୍ୟାପକ ଉମାକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୈଲୋଚନ ରାଉତ, ଗିରିଶ କୁମାର ନାୟକ, ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ, ଚୌଧୁରୀ ଜୟନ୍ତ କୁମାର ପ୍ରହରାଜ, କିଶୋରଚନ୍ଦ୍ର ଚୌଧୁରୀ, ବସନ୍ତ କୁମାର ରାଉଳ, ସୁଚିତ୍ରା ବଳ, ଯାମିନୀକନ୍ତ ରାଉଳ, ଅଶୋକ କୁମାର ରାଉତ, ଦିଗମ୍ବର ପଣ୍ଡା ଓ ପୁଷ୍ପଲତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

'ଜନ୍ମମାଟିକୁ ଛାଡ଼ିଲେ ଜୀବନର ନିର୍ଯ୍ୟାସ କିଛି ନାହିଁ'

ଜଗତସିଂହପୁର, ୩୦।୧ (ସମିସ): ଜନ୍ମ ମାଟିକୁ ଛାଡିଲେ ଜୀବନର ନିର୍ଯ୍ୟାସ କିଛିନାହିଁ ବୋଲି ଓଡ଼ିଆ ଭାଷା ବିଶାରଦ ତଥା ଲେଖକ ଡ. ଅଜୟ କୁମାର ମିଶ୍ର ଜିଲ୍ଲାର ଯୁବ ବୁଦ୍ଧିଜୀବୀ ସଂଗୋଷ୍ଠୀ 'ସ୍ମୃତି ମୋ ମାଟିର' ତେତିଶ ତମ ଅର୍ଘ୍ୟରେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଜଗତସିଂହପୁର ବିକାଶ ମଞ୍ଚ, ମହାତ୍ମା ଗାନ୍ଧୀ ସର୍ବସାଧାରଣ ଜ୍ଞାନକେନ୍ଦ୍ର ଓ ନୂଆଦିଲ୍ଲୀସ୍ଥିତ ଓଡିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେକ୍ଟସର ମିଳିତ ଆନୁକୂଲ୍ୟରେ ଅଧ୍ୟାପକ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଭାଷୀ ମାଧ୍ୟମରେ ବିଶ୍ୱର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଯୋଗଦେଇ ନିଜ ମାଟି ସହିତ ଜଡ଼ିତ ହେବା ସହିତ ମାଟିର ଉନ୍ନତି ପାଇଁ ଆଲୋଚନା କରିଥିଲେ। ମାଟି ସହିତ ତାଙ୍କର ନିବିଡ ସମ୍ପର୍କ ହିଁ ତାଙ୍କୁ ଆଗକୁ ଯିବାକୁ ପଥ ପ୍ରଦର୍ଶନ କରିଛି ବୋଲି ଡ.ମିଶ୍ର ତାଙ୍କର ବକ୍ତବ୍ୟରେ କହିଥିଲେ। ବିଶ୍ୱର ଯେଉଁ କୋଣରେ ରହିଲେ ମଧ୍ୟ ନିଜ ଜନ୍ମ ମାଟିର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ କାର୍ଯ୍ୟ କରିବା ଓ ନିଜ ପରିଚୟ ସହିତ ସର୍ବଦା ନିଜ ମାଟିର ପରିଚୟକୁ ଯୋଡିବାକୁ ପ୍ରୟାସ କରିବା ପ୍ରତ୍ୟେକ ବ୍ୟକ୍ତିର ଧ୍ୟେୟ ହେବା ଉଚିତ ବୋଲି ପ୍ରାରମ୍ଭିକ ସମ୍ଭାଷଣରେ ଆବାହକ ଶ୍ରୀ ରାଉତ ପ୍ରକାଶ କରିଥିଲେ। ଏହି ଆଲୋଚନା ଚକ୍ରରେ ଅଧ୍ୟାପକ ପ୍ରତାପ କୁମାର ଲେଙ୍କା, ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବିଶିଷ୍ଟ ସାହିତ୍ୟିକ ଚୌଧୁରୀ ବରଦା ପ୍ରସାଦ ଦାସ ପ୍ରମୁଖ ଭାଗ ନେଇଥିଲେ।ଏହି ଅବସରରେ କବୟିତ୍ରୀ ମହାସ୍ମିତା ଓଝାଙ୍କ ସଂଯୋଜନାରେ 'ମା ତୋତେ ପ୍ରଣାମ' ଶୀର୍ଷକ କବିତା ଆସରରେ ମନସୁର ଅଲ୍ଲୀ, ମାନସୀପ୍ରଭା ସ୍ୱାଇଁ, ନବୀନ ପ୍ରଧାନ, ରମେଶ ବହିରା, ରୁନୁବାଳା ମଲ୍ଲିକ, ରାମଚନ୍ଦ୍ର ବେହେରା, ଦୁର୍ଗାବତୀ ଓଝା, ପ୍ରଦୀପ କୁମାର ଶତପଥୀ, ବିଷ୍ଣୁପ୍ରିୟା ମିଶ୍ର, ଶର୍ମିଷ୍ଠା ମହାନ୍ତି ତଥା ଅନେକ ଯୁବ ଓ ବରିଷ୍ଠ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଓଁକାର ଧ୍ୱନି ବାସବ ନନ୍ଦ କରିଥିବା ବେଳେ ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

ଅଲ୍ୟଳ ଦାସ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ମାର୍ଶାଘାଇ, ୩୦।୧(ସମିସ): କେନ୍ଦ୍ରାପଡ଼ା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମୂଷାଡ଼ିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଦର୍ଶ ଶିକ୍ଷକ ଅଲ୍ୟଳ କୁମାର ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ କଟକ ଏସସିବି ମେଡିକାଲର ବହୁ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରୋଗ ନିରୂପଣ ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ଡାକ୍ତର ରାମନରେଶ ଯାଦବଙ୍କ ନେତୃତ୍ୱରେ ଏହି ସ୍ୱାସ୍ଥ୍ୟ ଶିବିରରେ ଭେଷଜ, ଚର୍ମ, ସ୍ତ୍ରୀ ଓ ପ୍ରସୂତି, ସ୍ନାୟୁରୋଗ, ସର୍ଜରୀ, ଆୟୁଷ ବିଭାଗରେ ପ୍ରାୟ ୮ ଶହରୁ ଅଧିକ ରୋଗୀମାନଙ୍କୁ ମାଗଣାରେ ପରୀକ୍ଷା କରିବା ସହିତ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରକୁ ଉଦଘାଟନ କରିଥିଲେ ସାହିତ୍ୟିକ ଡ଼ଃ ବାସୁଦେବ ଦାସ, ସମ୍ମାନିତ ଅତିଥି ରୂପେ ଆରଏମସିର ଉପାଧ୍ୟକ୍ଷ ବିଜୟ କୁମାର ପରିଡ଼ା, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ ଯୋଗ ଦେଇ ଡାକ୍ତରମାନଙ୍କୁ ଉତ୍ତରୀୟ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ଅପରାହ୍ନରେ ବାଞ୍ଛାବଟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ଅଲ୍ୟଳ କୁମାର ଦାସଙ୍କ ସ୍ମୃତିରେ ତିନିଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବିକେସିସି ଗରଜଙ୍ଗ ଓ ଏମସିସି ହଜାରୀ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଏମସିସି ହଜାରୀ ଟିମ୍ ଚମ୍ପିଆନ ହୋଇଥିଲା। ବିଜୟୀ ଚାମ୍ପିୟାନ ଟିମ୍‌କୁ ମୁଖ୍ୟ ଅତିଥି ଆର. ଏମ. ସି କେନ୍ଦ୍ରାପଡ଼ାର ଉପାଧ୍ୟକ୍ଷ ବିଜୟ କୁମାର ପରିଡ଼ା ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଇଂ ଚନ୍ଦନ ଯାଦବ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଜନଅଭିଯୋଗ ଶୁଣାଣି ଶିବିର; ୧୨୦ ଅଭିଯୋଗ ପଞ୍ଜୀକୃତ

ରାଜନଗର, ୩୦।୧ (ସମିସ): ରାଜନଗର ବ୍ଲକ ସଭାଗୃହରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣୀ ଶିବିରରେ ୧୨୦ ଅଭିଯୋଗର ଶୁଣାଣୀ କରାଯାଇଛି। ନୂତନ ଏସପି ବାନୋଥ ଯୁଗଳ କିଶୋର କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଏଡିଏମ ନିଲୁ ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ବିଡ଼ିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ପ୍ରାୟ ସମସ୍ତ ଅଭିଯୋଗ ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଓ ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କିତ ଥିଲା। ଏଥିସହ ଚାଷୀମାନେ ଉଠା ଜଳ ସେଚନ ପଏଣ୍ଟ ଗୁଡିକରୁ ବିଦ୍ୟୁତ ବିଭାଗ ବିଦ୍ୟୁତ କନେକ୍ସନ କାହାକୁ ନକହି କାଟି ଦେଉଛନ୍ତି।ଉଠା ଜଳସେଚନ ବିଭାଗ, ପାଣି ପଞ୍ଚାୟତ ଓ ବିଦ୍ୟୁତ ବିଭାଗ ମଧ୍ୟରେ ଚୁକ୍ତି ହୋଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ଲାଇନ କାଟି ଦେବା ଯୋଗୁଁ ଉଠା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି।

ଶୁଖିଲା ପଡ଼ିଲାଣି ସାନପାଟ ନାଳ; ପୁନରୁଦ୍ଧାର ଦାବି

ରାଜକନିକା, ୩୦।୧(ସମିସ):

ରାଜକନିକା ବ୍ଲକ ଅନ୍ତର୍ଗତ ବରିପଡ଼ା-ସିହୋପଡ଼ା ଚାଷଜମିରେ ରହିଥିବା ସାନପାଟ ନାଳ ଜାନୁୟାରୀ ମାସରୁ ଶୁଖିଲା ପଡ଼ିଲାଣି।ଫଳରେ ଡାଲୁଅ ଚାଷ ପାଇଁ ଅନେଇ ବସିଥିବା ଶହ ଶହ ଚାଷୀ ଏବେ ହରଡ଼ଘଣାରେ ପଡ଼ିଥିବାର ଜଣାପଡ଼ିଛି।ସୂଚନା ଅନୁସାରେ ଏହି ନାଳ ବୈତରଣୀ ନଦୀ ସହିତ ସଂଯୋଗ କରିଥିବା ବେଳେ ଏବେ କିନ୍ତୁ ପାଣି ନ ଥିବାରୁ ଧିରେ ଧିରେ ଶୁଖି ଶୁଖି ଗଲାଣି।ନାଳ ପାଣି ଉପରେ ନିର୍ଭର କରୁଥିବା ବରିପଡ଼ା, ନମତରା, ଦେଉଳତରା, ସିହୋପଡ଼ା ଗାଁର ଶହ ଶହ ଚାଷୀ କେମିତି ଡାଲୁଅ ଚାଷ କରିବେ ଚିନ୍ତାରେ ପଡ଼ିଛନ୍ତି।ଏହି ନାଳ ଆଗରୁ ସବୁବେଳେ ପାଣିରେ ଭରି ରହୁଥିଲା।ଚାଷୀ ନିଜ ଉଦ୍ୟମରେ ପମ୍ପ ଦ୍ୱାରା ଚାଷ ଜମିକୁ ପାଣି ମଡାଉଥିଲା। ହେଲେ ଏହି ନାଳ କ୍ରମଶଃ ପୋତି ହେବା ସହିତ ଅନାବନା ଗଛରେ ଛାଇ

■ ଆଜି ମହାପ୍ରଭୁଙ୍କ ବନକଲାଗି

୩ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ, ୩୦।୧(ସମିସ): ମାଘ କୃଷ୍ଣ ପଞ୍ଚମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

■ କାର୍ଯ୍ୟରେ ଯୋଗଦେଲେ ସମର୍ଥ ବର୍ମା

ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଦାୟିତ୍ୱ ନେଲେ

ପୁରୀ, ୩୦।୧(ସମିସ): ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସମର୍ଥ ବର୍ମା। ଏଥିସହ ସେ ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ମଧ୍ୟ ରହିବେ। ତେବେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ମନ୍ଦିର ପ୍ରଶାସନର ଅଧିକାରୀ ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏଥିସହ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଭିତରେ ଓ ବାହାରେ ହୋଇଥିବା ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହା ପୂର୍ବରୁ ପୁରୀ ଜିଲ୍ଲାପାଳ ଥିଲେ ସମର୍ଥ ବର୍ମା। ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଏବେ ଭକ୍ତଙ୍କ ପାଇଁ ପରିକ୍ରମା ପ୍ରକଳ୍ପ, ଶ୍ରୀ ମାର୍ଗ ଓ ସମଙ୍ଗ ପାର୍କିଂ ଖୋଲାଯାଇଛି। ଶ୍ରଦ୍ଧାଳୁମାନେ ସୁବିଧାରେ ଆସି ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ପୂର୍ବରୁ ଚାଲିଥିବା ସମସ୍ତ ପ୍ରଶାସନିକ ସଂସ୍କାର ବ୍ୟବସ୍ଥାକୁ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକାରୀ କରାଯିବ। ମନ୍ଦିର ଭିତରେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ, ପାନ ଗୁଟୁଖା କି ପଲିଥିନ ବ୍ୟବହାର ଉପରେ କଟକଣା, ଆନନ୍ଦ ବଜାରରେ ମହାପ୍ରସାଦ ଦର ତାଲିକା ସମେତ ଭକ୍ତଙ୍କୁ ଉଚିତ୍ ବ୍ୟବହାର ତଥା ସେବାୟତଙ୍କ ଆଚରଣ ଉଚ୍ଚାରଣ ଏସବୁକୁ ବ୍ୟବସ୍ଥିତ କରିବା ପାଇଁ ପ୍ରୟାସ କରାଯିବ ବୋଲି କହିଛନ୍ତି ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା। ସୂଚନାଥାଉ କି, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଥିବା ରଞ୍ଜନ କୁମାର ଦାସଙ୍କର କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ବଦଳି ହୋଇଛି। ସୋମବାର ତାଙ୍କ ଶେଷ କାର୍ଯ୍ୟ ଦିବସ ଥିଲା। ମଙ୍ଗଳବାର ସମର୍ଥ ବର୍ମା ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ନେଇଛନ୍ତି।

ହାତୀ ଛୁଆର ମୃତ୍ୟୁ

ରାସୋଳ, ୩୦।୧(ସମିସ): ହିନ୍ଦୋଳ ବନାଞ୍ଚଳ ବାବନ୍ଧ ସେକ୍ସନ ଗିରିଧର ପ୍ରସାଦ ଗ୍ରାମ୍ୟ ଜଙ୍ଗଲରେ ଏକ ହାତୀ ଛୁଆର ମୃତ୍ୟୁ ହୋଇଛି। ମୃତ ହାତୀଛୁଆଟିର ବୟସ ଦୁଇବର୍ଷ ହୋଇଥିବା ଜଣାପଡ଼ିଛି। ବାବନ୍ଧ ଫରେଷ୍ଟର, ହିନ୍ଦୋଳ ବନପାଳ, ଜିଲ୍ଲା ବନଖଣ୍ଡ ଅଧିକାରୀ ଉପସ୍ଥିତ ରହି ହାତୀ ଛୁଆର ମୃତଦେହକୁ ଜଗି ରହିଥିବା ଦେଖିବାକୁ ମିଳିଛି। ହାତୀ ଛୁଆ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି।

ଗ୍ୟାସ୍ କଟରରେ ଏଟିଏମ୍ କାଟି ୮ ଲକ୍ଷ ଲୁଟ୍

ଯୋଡ଼ା, ୩୦।୧ (ସମିସ): ଯୋଡ଼ା ଥାନାଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ଯୋଡ଼ା ସହରର ବନେଇକଳା ବ୍ୟାଙ୍କ୍ ଅଫ ଇଣ୍ଡିଆର ଏଟିଏମ୍‌ରୁ ସୋମବାର ବିଳମ୍ବିତ ରାତିରେ ୮ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟରରେ ଏଟିଏମ୍‌କୁ କାଟି ସବୁତକ ଟଙ୍କା ଲୁଟି ନେଇଛନ୍ତି। ଏଟିଏମ୍ ଏଜେନ୍ସି ନେଇଥିବା ସଂସ୍ଥା ପକ୍ଷରୁ ଏନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଧିକ ତଦନ୍ତ ପାଇଁ କେନ୍ଦ୍ରୟରରୁ ଏକ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। ଏଟିଏମ୍ କାଉଣ୍ଟରର ଅପରପାର୍ଶ୍ୱରେ ଥିବା ଫିଟନେସ୍ ସେଣ୍ଟରରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୁଲିସ ଅଭିଯୁକ୍ତମାନଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି। ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଥିବା ଦୃଶ୍ୟରେ, ୩ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ରାତି ପ୍ରାୟ ୨.୫୦ରେ ଏଟିଏମ୍ ଭିତରେ ପଶି ଗ୍ୟାସ୍ କଟର ସାହାଯ୍ୟରେ ଏଟିଏମ୍ ମେସିନକୁ କାଟି ଏହି ଲୁଟ୍ କରିଛନ୍ତି। ସୂଚନାଯୋଗ୍ୟ, ଯୋଡ଼ା ଏକ ସମ୍ବେଦନଶୀଳ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଘନଘନ ଭାରପ୍ରାପ୍ତ ଅଧିକାରୀଙ୍କ ପରିବର୍ତ୍ତନ ଯୋଡ଼ା ସହରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି କରିବାରେ ସହାୟକ ହୋଇଛି। ଦୀର୍ଘ ଦିନ ଧରି ଯୋଡ଼ା ସହରରେ ରାତ୍ରି ପାଟ୍ରୋଲିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଅସାମାଜିକ ବ୍ୟକ୍ତିମାନେ ଏହାର ସୁଯୋଗ ନେଉଥିବା ଅଭିଯୋଗ ହେଉଛି।

■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକଙ୍କୁ ୨ବର୍ଷ ଜେଲ୍

କଟକ, ୩୦।୧(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗଞ୍ଜାମ ଜିଲ୍ଲାର ପୂର୍ବତନ ତଥା ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକ ଅଶୋକ କୁମାର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲ ଓ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ ଗତ ୨୦୧୭ରେ ଗଞ୍ଜାମ ଜିଲ୍ଲାର ଅବକାରୀ ଅଧୀକ୍ଷକ ଥିବା ଶ୍ରୀ ଜେନାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଚଢ଼ଉ କରି ତାଙ୍କର ବିପୁଳ ସମ୍ପତ୍ତି ଠାବ କରିଥିଲା। ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲା। କଟକ ଭିଜିଲାନ୍ସ ସେଲର ପ୍ରାକ୍ତନ ଇନସ୍ପେକ୍ଟର ରାଧାମୋହନ ପାତ୍ର ଏହି ମାମଲାର ତଦନ୍ତ କରିଥିଲେ। ସ୍ୱତନ୍ତ୍ର ପିପି ବୀରେନ୍ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ୍ ବନ୍ଦ ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

୩ ବର୍ଷରେ ଓଡ଼ିଶାରୁ ୧୦୬ କୋଟି ସାଇବର ଠକେଇ

ଅଦୃଶ୍ୟ ଠକଙ୍କୁ ଧରିବାକୁ ପୁଲିସ ଜାଲ

ଭୁବନେଶ୍ୱର,୩୦।୧(ସମିସ): ଏଣିକି ସାଇବର ଠକେଇରେ ଅଙ୍କୁଶ ଲଗାଇବ ପୁଲିସ। ଦୀର୍ଘବର୍ଷ ଧରି ସାଇବର ଅପରାଧୀ ଜାଲରେ ଫଶି ଲୋକମାନେ କୋଟି କୋଟି ଟଙ୍କା ହରାଇ ସାରିଛନ୍ତି। ଏହାକୁ ରୋକିବା ଓ ସାଇବର ଠକଙ୍କୁ ଧରିବା ପାଇଁ ଓଡ଼ିଶା ସମେତ ୬ ରାଜ୍ୟ ହାତ ମିଳାଇଛନ୍ତି। ଓଡ଼ିଶା ସମେତ ରାଜସ୍ଥାନ, ଝାଡଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ପୁଲିସର ବଛାବିଛା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହେବ ଏବଂ ଏହି ଅଭିଜ୍ଞ ଅଧିକାରୀମାନେ ସାଇବର ଠକମାନଙ୍କ ଉପରେ ନଜର ରଖିବେ।

ମିଳିଥିବା ସୂଚନା ଅନୁସାରେ ସାଇବର ଠକେଇର ତଦନ୍ତ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା କିମ୍ବା ଅଭିଜ୍ଞତା ରହିଥିବା ପୁଲିସ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ଅନ୍ୟ ରାଜ୍ୟର ପୁଲିସକୁ କିଭଳି ସହଯୋଗ ଦେଇପାରିବେ, ସେ ବିଷୟରେ ତାଲିମ୍ ମିଳିଛି। ଏହି ଟିମ୍ କାର୍ଯ୍ୟକ୍ଷମ ହେବା ପରେ ଗୋଟିଏ ରାଜ୍ୟରୁ ସାଇବର ଅପରାଧ ଘଟାଇ ଅନ୍ୟ ରାଜ୍ୟରେ ଲୁଚି ପୁଣି ଅପରାଧ ଘଟାଇବା ଏଣିକି ସମ୍ଭବ ହେବ ନାହିଁ। ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ରକ୍ଷା କରି ସାଇବର ଅପରାଧ ରୋକାଯିବ।

ସାଇବର ଅପରାଧୀମାନେ ନିଜ ଠିକଣା ସର୍ବଦାକୁ ଗୋପନ ରଖିଥାଆନ୍ତି। ଗୋଟିଏ ରାଜ୍ୟରେ ଥାଇ ଅନ୍ୟ ରାଜ୍ୟରେ ଅପରାଧର ଜାଲ ବୁଣି ଲୋକଙ୍କୁ ଭକୁଆ କରି କୋଟି କୋଟି ଟଙ୍କା ଲୁଟିଥାଆନ୍ତି। ସାଇବର ଅପରାଧୀ ରହୁଥିବା ରାଜ୍ୟକୁ ଅନ୍ୟ ରାଜ୍ୟର ପୁଲିସ ଧରିବାକୁ ଗଲେ ସେମାନଙ୍କୁ ଉପଯୁକ୍ତ ସହାୟତା ମିଳିପାରୁ ନାହିଁ। ଏପରିକି କିଛି ସ୍ଥାନୀୟ ପୁଲିସ ସାଇବର ଠକଙ୍କୁ ଖସାଇବାରେ ସହାୟତା ମଧ୍ୟ କରୁଛନ୍ତି। ତେଣୁ ଏହାକୁ ରୋକାଯିବା ସହ ବିଭିନ୍ନ ରାଜ୍ୟର ପୁଲିସ ମଧ୍ୟରେ ଆନ୍ତଃ ସମନ୍ୱୟ ରଖାଯିବ।

ଓଡ଼ିଶାରେ ସାଇବର ଠକେଇର ଅଭିଯୁକ୍ତମାନେ ମୁଖ୍ୟତଃ ଝାଡଖଣ୍ଡ, ରାଜସ୍ଥାନ, ଗୁଜୁରାଟ, ହରିୟାଣା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରେ ରହୁଛନ୍ତି। ଏହି ରାଜ୍ୟରୁ ଓଡ଼ିଶାକୁ ଅଧିକ ଠକେଇ କଲ୍ ଆସୁଛି। ଗତ ଦୁଇବର୍ଷ ତଥ୍ୟ ଅନୁଧ୍ୟାନ କଲେ ରାଜସ୍ଥାନର ଭରତପୁର ଓ ଜୟପୁର, ହରିୟାଣାର ମେୱାଟ, ନୁହ, ଝାଡଖଣ୍ଡର ଜମତରା, ତିନି ପାହାଡ, ପଶ୍ଚିମବଙ୍ଗର କୋଲକାତା ଓ ମାଲଦା, ବିହାରର ପାଟଣା, ଭାଗଲପୁର, ହାଜିରାବାଗ, ଗୟା, ଜଗଦଲପୁର, ଉତ୍ତରପ୍ରଦେଶର ଲକ୍ଷ୍ନୌ, ଆଗ୍ରା, ବୁଲନ୍ଦସହର, ରାମଗଡ଼, ଅଲ୍‌ୱାର, ଫିରୋଜପୁର, ସୋହାନ, ଦିଲ୍ଲୀର ନୋଏଡା, ଗାଜିଆବାଦ, ଗୁରୁଗାଓଁ ଓ ଫରିଦାବାଦ, ଗୁଜୁରାଟର ଅହମ୍ମଦବାଦ, ସୁରଟ ଆଦି ଅଞ୍ଚଳର ସାଇବରଠକ ଓଡ଼ିଶାରେ ସକ୍ରିୟ ଅଛନ୍ତି। ସେଠାରେ ମୋବାଇଲ ବୁଥ୍ ସେଣ୍ଟର ଖୋଲି ପୂରା ଠକ ନେଟ୍‌ୱାର୍କ ଚଳାଇଛନ୍ତି। ଟ୍ରାଇ-ଜଙ୍କସନ ବା ତିନିଟି ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ଠକେଇର ଚେର ଲମ୍ବିଛି। ଗଲା ୩ ବର୍ଷରେ ରାଜ୍ୟରୁ ୧୦୬ କୋଟି ଟଙ୍କା ଠକେଇ ସଂକ୍ରାନ୍ତରେ ୧୯୫୦୮ଟି ଅଭିଯୋଗ ହୋଇଛି। ଅଦୃଶ୍ୟ ଠକଙ୍କଠାରୁ ୧କୋଟି ୮୦ ଲକ୍ଷ ୩୫ହଜାର ୩୨୧ଟଙ୍କା ଫେରସ୍ତ ହୋଇଥିବା ବେଳେ ୫କୋଟି ୬୪ ଲକ୍ଷ ୨୭ହଜାର ୯୧୭ଟଙ୍କା ବ୍ଲକ ହୋଇଛି। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋଟ ଠକେଇର ସିଂହଭାଗ କେବଳ ଭୁବନେଶ୍ୱରରୁ ହିଁ ହୋଇଛି। ଅଧିକ ଶିକ୍ଷିତ ରହୁଥିବା ଭୁବନେଶ୍ୱରରୁ ସାଇବର ଠକ ୫୦ କୋଟି ଟଙ୍କା ଲୁଟିଛନ୍ତି। ୨୦୨୩ରେ ଭୁବନେଶ୍ୱରରୁ ୩୦ କୋଟି, ୨୦୨୨ରେ ୧୩ କୋଟି ଟଙ୍କା ଓ ୨୦୨୧ରେ ୮କୋଟି ୬ଲକ୍ଷ ୮୧ହଜାର ୭୮୩ ଟଙ୍କା ଠକେଇ ହୋଇଛି ହୋଇଥିବା ସୂଚନା ମିଳିଛି।

ସାଇବର ଅପରାଧ	
ମସିହା	ମାମଲା
୨୦୧୮	୮୬୭
୨୦୧୯	୧୪୭୫
୨୦୨୦	୧୯୩୧
୨୦୨୧	୨୦୩୭
୨୦୨୨	୧୯୮୩
୨୦୨୩	୧୨୮୭

ହାତ ମିଳାଇଲେ ୬ ରାଜ୍ୟ ପୁଲିସ; ଗଠନ ହେବ ସ୍ୱତନ୍ତ୍ର ଟିମ୍

CBSE BOARD EXAMINATION (2023-24)
PROBABLE QUESTION PAPER
CLASS-X, SUB- ODIA

ବିଭାଗ-କ

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** (୨×୫=୧୦)

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ବା ସତ୍ୟବାଦୀ ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ । ସାକ୍ଷୀଗୋପାଳ ମନ୍ଦିରଠାରୁ ଅଳ୍ପ ଦୂରରେ ଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମ ଓଡିଶାର ଅନ୍ୟ ବହୁ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ପିତା ମହାଦେବ ବ୍ରହ୍ମାଙ୍କର ସେ ଅଞ୍ଚଳରେ ବେଶ୍ ଖାତିର । ୧୮୭୯ ମସିହାରେ ତାଙ୍କର ଯେଉଁ ପ୍ରଥମ ପୁତ୍ର ଜାତ ହେଲା ତାଙ୍କର ନାମ ଦିଆଗଲା ହରି । ହରିହରିଙ୍କର ମୂଳଦୁଆ ଶୋଧ ହୋଇଥିଲା ତାଙ୍କ ଛାତ୍ର ଜୀବନରେ । ସେତିକିବେଳୁ ମଜବୁତ୍ ମୂଳଦୁଆ ନ ପଡିଥିଲେ ତା ' ଉପରେ ଦୀର୍ଘ ସତୁରି ବର୍ଷର ସେବା ସୌଧ ମୁଣ୍ଡ ଟେକି ଠିଆ ହୋଇପାରି ନଥା 'ନ୍ତା । ତାଙ୍କ ବଡପଣିଆର ପ୍ରକୃତ ରୂପ ଦେଖିବାର ସୁଯୋଗ ଯୁବ ସମାଜକୁ ମିଳି ନାହିଁ । ସେ ଭଲ ଇଂରାଜୀ ବ୍ୟାକରଣ ଖଣ୍ଡେ ଲେଖିଥିଲେ ଯାହା ଷାଠିଏ ଥର ପୁନର୍ମୁଦ୍ରଣ ହୋଇସାରିଲାଣି । ସେ ୧୯୨୧ର ଅସହଯୋଗ ଆନ୍ଦୋଳନଠାରୁ ଆରମ୍ଭ କରି ୧୯୪୫ ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ କାଳ ସ୍ୱାଧୀନତା ସଂଗ୍ରାମ ଭିତରେ ଓତଃପ୍ରୋତ ଭାବରେ ଜଡିତ ଥିଲେ । ଓଡିଶାରେ ବିଂଶ ଶତାବ୍ଦୀର ଆରମ୍ଭରେ ସେ ଥିଲେ ଜଣେ ଅଦମ୍ୟ ସାହସୀ ସଂସ୍କାରକ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁଙ୍କ ପରି ସେ ମଧ୍ୟ ବହୁ ନିର୍ଯାତନା ଭୋଗିଛନ୍ତି ।

କ) ଅସହଯୋଗ ଆନ୍ଦୋଳନ କେବେ ହୋଇଥିଲା ?

ଖ) ହରିହର କେଉଁ ମସିହାରୁ କେଉଁ ମସିହା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମରେ ଜଡିତ ଥିଲେ?

ଗ) ହରିହରଙ୍କର କେଉଁ ବହି ଷାଠିଏ ଥର ପୁନର୍ମୁଦ୍ରଣ ହୋଇସାରିଛି ?

ଘ) କେଉଁ ସମୟରେ ହରିହରଙ୍କର ମୂଳଦୁଆ ଶୋଧ ହୋଇଥିଲା ?

ଙ) କାହା ଭଳି ହରିହର ବହୁ ନିର୍ଯାତନା ସହିଛନ୍ତି ବୋଲି କୁହାଯାଇଛି ?

ବିଭାଗ-ଖ

୨. **ଯେକୌଣସି ଗୋଟିଏ ରଚନା ଲେଖ ।** (୬×୧=୬)

କ) ଛାତ୍ର ଓ ଅଧ୍ୟବସାୟ ଖ) ସମ୍ବାଦପତ୍ର ଗ)ପରିବେଶ ପ୍ରଦୂଷଣ

୩. **ଯେକୌଣସି ଗୋଟିଏ ଲେଖ ।** (୬×୧=୬)

କ) "ସାକ୍ଷରତା ଅଭିଯାନ" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।

ଖ) "ବନ୍ୟଜନ୍ତୁଙ୍କ ସୁରକ୍ଷା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।

(ବି.ଦ୍ର.: ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

ବିଭାଗ-ଗ

୪. ଭାଗବତବାଣୀ କିମ୍ବା ରାମକେରୀ ଛନ୍ଦ ବିଷୟରେ ଉଦାହରଣ ସହିତ ଲେଖ । (୪)

୫. **ଅଶୁଦ୍ଧି ସଂଶୋଧନ କରି ଲେଖ ।** (୨ଟିର) (୨)

ନୀରୋଗୀ , ଶଶୀଭୂଷଣ , କାଳିନ୍ଦି

୬. **ବୁଢିଗୁଡିକ ବ୍ୟବହାର କରି ବାକ୍ୟ ଗଠନ କର ।** (୨ଟିର) (୨)

ତେଲିଆ ମୁଣ୍ଡରେ ତେଲ ,ବାଆକୁ ବତା ; ଉପରଠାଉରିଆ

୭. **ନିର୍ଦ୍ଦେଶ ଅନୁସାରେ ବାକ୍ୟ ବଦଳାଇ ଲେଖ ।** (୨ଟିର) (୨)

୧)ଯେତେବେଳେ ବିପଦ ଆସେ , ସେତେବେଳେ ଠକ ବନ୍ଧୁମାନେ ପାଖରୁ ଚାଲିଯାଆନ୍ତି । (ସରଳ ବାକ୍ୟ)

୨) ମୀରା ମିଛ କହିବାରୁ ଦଣ୍ଡ ପାଇଲା । (ଜଟିଳ ବାକ୍ୟ)

୩) ଭାଇ ହାଟକୁ ଯାଇ ଘର ପାଇଁ ପରିବା ଆଣିଲେ । (ଯୌଗିକ ବାକ୍ୟ)

ବିଭାଗ-ଘ

୮. **ଗଦ୍ୟରୁ ଯେକୌଣସି ଗୋଟିଏ ସରଳାର୍ଥ ଲେଖ ।** (୫×୧=୫)

କ) ଭାରତୀୟ ଦର୍ଶନରେ , ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।

ଖ) ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା ହୁଏ ନାହିଁ ।

୯. **ଗଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)

କ) ବିଜ୍ଞାନର ଅନ୍ଧକାର ସ୍ଥାନଟି ଅପସାରିତ ହେଲେ କଣ ହେବ ବୋଲି ଲେଖକ କହିଛନ୍ତି ?

ଖ) ଭାରତୀୟ ସଭ୍ୟତାର ଆଦର୍ଶ କହିଲେ କଣ ବୁଝ ?

ଗ) ଲେଖକ ଜନ୍ମଭୂମି ପଲ୍ଲୀକୁ ନିଜର ମାଆ ବୋଲି ଭାବିବାର କାରଣ କଣ?

ଘ) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ ?

୧୦. **ଗଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)

କ) କାନ୍ତକବିଙ୍କ ପୈତୃକ ଗ୍ରାମର ନାମ କଣ ?

୧)ସୁନାଖେଳା ୨)ତାଳପଦା ୩)ଫୁଲନଖରା ୪)ବାଣପୁର

ଖ) କିଏ ଜଣେ ଆଜୀବନ ଅକର୍ମା ଓ ଅବିବାହିତ ଲୋକ ଥିଲେ ?

୧) ସାର ମାଉସୀ ୨)ଗୋବିନ୍ଦା ଭାଇ ୩)ଶ୍ରୀକୃଷ୍ଣ ୪) ଦୀନବନ୍ଧୁ ବାବୁ

ଗ) ଲେଖକ ଗୋଲକ ବିହାରୀ ଧଳଙ୍କର କେଉଁ ପୁସ୍ତକରୁ "ମାତୃଭାଷା ଓ ଲୋକଶିକ୍ଷା" ଆସିଅଛି ?

୧) ଗବନ ୨)ଲଣ୍ଡନ ଚିଠି ୩)ଓଡିଆ କେବେ ୪)ଗୋଦାନ

ଘ) କେଉଁଥିରୁ ଜୀବନ୍ତ ଶରୀର ସମ୍ପର୍କରେ ଧାରଣା ମିଳିଥାଏ ?

୧) ପାଣିପବନରୁ ୨) ଟିଭିରୁ ୩)ମଣିଷଠାରୁ ୪)ଜୀବବିଜ୍ଞାନରୁ

ଙ) ମଣିଷର ପ୍ରଥମ ପ୍ରୟୋଜନ କଣ ?

୧)ମାତୃଭାଷା ୨) କୃଷି ୩)ଶାସକ ୪)ଗାନ୍ଧିଜୀ

ଚ) ଶିଷ୍ୟମାନେ କେଉଁଠି ନିଜର କ୍ଷେତ୍ର ପ୍ରସ୍ତୁତ କରିଲେ ?

୧)ବରା

ଭାରତୀୟ କ୍ରିକେଟରେ ଆଉ ଦୁଇଭାଇଙ୍କ ଉଦୟ

ସର୍ଫରାଜ ଓ ମୁସିର ଖାନ୍

ଭାରତୀୟ କ୍ରିକେଟରେ ଏବେ ଆଉ ଦୁଇ ଭାଇଙ୍କ ଉଦୟ ହୋଇଛି। ଏମାନେ ହେଉଛନ୍ତି ଉତ୍ତରପ୍ରଦେଶର ଆଜମଗଡ଼ର ଖାନ ଭାତୃଦ୍ୱୟ ସର୍ଫରାଜ ଓ ମୁସିର। ଗୋଟିଏ ଦିନ ପୂର୍ବରୁ ସର୍ଫରାଜ ଇଂଲଣ୍ଡ ବିପକ୍ଷ ଭାରତୀୟ ଟେଷ୍ଟରେ ସ୍ଥାନ ପାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତାଙ୍କ ସାନ ଭାଇ ମୁସିର ଖାନ୍ ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଦୁଇଟି ଶତକ ହାସଲ କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏବେ ଏହି ଦୁଇ ଭାଇଙ୍କୁ ଭାରତୀୟ ବ୍ୟାଟିଂର ଭବିଷ୍ୟତ ବୋଲି ବିବେଚନା କରାଯାଉଛି। ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା, ଇର୍ଫାନ ଓ ୟୁସୁଫ ପଠାନ, ମହିନ୍ଦର ଓ ସୁରିନ୍ଦର ଅମରନାଥଙ୍କ ଭଳି ସର୍ଫରାଜ ଓ ମୁସିର ମଧ୍ୟ ଭବିଷ୍ୟତରେ ଭାରତୀୟ କ୍ରିକେଟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ।

୧୮ ବର୍ଷୀୟ ମୁସିର ମଙ୍ଗଳବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସୁପର-୬ ମ୍ୟାଚ୍‌ରେ ୨୨୬ଟି ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୩ ଛକା ସହ ୧୩୧ ରନର ଶତକୀୟ ପାଳି ଖେଳି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହାପୂର୍ବରୁ ଗତ ୨୫ ତାରିଖରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଗ୍ରୁପ୍ ଏ' ମ୍ୟାଚ୍‌ରେ ୧୧୮ ରନର ଶତକୀୟ ପାଳି ଖେଳିଥିଲେ। ଏହି ବିଶ୍ୱକପ୍‌ରେ ଦୁଇଟି ଶତକ ହାସଲ କରି ସେ ପାକିସ୍ତାନର ବାବର ଆଜମ ଓ ଶିଖର ଧାୱନଙ୍କ ସମକକ୍ଷ ହୋଇଛନ୍ତି।

ସେହିପରି ଘରୋଇ କ୍ରିକେଟରେ ବିପୁଳ ରନ ସଂଗ୍ରହ କରିବା ପରେ ୨୬ ବର୍ଷୀୟ ସର୍ଫରାଜ କ୍ରମାଗତ ଭାବେ ଭାରତୀୟ ଚୟନକର୍ତ୍ତାଙ୍କ ଅଣଦେଖାର ଶିକାର ହୋଇ ଆସୁଥିଲେ। ଏ ନେଇ ମଧ୍ୟ ସୁନିଲ ଗାଭାସ୍କରଙ୍କ ଭଳି ପୂର୍ବତନ କ୍ରିକେଟର ସର୍ଫରାଜଙ୍କ ସପକ୍ଷରେ ମତ ଦେଇଥିଲେ। ଶେଷରେ ତାଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି ଓ ତାଙ୍କୁ ଟେଷ୍ଟ ଦଳରେ ସାମିଲ କରାଯାଇଛି। ଅବଶ୍ୟ ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଆହତ ହୋଇ ଦଳରୁ ବାଦ ପଡ଼ିବା ଫଳରେ ତାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ସର୍ଫରାଜ ମଧ୍ୟ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନଅଫିସିଆଲ ଟେଷ୍ଟ ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ସର୍ଫରାଜ ଏପର୍ଯ୍ୟନ୍ତ ୪୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୬୯.୬୬ ରନ ହାରରେ ୩,୬୯୨ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୩ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସାମିଲ ରହିଛି। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଅପରାଜିତ ୩୦୨ ରହିଛି। ସେହିପରି ସେ ୩୭ଟି ଲିଷ୍ଟ ଏ' ଓ ୯୬ଟି ଟି-୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ସେହିପରି ମୁସିର ୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସର୍ଫରାଜ ଓ ମୁସିରଙ୍କ ପିତା ନୌସାଦ ଜଣେ କ୍ରିକେଟ ପ୍ରଶିକ୍ଷକ। ତେଣୁ ଦୁଇ ପୁଅଙ୍କୁ କ୍ରିକେଟର ଭାବେ ଗଢି ତୋଳିବାର ତାଙ୍କୁ ଉଲ୍ଲେଖନୀୟ ଭୂମିକା ରହିଛି। ମୁସିରଙ୍କ ଭଳି ସର୍ଫରାଜ ମଧ୍ୟ ୧୯ ବର୍ଷରୁ କମ୍ କ୍ରିକେଟରେ ଭଲ ପ୍ରଦର୍ଶନ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଭାରତୀୟ କ୍ରିକେଟରେ ତିଷ୍ଠି ରହିବାକୁ ହେଲେ ଦୁଇ ଭାଇଙ୍କୁ କଠିନ ପରିଶ୍ରମ କରିବା ସହ ଆହୁରି ବହୁତ ବାଟ ଯିବାକୁ ହେବ।

ପିତା ନୌସାଦ ଖାନ୍‌ଙ୍କ ସହ ସର୍ଫରାଜ ଓ ମୁସିର

ସାଫ୍ କପ୍‌ରେ ଭଲ କରିବ ଭାରତ: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩୦।୧ (ସମିସ): ବାଂଲାଦେଶର ଢ଼ାକାଠାରେ ଆୟୋଜିତ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ସାଫ୍ କପ୍ ମହିଳା ଫୁଟବଲରେ ଭାରତ ଉନ୍ନତ ଖେଳ ପ୍ରଦର୍ଶନ କରିବ ବୋଲି ପ୍ରଶିକ୍ଷକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ କହିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କ ନେତୃତ୍ୱରେ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଗୋଆରେ ଜାନୁଆରୀ ୬ରୁ ୨୮ ପର୍ଯ୍ୟନ୍ତ ଚାଲିଥିଲା ଓ ଦଳ ଆଜି ଢ଼ାକା ଅଭିମୁଖେ ଯାତ୍ରା କରିଛି। ଏହି ଶିବିରେ ଦଳ ଭଲ ପ୍ରସ୍ତୁତି କରିଛି ଓ ଏହା ସନ୍ତୋଷଜନକ ହୋଇଛି। ଏଣୁ ଦଳର ପ୍ରଦର୍ଶନ ନିଶ୍ଚିତ ଭଲ ରହିବ ବୋଲି ଶ୍ରଦ୍ଧାଞ୍ଜଳି ମତବ୍ୟକ୍ତ କରିଛନ୍ତି।

ଏହି ପ୍ରତିଯୋଗିତାରେ ଭୁଟାନ ସହ ମୁକାବିଲା କରି ଭାରତ ତାହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ଫେବୃଆରୀ ୨ରେ ଖେଳାଯିବ। ଏହା ପରେ ଫେବୃଆରୀ ୪ରେ ବାଂଲାଦେଶ ଓ ୬ରେ ନେପାଳ ସହ ଖେଳିବ। ଏହି ପ୍ରତିଯୋଗିତାରେ ସମସ୍ତ ଦଳଗୁଡ଼ିକ ଶକ୍ତିଶାଳୀ ଓ ଭାରତ ଏମାନଙ୍କୁ ହରାଇବାର ଦକ୍ଷତା ରଖିଛି। ଗୋଆରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ସର୍ବଭାରତୀୟ ଫୁଟବଲ ମହାସଂଘ ସମସ୍ତ ପ୍ରକାର ସହାୟତା ଯୋଗାଇଛି। ଏଣୁ ଦଳ ଭଲ ପ୍ରସ୍ତୁତି କରିବାରେ ସମର୍ଥ ହୋଇଛି। ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଦୁଇ ଶୀର୍ଷସ୍ଥାନ ହାସଲ କରିଥିବା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ୮ରେ ଖେଳାଯିବ। ଓଡ଼ିଶାର ଶ୍ରଦ୍ଧାଞ୍ଜଳି ଏହା ପୂର୍ବରୁ ଭାରତୀୟ ୧୭ ବର୍ଷରୁ କମ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିଥିଲେ। ଏହି ସଫଳତାକୁ ଆଧାର କରି ତାଙ୍କୁ ଗୋଟିଏ ପାହାଚ ଚଢ଼ାଇ ୧୯ ବର୍ଷରୁ କମ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଦିଆଯାଇଛି।

ଜାତୀୟ ଦୃଷ୍ଟିହୀନ କ୍ରିକେଟ

ସେମିଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୩୦।୧ (ସମିସ): ଓଡ଼ିଶା ଦଳ ଜାତୀୟ ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ଏ' ମୁକାବିଲାରେ ଓଡ଼ିଶା ୧୭ ରନ୍‌ରେ ଦିଲ୍ଲୀକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ନାଗପୁରର ରେଳବାଇ କ୍ରିକେଟ ପଡ଼ିଆରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୬ ୱିକେଟରେ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ ପଙ୍କଜ ଭୂଏ ସର୍ବାଧିକ ୮୫, ନକୁଳ ବଡ଼ନାୟକ ୨୭ ଓ ହିକିମ ମୁର୍ମୁ ୨୦ ରନ୍ କରିଥିଲେ। ଜବାବରେ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଦିଲ୍ଲୀ ପାଳିରେ ଓଡ଼ିଶାର ଲିଙ୍ଗରାଜ ରାଉତରାୟଙ୍କୁ ୨ଟି, ନକୁଳ ଓ ଦେବରାଜ ବେହେରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ପଙ୍କଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଗ୍ରୁପ୍‌ରେ ଓଡ଼ିଶା ଦଳ କ୍ରମାଗତ ଦୁଇଟି ମ୍ୟାଚ୍ ଜିତିବା ପରେ ନକ୍‌ଆଉଟରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ଗ୍ରୁପ୍‌ରେ ଆନ୍ଧ୍ରପ୍ରଦେଶ ମଧ୍ୟ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରେ କେଉଁ ଦଳ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରିବ ତାହା ସ୍ଥିର ହେବ।

● ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ହୃଦାନନ୍ଦ, ମହିଳା ଖୋ ଖୋ ଦଳକୁ ରୌପ୍ୟ

ଭୁବନେଶ୍ୱର, ୩୦।୧ (ସମିସ): ତାମିଲନାଡୁରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୬ଷ୍ଠ ସଂସ୍କରଣରେ ଓଡ଼ିଶା ମହିଳା ଖୋ ଖୋ ରୌପ୍ୟ ପଦକ ହାସଲ କରିଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡ଼ିଶା ଅଳ୍ପକେ ମହାରାଷ୍ଟ୍ର ନିକଟରୁ ପରାସ୍ତ ହୋଇ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଥିଲା। ସେହିଭଳି ଭାରୋତ୍ତୋଳନରେ ଓଡ଼ିଶାର ହୃଦାନନ୍ଦ ଦାଶ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଛନ୍ତି। ହୃଦାନନ୍ଦ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଭାରୋତ୍ତୋଳନ ହାଇପରଫର୍‌ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଏହି ପ୍ରତିଯୋଗିତାରେ ୧୯ ପଦକ ଜିତି ୧୫ତମ ସ୍ଥାନରେ ରହିଛି। ଯେଉଁଥିରେ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ୫୩ ସ୍ୱର୍ଣ୍ଣ, ୪୬ ରୌପ୍ୟ ଓ ୫୦ କାଂସ୍ୟ ସହ ମୋଟ୍ ୧୪୯ ପଦକ ଜିତି ମହାରାଷ୍ଟ୍ର ତାଲିକାର

● ଇଣ୍ଡିଆନ୍ ଓମେନ୍ସ ଲିଗ୍

ସ୍ପୋର୍ଟ୍ସ ଓଡ଼ିଶାର ୨ୟ ଡ୍ର'

ଭୁବନେଶ୍ୱର, ୩୦।୧ (ସମିସ): କୋଲକାତାରେ ମଙ୍ଗଳବାର ସ୍ପୋର୍ଟ୍ସ ଓଡ଼ିଶା ଓ ଘରୋଇ ଇଷ୍ଟ ବେଙ୍ଗଲ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚ୍ ଅମୀମାଂସିତ ରହିଛି। ଇଷ୍ଟ ବେଙ୍ଗଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଚଳିତ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶାର ଏହା ୭ମ ମ୍ୟାଚରୁ ୨ୟ ଡ୍ର'। ସ୍ପୋର୍ଟ୍ସ ଓଡ଼ିଶା ଏହାର ପ୍ରଥମ ୫ଟି ମ୍ୟାଚରେ ପରାଜୟବରଣ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ୭ ଦଳୀୟ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶା ୨ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନରେ ରହିଛି। ଅପରପକ୍ଷରେ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟତମ ମହିଳା ଫୁଟ୍‌ବଲ୍ ଦଳ ଓଡ଼ିଶା ଏଫ୍‌ସି ୬ ମ୍ୟାଚ ଖେଳି ୫ ବିଜୟ ଓ ଗୋଟିଏ ଡ୍ର' ସହ ୧୬ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ଫେବୃଆରୀ ୪ରେ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

● ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍ ମାରାଥନ୍

ବହୁସଂଖ୍ୟାରେ ଭାଗ ନେବାକୁ ଭଜିଙ୍କ ଆହ୍ୱାନ

ଭୁବନେଶ୍ୱର,୩୦।୧ (ସମିସ): ଟାଟା ଷ୍ଟିଲ ଆନୁକୂଲ୍ୟରେ ଫେବୃଆରୀ ୪ରେ ମେରାମଣ୍ଡଳୀଠାରେ ଆୟୋଜିତ ହେବ ହାଫ୍ ମାରାଥନ୍। ବନ୍ୟଜନ୍ତୁଙ୍କ ସୁରକ୍ଷା ଲାଗି ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟନେଇ ଏହି ମାରାଥନ ଆୟୋଜନ କରାଯାଉଛି। ଢେଙ୍କାନାଳ ଜିଲ୍ଲା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟରେ ଥିବା ବନ୍ୟଜନ୍ତୁ ଓ ଅନ୍ୟମାନଙ୍କୁ ସୁରକ୍ଷା ଦେବା ସକାଶେ ସଚେତନ କରାଇବାକୁ ଏହି ମାରାଥନରେ ବହୁସଂଖ୍ୟାରେ ଯୋଗଦେଇ ଏହାକୁ ସଫଳ କରାଇବାକୁ ପୂର୍ବତନ ଭାରତୀୟ କ୍ରିକେଟର ତଥା ରାଜ୍ୟସଭା ସଦସ୍ୟ ହରଭଜନ ସିଂ ଆବେଦନ କରିଛନ୍ତି। ଏହି ମାରାଥନ ୩ଟି କାଟେଗୋରୀରେ ଆୟୋଜିତ ହେବ। ଏହା ମଧ୍ୟରୁ ୨୧ କିମି, ୧୦ କିମି ଓ ୫ କିମିରେ ମାରାଥନ ଅନୁଷ୍ଠିତ ହେବ। ଏହା ସଫଳ ହେଲେ ବନ୍ୟପ୍ରାଣୀ ସୁରକ୍ଷିତ ହେବେ ବୋଲି ଭଜି କହିଛନ୍ତି। ଏପରି ଏକ ସଚେତନତା କାମ ଲାଗି ଆଗେଇଆସିଥିବାରୁ ଆୟୋଜକ ଟାଟା ଷ୍ଟିଲ ଓ ଜିଲ୍ଲା ପ୍ରଶାସନକୁ ଭଜି ଧନ୍ୟବାଦ ଜଣାଇଛନ୍ତି।

୪ ୱିକେଟରେ ଜିତିଲା ରାଜସ୍ଥାନ

କଟକ, ୩୦।୧(ସମିସ): ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶାକୁ ୪ ୱିକେଟରେ ରାଜସ୍ଥାନ ପରାସ୍ତ କରିଛି। ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀରେ ଅନୁଷ୍ଠିତ ଉକ୍ତ ମ୍ୟାଚରେ ରାଜସ୍ଥାନ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୫୦ ଓଭରରେ ଦଳ ୯ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଲିସ୍ପା ବିଶ୍ୱାଳ ଅପରାଜିତ ୫୭ ରନର ଉପଯୋଗୀ ପାଳି ଖେଳିଥିଲେ। ରାଜସ୍ଥାନ ପକ୍ଷରୁ ଏ.ଏସ୍.ପି ମାହେଶ୍ୱରୀ ସର୍ବାଧିକ ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ଦୀକ୍ଷା ସାଇନିଙ୍କ ୬୫ ରନ ବଳରେ ରାଜସ୍ଥାନ ୬ ୱିକେଟ ହରାଇ ୪୮ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଶା ପକ୍ଷରୁ ତରଣୀ ପ୍ରଧାନ ଓ ସୂର୍ଯ୍ୟସ୍ନାତା ସ୍ୱାଇଁ ୨ଟି ଲେଖାଏ ୱିକେଟ ଅକ୍ଟିଆର କରିଛନ୍ତି।

ବଚନ-ଭୀମସେନ ମେମୋରିଆଲ ଫୁଟ୍‌ବଲ

ଝାରସୁଗୁଡ଼ାକୁ ହରାଇ ସେମିରେ ବଲାଙ୍ଗିର

ସମ୍ବଲପୁର, ୩୦।୧(ସମିସ): ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଜିଲ୍ଲା ବର୍ଷିୟାନ କ୍ରୀଡ଼ା ସଂଘ ପକ୍ଷରୁ ପଶ୍ଚିମ ଓଡ଼ିଶା ଆନ୍ତଃ ଜିଲ୍ଲା ବିଜୟ ବାହାଦୁର ସିଂ (ବଚନ) ଓ ଭୀମସେନ ଛତର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗିର ସେମିରେ ପହଞ୍ଚିଛି। ମଙ୍ଗଳବାର ଖେଳରେ ଝାରସୁଗୁଡ଼ା ଜିଲ୍ଲା ଓ ବଲାଙ୍ଗିର ଜିଲ୍ଲା ମଧ୍ୟରେ ହୋଇଥିଲା। ଏହି ମ୍ୟାଚ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨-୨ ଗୋଲ ଦେବା ଫଳରେ ଫଳାଫଳ ଅମୀମାଂସିତ ରହିଥିଲା। ଝାରସୁଗୁଡ଼ାର କାହ୍ନା ଭୋଇ ଓ ପ୍ରତାପ କିସାନ ଏବଂ ବଲାଙ୍ଗିର ପକ୍ଷରୁ ବ୍ରଜ ନାୟକ ଓ ଭୁପତି ଡିଲ୍ଲା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଶେଷରେ ଟାଇବ୍ରେକର ସହଯୋଗ ନିଆଯାଇଥିଲା। ଏଥିରେ ବଲାଙ୍ଗିର ୪-୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ଏହି ମ୍ୟାଚରେ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝାରୁସୁଗୁଡ଼ା ଜିଲ୍ଲାର ୧୦ ନମ୍ବର ଖେଳାଳି ପ୍ରତାପ କିସାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ରେଫରୀ ସୁବତ୍ର ପୁରୋହିତ, ପଞ୍ଚାନନ ପାତ୍ର, ମଥୁରା ଓରାମ, ଅରୁଣ ଭୋଇ ଖେଳ ପରିଚାଳନା କରିଥିଲେ।

କ୍ରୀଡ଼ାବିତ୍‌ଙ୍କ ପୁରସ୍କାର ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ

ଭୁବନେଶ୍ୱର,୩୦।୧ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ସଫଳତା ପାଇଥିବା କ୍ରୀଡ଼ାବିତ୍ (ସମସ୍ତ) ଓ ପ୍ରଶିକ୍ଷକଙ୍କୁ ଦିଆଯାଉଥିବା ପୁରସ୍କାର ବା ପ୍ରୋତ୍ସାହନ ରାଶି ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ କରାଯାଇଛି। ଏହି ନିର୍ଦ୍ଦେଶାବଳୀ ସମସ୍ତ ସକ୍ଷମ ଓ ଭିନ୍ନକ୍ଷମଙ୍କ ଲାଗି ଲାଗୁହେବ। ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଜଣେ ଖେଳାଳି ତାଙ୍କ ଜୀବନକାଳ ମଧ୍ୟରେ ସର୍ବାଧିକ ୯ କୋଟି ଟଙ୍କା ପୁରସ୍କାର ସରକାରଙ୍କଠାରୁ ପାଇବେ। ଏହାଠାରୁ ଅଧିକ ପୁରସ୍କାର ମିଳିବ ନାହିଁ।

ଏହି ନିର୍ଦ୍ଦେଶାବଳୀରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଜଣେ ଖେଳାଳି ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଲେ ମଧ୍ୟ ଗୋଟିଏ ପଦକ ଲାଗି ପୁରସ୍କାର ଦିଆଯିବ। କୌଣସି ଇଭେଣ୍ଟରେ ସ୍ୱର୍ଣ୍ଣ, ରୌପ୍ୟ କିମ୍ବା କାଂସ୍ୟ ପଦକ ଜିତିଲେ , ଏହା ମଧ୍ୟରେ ଶ୍ରେଷ୍ଠ ସଫଳତା ଅର୍ଥାତ୍ ସ୍ୱର୍ଣ୍ଣ ପଦକ ଲାଗି ସରକାର ପୁରସ୍କୃତ କରିବେ। ସେହିପରି ବିଭିନ୍ନ ପୋଜିସନ ଲାଗି ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି। ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଥିବା ପ୍ରତିଯୋଗୀମାନଙ୍କୁ କେବଳ ଥରେ ବା ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କାର ଦିଆଯିବ।

ଆଉ ଏକ ମୁଖ୍ୟ ସଂଶୋଧନ ହେଲା, ଯେଉଁ ଖେଳାଳି ପ୍ରଥମବର୍ଷ ପୁରସ୍କାର ପାଇଥିବେ, ସେହି ଖେଳାଳି ସମାନ ଇଭେଣ୍ଟରେ ପରବର୍ଷ ଅଧିକ ସଫଳତା ପାଇଲେ ତାଙ୍କୁ ପୁରସ୍କାର ରାଶି ଦିଆଯିବ। ନଚେତ ପୁରସ୍କାର ମିଳିବ ନାହିଁ। ପୁରସ୍କାର ପ୍ରଦାନ ଲାଗି ଖେଳାଳି କିମ୍ବା ପ୍ରଶିକ୍ଷକଙ୍କ ନାମ ବିଚାରକୁ ନିଆଗଲା ବେଳେ ଶ୍ରେଷ୍ଠ ପ୍ରଦର୍ଶନକୁ ସର୍ବଦା ଆଧାର କରି ପୁରସ୍କାର ଦିଆଯିବ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶାବଳୀରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି।

ସୋଆ ଗ୍ରାଣ୍ଡମାଷ୍ଟର

୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ମୁସୀରଙ୍କ ଦ୍ୱିତୀୟ ଶତକ

ନ୍ୟୁଜିଲାଣ୍ଡକୁ ୨୧୪ ରନରେ ହରାଇଲା ଭାରତ

ବ୍ଲୋମଫେଣ୍ଟେନ୍, ୩୦।୧(ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପରେ ଭାରତ ସୁପର-୬ ପର୍ଯ୍ୟାୟରେ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମାନଗାଉଙ୍ଗ ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ମୁକାବିଲାରେ ଭାରତ ୨୧୪ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୫୦ ଓଭରରେ ୮ ୱିକେଟ ହରାଇ ୨୯୫ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନପାରି ୨୮.୧ ଓଭରରେ ମାତ୍ର ୮୧ ରନରେ ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ମୂଲ୍ୟବାନ ଦୁଇ ୱିକେଟ ନେବା ସହ ୧୨୬ ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୩ ଛକା ସହ ୧୩୧ ରନର ଶତକୀୟ ପାଳି ଖେଳିଥିବା ମୁସିର ଖାନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମୁସିର ଏଥିସହ ଟୁର୍ଣ୍ଣାମେଣ୍ଟରେ ଦୁଇଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଆମେରିକା ବିପକ୍ଷ ଗ୍ରୁପ୍ ମୁକାବିଲାରେ ସେ ୭୬ ରନର ଉପଯୋଗୀ ପାଳି ଖେଳିଥିଲେ। ସେହିପରି ଅୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ୧୦୬ ବଲର ସମ୍ମୁଖୀନ ହୋଇ ୧୧୮ ରନର ଶତକୀୟ ପାଳି ଖେଳିଥିଲେ। ଭାରତ ୨ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନେପାଳକୁ ଭେଟିବ। ୬ ପଏଣ୍ଟ ହାସଲ କରି ଭାରତ ଏବେ ସୁପର-୬ ଗ୍ରୁପ୍-୧ରେ ଶୀର୍ଷରେ ରହିଛି। ପୂର୍ବରୁ

ଭାରତ ଗ୍ରୁପ୍ ପର୍ଯ୍ୟାୟରେ ବାଂଲାଦେଶ, ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସୁପର-୬ ଚାଲୁ ରହିବ।

ସୌମ୍ୟଙ୍କୁ ୪ ୱିକେଟ, ଆଦର୍ଶଙ୍କ ଅର୍ଦ୍ଧଶତକ

ନ୍ୟୁଜିଲାଣ୍ଡ ତରଫରୁ ଅଧିନାୟକ ଓସ୍କାର ଜ୍ୟାକ୍‌ସନ ୧୯, ଜ୍ୟାକ କମିଙ୍ଗ ୧୬, ଆଲେକ୍ସ ଥମ୍ପସନ ୧୨ ଓ ଜେମ୍ସ ନେଲସନ ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଭାରତ ପାଇଁ ସୌମ୍ୟ ପାଣ୍ଡେ ୪, ରାଜ ଲିମ୍ବାନୀ ଓ ମୁସିର ଖାନ୍ ୨ଟି ଲେଖାଏ, ନମନ ତିୱାରୀ ଓ ଅର୍ଶନୀ କୁଲକର୍ଣ୍ଣୀ ଗୋଟିଏ କରି ୱିକେଟ ଅକ୍ତିଆର କରିଥିଲେ। ସୌମ୍ୟ ଏଥିସହ ଟୁର୍ଣ୍ଣାମେଣ୍ଟରେ ୧୨ ୱିକେଟ ଅକ୍ତିଆର କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ମୁସିରଙ୍କ ଶତକକୁ ବାଦ୍ ଦେଲେ ଓପନର ଆଦର୍ଶ ସିଂ ୫୨, ଅଧିନାୟକ ଉଦୟ ସରନ ୩୪, ଆରାଭେଲି ଅବିନାଶ ୧୭, ସଚିନ ଧାସ୍ ୧୫, ପ୍ରିୟାଂଶୁ ମୋଲିଆ ୧୦ ରନ ସଂଗ୍ରହ କରିଥିଲେ। ଆଦର୍ଶ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ମୁସିରଙ୍କ ସହ ସେ ଦ୍ୱିତୀୟ ୱିକେଟରେ ୭୭ ବଲରୁ ୭୭ ରନ ସଂଗ୍ରହ କରିଥିଲେ। ମୁସିର ମଧ୍ୟ ସରନଙ୍କ ସହ ତୃତୀୟ ୱିକେଟରେ ୧୧୩ ବଲରୁ ୮୭ ରନର ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡର ମାସନ କ୍ଲାର୍କ ସର୍ବାଧିକ ୪ ୱିକେଟ ନେଇଥିଲେ। ନ୍ୟୁଜିଲାଣ୍ଡର ୭ ଖେଳାଳି ବୋଲିଂ କରିଥିଲେ।

ବିମାନରେ ଅସୁସ୍ଥ ହେଲେ ମୟଙ୍କ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରୱାଲ ବିମାନରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଅଗରତାଲାରୁ ଦଳ ସହ ସୁରଟ ଯିବା ବାଟରେ ବିମାନରେ ହିଁ

ତାଙ୍କୁ ମୁହଁ ଓ ଗଳାରେ ପୋଡିବା ଭଳି ଲାଗିଥିଲା। ତାଙ୍କର ବାରମ୍ବାର ବାନ୍ତି ହୋଇଥିଲା। ଫଳରେ ତୁରନ୍ତ ତାଙ୍କୁ ଅଗରତାଲାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି। ଏବେ ସେ ବିପଦମୁକ୍ତ ବୋଲି ହସ୍ପିଟାଲ ତରଫରୁ କୁହାଯାଇଛି। ଚଳିତ ରଣଜୀ ଟ୍ରଫିରେ ୩୨ ବର୍ଷୀୟ ମୟଙ୍କ କର୍ଣ୍ଣାଟକ ଦଳର ନେତୃତ୍ୱ ନେଉଛନ୍ତି। ବୋତଲରେ ବନ୍ଦ ଥିବା ପାଣି ପିଇବା ଫଳରେ ତାଙ୍କର ଏପରି ଅବସ୍ଥା ହୋଇଛି ବୋଲି କୁହାଯାଉଛି। ଅସୁସ୍ଥ ହେବା ପରେ ସେ ଓ ଟିମ୍ ମ୍ୟାନେଜର ରମେଶ ମଧ୍ୟ ବିମାନରୁ ଓହ୍ଲାଇ ଯାଇଥିଲେ। ଆସନ୍ତା ୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ରେଳବାଇ ବିପକ୍ଷ ରଣଜୀ ମ୍ୟାଚ୍ ସେ ଖେଳିବେ ନାହିଁ ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ସେ ୪୬୦ ରନ ସଂଗ୍ରହ କରିଛନ୍ତି। ଏଥିରେ ଦୁଇଟି ଶତକ ସାମିଲ ରହିଛି। ଭାରତ ପାଇଁ ସେ ଏପର୍ଯ୍ୟନ୍ତ ୨୧ଟି ଟେଷ୍ଟ ଖେଳିଛନ୍ତି ଓ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଆଇପିଏଲ୍ ଖେଳୁଛନ୍ତି।

ଦୀପ୍ତିଙ୍କୁ ଡିସିପି ଚାକିରି ସହ ୩ କୋଟି ଟଙ୍କା ପୁରସ୍କାର

ଲକ୍ଷ୍ନୌ, ୩୦।୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ଉତ୍ତର ପ୍ରଦେଶ ସରକାର ସମ୍ମାନିତ କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୩ କୋଟି ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ଉତ୍ତର ପ୍ରଦେଶ ପୋଲିସରେ ୨୬ ବର୍ଷୀୟା ଦୀପ୍ତିଙ୍କୁ ଡେପୁଟୀ ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିସିପି) ଭଳି ଉଚ୍ଚ ପଦରେ ଚାକିରି ଦେଇଛନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ପ୍ରମୁଖ ଉପସ୍ଥିତ ରହିଥିଲେ।

ଭାରତୀୟ ମହିଳା କ୍ରିକେଟ୍ ଦଳରୁ ପ୍ରତିନିଧିତ୍ୱ କରୁଥିବା ଦୀପ୍ତି ଗତ କିଛି ବର୍ଷ ଧରି ଲଗାତର ପ୍ରଭାବୀ ପ୍ରଦର୍ଶନ କରିଆସୁଛନ୍ତି। ଗତବର୍ଷ ଚୀନର ହାଙ୍ଗଝୋଉରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଦୀପ୍ତିଙ୍କ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ଜିତିଥିଲା। ଦୀପ୍ତି ଭାରତ ପକ୍ଷରୁ ୪ ଟେଷ୍ଟ, ୮୬ ଏକଦିବସୀୟ ଓ ୧୦୪ ଟି-୨୦ ମ୍ୟାଚ୍ ଖେଳି ସର୍ବମୋଟ୍ ୩ ହଜାରରୁ ଊର୍ଦ୍ଧ୍ୱ ରନ ସହ ୨୨୯ ୱିକେଟ୍ ନେଇଛନ୍ତି।

ଏସିସି ଅଧ୍ୟକ୍ଷ ପଦ ଛାଡ଼ି ପାରନ୍ତି ଜୟ ଶାହ

ଆଇସିସି ଅଧ୍ୟକ୍ଷ ପଦ ଲାଗି ଲଢ଼ିବେ ନିର୍ବାଚନ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ଜୟ ଶାହ ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ଅଧ୍ୟକ୍ଷ ପଦ ଛାଡି ପାରନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଶାହା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢିବେ। ତେଣୁ ସେ ଏସିସି ପଦ ଛାଡିବାର ଯଥେଷ୍ଟ ସମ୍ଭାବନା ରହିଛି। ମଙ୍ଗଳବାରଠାରୁ ଇଣ୍ଡୋନେସିଆର ବାଲିରେ ଏସିସିର ବାର୍ଷିକ ସାଧରଣ ବୈଠକ ଅନୁଷ୍ଠିତ ହେବ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ନିର୍ବାଚନ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଏସିସିର ପ୍ରସାରଣ ଅଧିକାର

ନେଇ ନିଷ୍ପତ୍ତି ନିଆଯିବ। ନଭେମ୍ବରରେ ଆଇସିସି ଅଧ୍ୟକ୍ଷ ପାଇଁ ନିର୍ବାଚନ ହେବ। ଅନ୍ୟପଟେ ପ୍ରତି ଦୁଇବର୍ଷରେ ଥରେ ଏସିସି ଅଧ୍ୟକ୍ଷ ପାଇଁ ନିର୍ବାଚନ କରାଯାଇଥାଏ। ଜୟ ଏସିସି ଅଧ୍ୟକ୍ଷ ଭାବେ ଗୋଟିଏ ବର୍ଷ କାର୍ଯ୍ୟ କରିସାରିଛନ୍ତି। ଆସନ୍ତା ନିର୍ବାଚନ ପୂର୍ବରୁ ସେ ପଦ ଛାଡିବାର ଯଥେଷ୍ଟ ସମ୍ଭାବନା ରହିଛି। ଏସିସି ବୈଠକରେ ମଧ୍ୟ ଶାହା ଆଇସିସି ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢ଼ିବେ କି ନା ସେ ନେଇ ସ୍ଥିର କରାଯିବ। ଏସିସିର ମିଡିଆ ରାଇଟ୍ସ ଏବେ ଷ୍ଟାର ସ୍ପୋର୍ଟ୍ସ ପାଖରେ ରହିଛି। ଏଥିସହ ଆଗାମୀ ଏସିଆ କପ୍‌ର ଭେନ୍ୟୁ ନେଇ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ନିଆଯିବ।

● ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ

ସ୍ନେହାଙ୍କୁ ସ୍ୱର୍ଣ୍ଣ; ଅପରାଜିତା-ସନ୍ଧ୍ୟାଙ୍କୁ କାଂସ୍ୟ

ସ୍ନେହା ସୋରେନ

ସନ୍ଧ୍ୟାରାଣୀ ନାୟକ

ଭୁବନେଶ୍ୱର, ୩୦।୧ (ସମିସ): ଚଣ୍ଡିଗଡ଼ରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ (ପୁରୁଷ) ଏବଂ ଉତ୍ତର-ପୂର୍ବ ଜୋନାଲ (ମହିଳା) ଭାରୋତ୍ତୋଳନରେ ମଙ୍ଗଳବାର ଓଡ଼ିଶାକୁ ୩ଟି ପଦକ ସଫଳତା ମିଳିଛି। ୫୫ କିଗ୍ରା ଓଜନବର୍ଗରେ ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଅପରାଜିତା ଭୂୟାଁ ଓ ସନ୍ଧ୍ୟାରାଣୀ ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ୩ଜଣ ଭାରୋତ୍ତୋଳିକା ବର୍ତ୍ତମାନ ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଜାନୁଆରୀ ୩୧ରେ ଉଦ୍‌ଯାପିତ ହେବ।

ବୋପନ୍ନା; ବୟୋଜ୍ୟେଷ୍ଠ ଶୀର୍ଷ ମାନ୍ୟତା ଖେଳାଳି

ଲଣ୍ଡନ, ୩୦।୧ (ଏଜେନ୍ସି): ଭାରତୀୟ ଟେନିସ ତାରକା ରୋହନ ବୋପନ୍ନା କ୍ୟାରିୟର ଶ୍ରେଷ୍ଠ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଏଟିପି ପକ୍ଷରୁ ସଦ୍ୟ ପ୍ରକାଶିତ ପୁରୁଷ ଯୁଗଳ ମାନ୍ୟତାରେ ବୋପନ୍ନା ଶୀର୍ଷ ସ୍ଥାନରେ ରହିଛନ୍ତି। ୪୩ ବର୍ଷ ଓ ୩୩୧ ଦିନରେ ଏକ ନମ୍ବର ସ୍ଥାନ ହାସଲ କରି ବୋପନ୍ନା ପୁରୁଷ ଟେନିସରେ ଶୀର୍ଷ ମାନ୍ୟତା ପାଇବାରେ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ସେହିଭଳି ଲିଆଣ୍ଡର ପେସ୍, ମହେଶ ଭୂପତି ଓ ସାନିଆ ମିର୍ଜାଙ୍କ ପରେ ଟେନିସ ର୍‌ୟାଙ୍କିଙ୍ଗର ନମ୍ବର-୧ ସ୍ଥାନରେ ରହିବାରେ ସେ ୪ର୍ଥ ଭାରତୀୟ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି।

ଗତ ରବିବାର ବୋପନ୍ନା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ପୁରୁଷ ଯୁଗଳରେ ଚାମ୍ପିଅନ ହୋଇଥିଲେ। ସେ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଖେଳିଥିଲେ। ଏବଡେନ ବର୍ତ୍ତମାନ ପୁରୁଷ ଯୁଗଳ ମାନ୍ୟତାରେ ବିଶ୍ୱର ୨ୟ ସ୍ଥାନରେ ରହିଛନ୍ତି। ଏଥିସହ ବୋପନ୍ନା ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ଆଶା ମଧ୍ୟ ଉଜ୍ଜିବୀତ ହୋଇଛି। ଆଗାମୀ ଜୁନ ଶେଷ ସୁଦ୍ଧା ଯେଉଁ ଖେଳାଳି ମାନ୍ୟତାର ଟପ୍-୧୦ରେ ରହିଥିବ ସେ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏଥିସହ ନିଜ ଦେଶର ଟପ୍-୩୦୦ ମାନ୍ୟତା ମଧ୍ୟରେ ରହିଥିବା ଜଣେ ଖେଳାଳିଙ୍କୁ ସାଥୀ କରି ଅଲିମ୍ପିକ୍ସରେ ଭାଗନେବ।

● ଏଫ୍‌ଆଇଏଚ୍ ୫ -ଏ ସାଇଡ୍ ବିଶ୍ୱକପ୍

କେନିଆକୁ ହରାଇଲା ଭାରତ

ମସ୍କଟ,୩୦।୧(ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପୁରୁଷ ୫-ଏ ସାଇଡ୍ ହକି ବିଶ୍ୱକପ୍‌ରେ ଭାରତ ୫ମ-୮ମ ସ୍ଥାନ କ୍ଲାସିଫିକେସନ ମ୍ୟାଚ୍‌ରେ ମଙ୍ଗଳବାର କେନିଆକୁ ୯-୪ ଗୋଟରେ ପରାସ୍ତ କରିଛି। ଭାରତ ପାଇଁ ଉତ୍ତମ ସିଂ ୫ମ, ୨୫ ଓ ୨୬ତମ ମିନିଟ୍‌ରେ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେହିପରି ମହମ୍ମଦ ରାହିଲ ୧୭ ଓ ୨୫ତମ, ମନଜିତ ଷଷ୍ଠ, ପବନ ରାଜଭର ୧୦ମ, ମନଦୀପ ମୋର ୧୫ତମ ଓ ଗୁରଜୋତ ସିଂ ୨୮ ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅପରପକ୍ଷରେ କେନିଆ ପାଇଁ ମୋସେସ୍ ଆଡେମ୍ବା ୧୨, ୧୪, ୨୭ତମ ମିନିଟରେ ଓ ଅଧିନାୟକ ଇଭାନ ଲୁଡିଆଲି ୨୪ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ପୂର୍ବରୁ ଭାରତ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍‌ଠାରୁ ୭-୪ ଗୋଲ୍‌ରେ ପରାଜିତ ହୋଇଥିଲା।

ଫେବ୍ରୁଆରୀ ୩ରୁ ଆରମ୍ଭ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଲାଗି କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ମହିଳା ହକି ଦଳର ପ୍ରସ୍ତୁତି।

ଓଡ଼ିଶାର କ୍ୱାର୍ଟର ଫାଇନାଲ ଆଶା

ଘରୋଇ ପରିବେଶର ଫାଇଦା ନେବ ଓଡ଼ିଶା

କଟକ, ୩୦।୧(ସମିସ): ହିମାଚଳ ପ୍ରଦେଶକୁ ୨୩୮ ରନରେ ପରାସ୍ତ କରି ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲ ଆଶାକୁ ଅଧିକ ମଜବୁତ କରିଛି। ମଧ୍ୟପ୍ରଦେଶ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ମଧ୍ୟ ଚଳିତ ଥର ଓଡ଼ିଶା ଇନିଂସ ଅଗ୍ରଣୀ ପଏଣ୍ଟ ହାତେଇଛି। ଦଳ ୯ ପଏଣ୍ଟ ପାଇଁ ଏଲିଟ ଗ୍ରୁପ-ସି'ର ୫ମ ସ୍ଥାନରେ ରହିଥିବା ବେଳେ ଟେବଲ୍‌ର ଶୀର୍ଷ ଦୁଇ ସ୍ଥାନକୁ ଉନ୍ନୀତ ହେବା ଦଳର ମୁଖ୍ୟ ଲକ୍ଷ୍ୟ। ୪ଟି ମ୍ୟାଚ୍ ଶେଷ ହୋଇଛି। ଲିଗ ପର୍ଯ୍ୟାୟରେ ଆଉ ୩ଟି ମ୍ୟାଚ୍ ବାକି। ତେବେ ଏହା ଭିତରୁ ଓଡ଼ିଶା ଘରୋଇ ପରିବେଶ ତଥା ବାରବାଟୀ ଷ୍ଟାଡିୟମରେ ପରବର୍ତ୍ତୀ ଦୁଇଟି ଯାକ ମ୍ୟାଚ୍ ଖେଳିବ। ଘରୋଇ ଗ୍ରାଉଣ୍ଡରୁ ଫାଇଦା ଉଠାଇ ଏଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ନିମନ୍ତେ ଓଡ଼ିଶା ନିକଟରେ ଯଥେଷ୍ଟ ସମ୍ଭାବନା ରହିଛି। ପ୍ରକାଶଥାଉକି, ୨୦୧୯-୨୦ ସଂସ୍କରଣରେ ଓଡ଼ିଶା ଅନ୍ତିମ ଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ଆସନ୍ତା ୨ ତାରିଖରୁ ବାରବାଟୀ ଷ୍ଟାଡିୟମରେ ପଣ୍ଡିଚେରୀ ବିପକ୍ଷ ମ୍ୟାଚ୍ ଆରମ୍ଭ ହେବ। ଉକ୍ତ ମ୍ୟାଚ୍ ନିମନ୍ତେ ବାରବାଟୀରେ ପ୍ରସ୍ତୁତ ପିଚ୍ ଉଭୟ ବ୍ୟାଟିଂ ଓ ବୋଲିଂ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ କୁହାଯାଇଛି। ଗତ ଦୁଇଟି ମ୍ୟାଚ୍ ମଧ୍ୟ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ଖେଳିଥିଲା। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଜମ୍ମୁ ଓ କାଶ୍ମୀର ଠାରୁ ସଂଘର୍ଷ କରି ପରାସ୍ତ ହୋଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ହିମାଚଳପ୍ରଦେଶକୁ ଶୋଚନୀୟ ଭାବେ ହରାଇଥିଲା। ପୁଡୁଚେରୀକୁ ପରାସ୍ତ କଲେ ଦଳ ସିଧାସଳଖ ୩ୟ ସ୍ଥାନକୁ ଉନ୍ନୀତ ହୋଇପାରେ। ଉତ୍ତରାଖଣ୍ଡ ଓ ଦିଲ୍ଲୀକୁ ହରାଇ ପୁଡୁଚେରୀ କଟକରେ ପହଞ୍ଚିଛି। ଏଣୁ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଆଗାମୀ ମ୍ୟାଚ୍ ରୋମାଞ୍ଚକ ହେବା ନିଶ୍ଚିତ। ବୁଧବାର ଉଭୟ ଓଡ଼ିଶା ଏବଂ ପଣ୍ଡିଚେରୀ ଦଳ ବାରବାଟୀରେ ଅଭ୍ୟାସ କରିବେ।

ଡ୍ରିମ୍ସରେ ସନ୍ଦୀପ ଓ ରାଜେଶଙ୍କ ଡ୍ରିମ୍ ପରଫର୍ମାନ୍ସ

ଓଡ଼ିଶାର ଦୁଇ ଯୁବ ତାରକାଙ୍କ ଉପରେ ଏବେ ପ୍ରତିପକ୍ଷ ଦଳର ନଜର। ଏହି ଦୁଇ ଖେଳାଳି ହେଲେ ବ୍ୟାଟିଂରେ ସନ୍ଦୀପ ପଟ୍ଟନାୟକ ଏବଂ ବୋଲିଂରେ ରାଜେଶ ମହାନ୍ତି। ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ଗତ ଦୁଇ ମ୍ୟାଚ୍‌ରେ ଏମାନେ ପ୍ରଶଂସନୀୟ ପ୍ରଦର୍ଶନ କରିଛନ୍ତି। ଡ୍ରିମସରେ ଅନୁଷ୍ଠିତ ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ସଂଘର୍ଷପୂର୍ଣ୍ଣ ଶତକ(୧୦୦ରନ) ହାସଲ କରିଥିଲେ। ଏଠାରେ ଖେଳାଯାଇଥିବା ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓପନିଂ ସୁଯୋଗ ପାଇଥିବା ସନ୍ଦୀପ ପୁଣି ଏକ ଶତକୀୟ ପାଳି(୧୫୦ରନ) ଖେଳି ଦଳ ବିଜୟରେ ଅଗ୍ରଣୀ ଭୂମିକା ତୁଲାଇଥିଲେ। ସେହିପରି ମିଡିୟମ ପେସର ରାଜେଶ ଏଠାରେ ୨ଟି ମ୍ୟାଚ୍‌ରୁ ୧୮ଟି ୱିକେଟ ପାଇଛନ୍ତି। ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌ର ଉଭୟ ପାଳିରେ ତାଙ୍କୁ ୫ଟି ଲେଖାଏ ୱିକେଟ ମିଳିଥିଲା। ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟ ପାଳିରେ ସେ ପୁଣି ଥରେ ୫ଟି ୱିକେଟ ହାସଲ କରି ଓଡ଼ିଶାକୁ ପ୍ରଥମ ବିଜୟ ସ୍ୱାଦ ଚଖାଇବାରେ ସହଯୋଗ କରିଥିଲେ।

ନନ୍ଦିଘୋଷ TV

ନନ୍ଦିଘୋଷ ଟିଭି ନିମ୍ନଲିଖିତ ପଦବୀ ପାଇଁ ପ୍ରାର୍ଥୀ ଆବଶ୍ୟକ କରୁଅଛି।
ପ୍ରାର୍ଥୀ ୩ ଦିନ ମଧ୍ୟରେ ଆମକୁ ଆବେଦନ କରିପାରିବେ।

୧. ରିପୋର୍ଟର : (ଉଭୟ ଫ୍ରେସର ଏବଂ ଅଭିଜ୍ଞ)
୨. ସ୍କ୍ରଲ୍ କପି ଏଡିଟର : (ଅନ୍ୟୁନ ୩ ବର୍ଷର ଅଭିଜ୍ଞତା)
୩. ବୁଲେଟିନ୍ ପ୍ରୋଡ୍ୟୁସର: (ଅନ୍ୟୁନ ୫ ବର୍ଷର ଅଭିଜ୍ଞତା)

ଆବେଦନ କରିବାର ଠିକଣା:
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ପ୍ଲଟ୍ ନଂ.: ୯୦ ଏବଂ ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍,
ଭୁବନେଶ୍ୱର - ୭୫୧